NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
THURSDAY
5 SEPTEMBER 2024
ଗୁରୁବାର
୫ ସେପ୍ଟେମ୍ବର ୨୦୨୪
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 109 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୧୦୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଜିଲ୍ଲା ଗସ୍ତ କରିବେ ସଚିବ




**ପ୍ରତିମାସରେ 'ସଚିବମାନଙ୍କ ଆବଣ୍ଟିତ ଜିଲ୍ଲା' ବଦଳିବ**

**୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ**

**ଯେକୌଣସି ଗୋଟିଏ ପଞ୍ଚାୟତକୁ ପରିଦର୍ଶନ କରିବେ**

**ଆକାଂକ୍ଷୀ ବ୍ଲକଗୁଡ଼ିକରେ ବିକାଶମୂଳକ କାର୍ଯ୍ୟ ଦେଖିବେ**

ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:

ରାଜ୍ୟର ସବୁ ଜିଲ୍ଲାକୁ ସଚିବମାନେ ଗସ୍ତରେ ଯିବେ । ସେମାନଙ୍କୁ ଆଜି ଜିଲ୍ଲା ଆବଣ୍ଟିତ ହୋଇଛି । ପ୍ରତିମାସରେ 'ସଚିବମାନଙ୍କ ଆବଣ୍ଟିତ ଜିଲ୍ଲା' ବଦଳିବ । ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଆଜି ସମସ୍ତ ବିଭାଗର ସଚିବ ଓ ଅନ୍ୟ ୮ଜଣ ନିର୍ଦ୍ଦେଶକ ପାହ୍ୟାର ଅଫିସରଙ୍କୁ ଚିଠି ଲେଖି ଜିଲ୍ଲା ଗସ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଆବଣ୍ଟିତ ଜିଲ୍ଲାକୁ ପରିଦର୍ଶନ କରିବା ପାଇଁ ୨-୩ଦିନର ଯୋଜନା ପ୍ରସ୍ତୁତ କରିବା ସହ ଅନ୍ୟ ୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି । ଏହି ଆଇଏଏସ୍ ଅଫିସରମାନଙ୍କୁ ଆବଣ୍ଟିତ ଜିଲ୍ଲାର ଯେକୌଣସି ସ୍ଥାନକୁ ନିଜ ଇଚ୍ଛା ଅନୁସାରେ ପରିଦର୍ଶନରେ ଯାଇପାରିବେ । ତେବେ ଏଥିରେ ଅପହଞ୍ଚ ଓ ଆଦିବାସୀ ବହୁଳ ଅଞ୍ଚଳକୁ ସାମିଲ କରିବାକୁ କୁହାଯାଇଛି । ଗସ୍ତ ସମୟରେ ସେମାନେ ଯେକୌଣସି ଗୋଟିଏ ପଞ୍ଚାୟତକୁ ପରିଦର୍ଶନ କରି ସେଠାରେ ସରକାରଙ୍କ ବିଭିନ୍ନ ଯୋଜନାରେ ମୌଳିକ ସୁବିଧାଗୁଡ଼ିକ କିଭଳି ଉପଲବ୍ଧ ହେଉଛି ତାହା ତଦାରଖ କରିବେ । ଏହାସହିତ ଦିନକୁ ଅତିକମରେ ଧାର୍ଯ୍ୟ ମୂଲ୍ୟଦେଇ ଆହାର କେନ୍ଦ୍ର, ଆବାସିକ ଛାତ୍ରାବାସ, ସ୍କୁଲ ମଧ୍ୟାହ୍ନଭୋଜନ ଅବା ଅନାଥ ଆଶ୍ରମରେ ଭୋଜନ କରି ଖାଦ୍ୟର ଗୁଣବତ୍ତା ଓ ସେଠାକାର ପରିବେଶ ପରିସ୍ଥିତି ଉପରେ ଦୃଷ୍ଟି ଦେବେ । ଏହି ସମୟରେ ସେମାନେ ଛାତ୍ରଛାତ୍ରୀ ଓ ଅନ୍ତେବାସୀଙ୍କ ସହ ଆଲୋଚନା କରି ସେଠାରେ ଉପଲବ୍ଧ ସୁରକ୍ଷା, ସୁବିଧାସୁଯୋଗ ଓ ସେମାନଙ୍କ ପ୍ରତି କରାଯାଉଥିବା ଆଚରଣ ପଚାରି ବୁଝିବେ । କେବଳ ସେତିକି ନୁହେଁ ଜିଲ୍ଲା ଗସ୍ତବେଳେ ବିଭିନ୍ନ ବର୍ଗର ଲୋକ, ହସ୍ପିଟାଲରେ ଚିକିତ୍ସିତ ରୋଗୀ, ଅଙ୍ଗନୱାଡ଼ି ହିତାଧିକାରୀ, ସ୍କୁଲ ଓ ହଷ୍ଟେଲର ଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ସମୀକ୍ଷା କରିବା ସହ ଜିଲ୍ଲାରେ ଥିବା ବନ୍ଦର, ବିମାନ ବନ୍ଦର, ଶିଳ୍ପ କାର୍କ ଓ କରିଡୋର, ମେଡିକାଲ କଲେଜ, ବୃହତ୍ ଜଳସେଚନ ପ୍ରକଳ୍ପଗୁଡ଼ିକ ଓ ନୂଆ ପ୍ରକଳ୍ପ ଆଦିର ସମୀକ୍ଷା ମଧ କରିବେ । ଜିଲ୍ଲାରେ ଯଦି ଟ୍ରେନି ଆଇଏଏସ୍ ଥିବେ ସେମାନଙ୍କ ସହ ମଧ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । କ୍ଷେତ୍ର ପରିଦର୍ଶନ ପରେ ଅତିକମରେ ଅଧାଦିନ ସମ୍ପୃକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ଅଫିସରମାନେ ନିଜସ୍ୱ ମନ୍ତବ୍ୟ ଦେବେ । ଏସବୁ ବ୍ୟତୀତ ୮ଟି ଡିଏମଏଫ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି ଓ ଓମବାଡ଼ସି ପାଣ୍ଠିର ବିନିଯୋଗ ଏବଂ ୨୯ଟି ଆକାଂକ୍ଷୀ ବ୍ଲକଗୁଡ଼ିକରେ ବିକାଶମୂଳକ କାର୍ଯ୍ୟର ମଧ ସମୀକ୍ଷା କରିବେ ।

ପ୍ରତିମାସରେ ଜିଲ୍ଲା ଗସ୍ତରୁ ଫେରିବା ପରେ ଗସ୍ତର ସାରାଂଶ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କୁ ଅବଗତ ପାଇଁ ରିପୋର୍ଟ କରି ପଠାଇବେ । ରାଜ୍ୟ ସରକାର ସମସ୍ତ ସୁବିଧା ଓ ଅଧିକ ସ୍ୱଚ୍ଛତା ପାଇଁ ଖୁବଶୀଘ୍ର ଏ ସମ୍ବନ୍ଧରେ ଏକ ୱେବପୋର୍ଟାଲ ଖୋଲି ପରିଦର୍ଶନ ଟିପ୍ପଣୀଗୁଡ଼ିକୁ ଅପଲୋଡ୍ କରିବେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି । ଚଳିତ ମାସରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଗତସିଂହପୁର ଜିଲ୍ଲା ଆବଣ୍ଟିତ ହୋଇଥିବାବେଳେ ଦେଓରଞ୍ଜନ ସିଂହ- ଅନୁଗୁଳ, ସୁରେନ୍ଦ୍ର କୁମାର-କଟକ, ଜି ମାଥିଭାଥାନନ- କେନ୍ଦ୍ରାପଡ଼ା, ହେମନ୍ତ ଶର୍ମା- କେନ୍ଦୁଝର, ବିଷ୍ଣୁପଦ ସେଠୀ- ମାଲକାନଗିରି, ଚିତ୍ରା ଅରୁମୁଗମ- କୋରାପୁଟ, ସୁଶୀଲ କୁମାର ଲୋହାନୀ- କଳାହାଣ୍ଡି, ଅରବିନ୍ଦ କୁମାର ପାଢ଼ୀ- ଖୋର୍ଦ୍ଧା, ଶାଶ୍ୱତ ମିଶ୍ର- ବରଗଡ଼, ବୀରବିକ୍ରମ ଯାଦବ- ବଲାଙ୍ଗୀର, ବିଶାଳ ଦେବ- ନୂଆପଡ଼ା, ଉଷା ପାଢ଼ୀ- କନ୍ଧମାଳ, ସଞ୍ଜୟ କୁମାର ସିଂ- ମୟୂରଭଞ୍ଜ, ସୁରେଶ କୁମାର ବଶିଷ୍ଠ- ପୁରୀ, ଶୁଭା ଶର୍ମା- ଗଜପତି, ଭାସ୍କରଜ୍ୟୋତି ଶର୍ମା- ନବରଙ୍ଗପୁର, ଶାଳିନୀ ପଣ୍ଡିତ- ରାୟଗଡ଼ା, ଏସ.ଅଶ୍ୱଥି- ସୁନ୍ଦରଗଡ଼, ରାଜେଶ ପ୍ରଭାକର ପାଟିଲ-ଦେବଗଡ଼, ଅରବିନ୍ଦ ଅଗ୍ରୱାଲ- ସମ୍ବଲପୁର, ବଳବନ୍ତ ସିଂ-ଗଞ୍ଜାମ, ଭୂପେନ୍ଦ୍ର ସିଂ ପୁନିଆ- ଝାରସୁଗୁଡ଼ା, ଯାମିନୀ ଷଡ଼ଙ୍ଗୀ- ସୋନପୁର, ଗୁହା ପୁନମ ତାପସ କୁମାର- ଭଦ୍ରକ, ବିଜୟକେତନ ଉପାଧ୍ୟାୟ- ବୌଦ୍ଧ, ପ୍ରଶାନ୍ତ କୁମାର ରେଡ୍ଡୀ- ବାଲେଶ୍ୱର, ଏନ.ଥିରୁମାଳା ନାଏକ- ନୟାଗଡ଼, ସୁଧାଂଶୁ ମୋହନ ସାମଲ- ଢେଙ୍କାନାଳ ଓ ରଶ୍ମୀତା ପଣ୍ଡାଙ୍କୁ ଯାଜପୁର ଜିଲ୍ଲା ଆବଣ୍ଟିତ କରାଯାଇଛି ।

## ଭାଙ୍ଗିଲା 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'

ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:

ବିଜେଡି ସରକାର ସମୟରେ ଗଠନ ହୋଇଥିବା 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'କୁ ଆଜିର ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଥିବା ସମସ୍ତ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତାକୁ ମଧ୍ୟ ରାଜ୍ୟ ସରକାର ସମାପ୍ତ କରିଛନ୍ତି । ତତକାଳୀନ ବିଜେଡି ସରକାର ଆଦିବାସୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୨୦୧୭ ମସିହାରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏବଂ ୨୦୨୩ ମେ' ମାସରେ ଆଉ ୧୪ଟି ଜିଲ୍ଲାରେ 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ' ବା ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ(ଏସଡିସି) ଗଠନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ରାଜ୍ୟର ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭଙ୍ଗ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ରାଜ୍ୟରେ ଥିବା ସମସ୍ତ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତା ସମାପ୍ତ ହୋଇଛି । ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଜେଡି ସରକାର ୨୦୧୭ ମସିହାରେ ମୟୂରଭଞ୍ଜ, କେନ୍ଦୁଝର,ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ । ଏହାର ଅଧକ୍ଷ ଓ ସଦସ୍ୟ ପଦବୀରେ ବିଜେଡିର ନେତାମାନଙ୍କୁ ଥଇଥାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୨୩ ମେ' ମାସରେ ଆଉ ୧୪ଟି ଜିଲ୍ଲାରେ ଏହି ପରିଷଦ ଗଠନ ହୋଇଥିଲା ।

## ବାର୍ଡ ଫ୍ଲୁ ନେଇ କେନ୍ଦ୍ରୀୟ ଟିମ୍ର ତଦନ୍ତ ଆରମ୍ଭ



ନିମାପଡ଼ା,ବଲଙ୍ଗା,୪।୯/ଏନ୍ଏନ୍ଏସ୍:

ପୁରୀ ଜିଲ୍ଲାରେ ଚିନ୍ତା ବଢ଼ାଇଛି ବାର୍ଡ-ଫ୍ଲୁ । ନିମାପଡ଼ା ବ୍ଲକ ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତରେ ବାର୍ଡ-ଫ୍ଲୁ ଚିହ୍ନଟ ହୋଇଛି । ଆଜି ଅପରାହ୍ନରେ କେନ୍ଦ୍ର ସରକାରଙ୍କ ତିନି ଜଣିଆ ପ୍ରାଣୀ ରୋଗ ବିଶେଷଜ୍ଞ ଟିମ୍ ପହଞ୍ଚି କୋଠକୁସାଙ୍ଗ ବ୍ରଏଲର ଫାର୍ମ ସମେତ ଏକ କିଲୋମିଟର ଭିତରେ ଥିବା ଦାସପୁରୁଷୋତ୍ତମପୁର, ବାଲିପଦା, ବକୁଗ୍ରାମ ଫାର୍ମରେ ତଦନ୍ତ ଚଳାଇଛନ୍ତି । ଏହି ଟିମ୍ରେ ଡଃ ଅଭିଜିତ ମିତ୍ରା, ଡଃ ଅଧିରାଜ ମିଶ୍ରା ଓ ଡାକ୍ତର ରାମାଶିସ ହାଜେରା ଅଛନ୍ତି । ବୁଧବାର କୋଠକୁସାଙ୍ଗଗ୍ରାମର ଚାଷୀ ଅତୁଲ୍ୟ ନାରାୟଣ ସିଂହଙ୍କ ବ୍ରଏଲର ଫାର୍ମରେ ପହଞ୍ଚି ତଦନ୍ତ କରିବା ସହ ପଚରା ଉଚରା କରିଥିଲେ । ଡଃ ଅଭିଜିତ୍ ମିତ୍ରା କହିଥିଲେ ଯେ ଏହି ରୋଗ କୁକୁଡ଼ାମାନଙ୍କ ପାଖରେ ଦେଖାଯାଏ । ଜଙ୍ଗଲରେ ରହୁଥିବା ପକ୍ଷୀ ଓ ଗାଇମାନଙ୍କ କ୍ଷେତ୍ରରେ ଦେଖାଦିଏ । ମନୁଷ୍ୟ ଶରୀରରେ ମଧ ଦେଖାଦେଇପାରେ । ଚିହ୍ନଟ ହୋଇଥିବା କୁକୁଡ଼ା ଫାର୍ମ ଚାଷୀଙ୍କୁ ଆଇସୋଲେସନରେ ରହିବା ପାଇଁ ତାଗିଦ୍ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଭେଟେନାରୀ ସର୍ଜନ୍ ଡଃ ରାଜେଶ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶକ ଡଃ ପ୍ରଦୀପ କୁମାର ସେଠ୍, ଅତିରିକ୍ତ ନିର୍ଦ୍ଦେଶକ ଡଃ ମିହିର ନାୟକ, ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଅଧିକାରୀ ଉମାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସୋମବାର ସ୍କୁଲ ଛୁଟି

ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ଅବସରରେ ଆସନ୍ତା ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିବାକୁ ଆଜି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପୂର୍ବରୁ ଗତ ଅଗଷ୍ଟ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେପ୍ଟେମ୍ବର୯ ତାରିଖକୁ ଛୁଟି ଘୋଷଣା କରିଥିଲେ । ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପଡୁଛି । ତେବେ ସେହିଦିନ ରବିବାର । ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖକୁ ଅର୍ଥାତ୍ ଆସନ୍ତା ସୋମବାରକୁ ମୁଖ୍ୟମନ୍ତ୍ରୀ ଛୁଟି ଘୋଷଣା କରିଛନ୍ତି । ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ଦ୍ଦେଶରେ କହିଥିଲେ ।

## କେରଳ ଓ ତ୍ରିପୁରାକୁ ୫କୋଟି ଲେଖାଏଁ ଦେବ ଓଡ଼ିଶା

ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:



ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ କେରଳ ଓ ତ୍ରିପୁରାକୁ ୫କୋଟି ଟଙ୍କା ଲେଖାଏଁ ସହାୟତା ଦେବାକୁ ଓଡ଼ିଶା ଘୋଷଣା କରିଛି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ସହାୟତା ଅର୍ଥ ଦିଆଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ପାଇଁ ସମବେଦନା ବ୍ୟକ୍ତ କରିଛନ୍ତି । ଉଭୟ ରାଜ୍ୟରେ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ଓଡ଼ିଶା ସହଯୋଗର ହାତ ବଢ଼ାଇବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ବିପର୍ଯ୍ୟୟ ସମୟରେ ଉଭୟ ରାଜ୍ୟରେ ଥିବା ଓଡ଼ିଆ ଲୋକଙ୍କୁ ସାହାଯ୍ୟ ଓ ସହାୟତା କରିଥିବାରୁ ଶ୍ରୀ ମାଝୀ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ ଓଡ଼ିଶାର ଏହି ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ମାସରେ ଉଭୟ ରାଜ୍ୟରେ ପ୍ରଳୟଙ୍କରୀ ଭୂସ୍ଖଳନ ଓ ବର୍ଷା ଯୋଗୁ ବ୍ୟାପକ ଧନଜୀବନ ନଷ୍ଟ ହୋଇଛି ।

**ଛାତ୍ରଛାତ୍ରୀଙ୍କୁ ଶାରୀରିକ ଦଣ୍ଡ ଦିଆନଯିବା ମାମଲା**

## ହାଇକୋର୍ଟରେ ଜବାବ ଦାଖଲକଲେ ସରକାର

କଟକ,୪।୯/ଏନ୍ଏନ୍ଏସ୍:



ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଦଣ୍ଡ ଦିଆନଯିବା ନେଇ ପଦକ୍ଷେପ ସଂକ୍ରାନ୍ତରେ ରାଜ୍ୟ ସରକାର ହାଇକୋର୍ଟରେ ଆଜି ଜବାବ ଦାଖଲ କରିଛନ୍ତି । ସତ୍ୟପାଠ ମାଧମରେ ଦର୍ଶାଇଯାଇଛି ଯେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଦଣ୍ଡ ଦିଆଯିବା ନେଇ ବିଭିନ୍ନ ଜିଲାରୁ ମୋଟ ୫୭ଟି ଅଭିଯୋଗ ରାଜ୍ୟ ସରକାରଙ୍କର ହସ୍ତଗତ ହୋଇଛି । କେତେକ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଆଉ କେତେକ ତଦନ୍ତ ଚାଲିଛି । ସେଥିରୁ ବାଲେଶ୍ୱର ୫,ବରଗଡ଼ ୧,ବଲାଙ୍ଗୀର ୬, ବୌଦ୍ଧ୨,କଟକ ୩, ଗଞ୍ଜାମ ୨, ଜଗତସିଂହପୁର ୨, ଯାଜପୁର ୬, ଝାରସୁଗୁଡ଼ା ୧, ଖୋର୍ଦ୍ଧା ୬, ମାଲକାନଗିରି ୧, ମୟୁରଭଞ୍ଜ ୫, ରାୟଗଡ଼ା ୨, ସମ୍ବଲପୁର୨, ସୋନପୁର୨ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୧୧ଟି ଅଭିଯୋଗ ରହିଛି । ଯାଜପୁର ଜିଲାର ଏକ ଚତୁର୍ଥ ଶ୍ରେଣୀ ଛାତ୍ରକୁ ଶିକ୍ଷୟିତ୍ରୀ ଉଠବସ୍ କରାଇବା ହେତୁ ଛାତ୍ରର ମୃତ୍ୟୁ ଘଟିବା ନେଇ ରୁଜୁ ମାମଲାରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ।

୨୦୨୩ ନଭେମ୍ବର ୨୧ରେ ଯାଜପୁର ଜିଲା ▶▶ ୭

**ବିଧାୟକଙ୍କ ପେନସନ୍ ଓ ଭତ୍ତା ବୃଦ୍ଧି ପ୍ରସଙ୍ଗ**

## ସରକାରଙ୍କୁ ନିର୍ଦ୍ଦେଶ ଦେଲେ ବାଚସ୍ପତି

ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:



ବିଧାନସଭାରେ ଉଠିଲା ବିଧାୟକଙ୍କ ଭତ୍ତା ଓ ପେନସନ୍ ବୃଦ୍ଧି ପ୍ରସଙ୍ଗ । ଏନେଇ ଶାସକ ଦଳର ବିଧାୟକଙ୍କ ସହ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକମାନେ ମଧ ସମାନ ଦାବି କରିଛନ୍ତି । ଯାହାକୁ ନେଇ ବାଚସ୍ପତି ସୁରମା ପାଢୀ ମଧ ଗୃହରେ ରୁଲିଂ ଦେବା ସହ ସରକାରଙ୍କୁ ବିଧାୟକ ଦାବି ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି କଂଗ୍ରେସ ବିଧାୟକ ତାରା ବାହିନିପତି ଏହି ପ୍ରସଙ୍ଗ ଉଠାଇଥିଲେ । ଏହାପରେ ବିଜେପି ବିଧାୟକ ସନାତନ ବିଜୁଳି ଓ ବିଜେଡ଼ି ବିଧାୟକ ବି ସମାନ ପ୍ରସଙ୍ଗ ଉଠାଇଲେ । ବିଜେପି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଥିଲେ ବର୍ତ୍ତମାନ୍ ଯୁଗରେ ସମସ୍ତଙ୍କୁ ବ୍ଲଡ୍ ପ୍ରେସର ଓ ଡାଇବେଟିସ । ଏଥିପାଇଁ ଖର୍ଚ୍ଚ ବଢୁଛି । ନିର୍ବାଚନୀ ମଣ୍ଡଳୀ ଯିବା ଆସିବାରେ ତେଲ ପୋଡୁଛି । ତେଣୁ ବର୍ତ୍ତମାନ ବିଧାୟକଙ୍କ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନସନ୍ ବୃଦ୍ଧି କରାଯାଉ । କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗୋ ବି ସମାନ ପ୍ରସଙ୍ଗ ଉଠାଇଥିଲେ ।

ଏହି ପରିପ୍ରେକ୍ଷୀରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ▶▶ ୭

## ୭ରୁ ଉପକୂଳରେ ପ୍ରବଳ ବର୍ଷା

ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:

ଆସନ୍ତା ୭ରୁ ରାଜ୍ୟର ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ସୃଷ୍ଟି ହୋଇଛି ପୁଣି ଏକ ଘୂର୍ଣ୍ଣିବଳୟ । ଆସନ୍ତା ୨୪ ଘଣ୍ଟାରେ ତାହା ଲଘୁଚାପର ରୂପ ନେବ । ତେବେ ତାହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର । ଲଘୁଚାପ ପ୍ରଭାବରେ ଆସନ୍ତା କାଲିଠୁ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନାରହିଛି । ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ନେଇ ସତର୍କତା ଜାରି କରାଯାଇଛି । ଆସନ୍ତାକାଲି ଘଡଘଡି ବିଜୁଳି ସହ ବର୍ଷା ନେଇ ୧୮ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଏବଂ ବଲାଙ୍ଗିରକୁ ସତର୍କତା ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ୭୦ ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିଭଳି ୬ ତାରିଖରେ ଦକ୍ଷିଣ ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିପାଇଁ ୧୨ଟି ଜିଲ୍ଲାକୁ ବଜ୍ରପାତ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି । ▶▶ ୭

## ୨୪୭ କୋଟିର ଝୋଟ ବ୍ୟାଗ୍ ବାଣ୍ଟିଥିଲେ ପୂର୍ବ ସରକାର

ଭୁବନେଶ୍ୱର,୪।୯/ଏନ୍ଏସ୍ଏସ୍:



ଗତ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବାଣ୍ଟିଥିଲେ । ଏହା ବାବଦକୁ ୨୪୭ କୋଟି ୩୬ ଲକ୍ଷ ୬୪ ହଜାର ୨୯୭ ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ଏହି ପରିବାରଗୁଡ଼ିକୁ ୧ ହଜାର ଟଙ୍କା ବଣ୍ଟନ କରାଯାଇଥିବା ବେଳେ ଏଥିପାଇଁ ଖର୍ଚ୍ଚ ହୋଇଛି ୯୫୯ କୋଟି ୫ ଲକ୍ଷ ୨୬ ହଜାର ଟଙ୍କା ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ବିଧାନସଭାରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସେଗୁଡ଼ିକୁ ପ୍ରଦାନ କରିବା ପାଇଁ ବର୍ତ୍ତମାନ କିଛି ବ୍ୟବସ୍ଥା ନାହିଁ । ସୂଚନା ଅନୁଯାୟୀ, ଅନୁଗୋଳରେ ୭ କୋଟି ୧୬ ଲକ୍ଷ ୯୭ ହଜାର ୬୦୭ ଟଙ୍କାର ଝୋଟ ବ୍ୟାଗ ବଣ୍ଟନ କରାଯାଇଥିବା ବେଳେ ବାଲେଶ୍ୱରରେ ୧୩ କୋଟି ୪୦ ଲକ୍ଷ ୬ ହଜାର ୩୪୪, ବରଗଡ଼ରେ ୯ କୋଟି ୧୯ ଲକ୍ଷ ୬ ହଜାର ୮୫୪, ଭଦ୍ରକରେ ୮ କୋଟି ୩୮ ଲକ୍ଷ ୧୯ ହଜାର ୯୫୧, ବଲାଙ୍ଗିରରେ ୧୧ କୋଟି ୧୬ ଲକ୍ଷ ୮୦ ହଜାର ୭୮୨, ବୌଦ୍ଧରେ ୨ କୋଟି ୭୯ ଲକ୍ଷ ୫୯ ହଜାର ୩୫୯, କଟକରେ ୧୩ କୋଟି ୧୦ ଲକ୍ଷ ୬୦ ହଜାର ୪୧, ଦେବଗଡ଼ରେ ୨ କୋଟି ୩ ଲକ୍ଷ ୩୯ ହଜାର ୩୩୨, ଢେଙ୍କାନାଳରେ ୭ କୋଟି ୪୮ ଲକ୍ଷ ୩୭ ହଜାର ୩୩୬, ଗଜପତିରେ ୨ କୋଟି ୮୧ ଲକ୍ଷ ୩୬ ହଜାର ୪୧୫, ଗଞ୍ଜାମରେ ୨୦ କୋଟି ୨୩ ଲକ୍ଷ ୭୧ ହଜାର ୩୦୨, ଜଗତସିଂହପୁରରେ ୫ କୋଟି ୧୩ ଲକ୍ଷ ୨୫ ହଜାର ୯୭୪, ଯାଜପୁରରେ ୧୦ କୋଟି ୭୮ ଲକ୍ଷ ୯୧ ହଜାର ୫୦୨, ଝାରସୁଗୁଡ଼ାରେ ୨ କୋଟି ୯୯ ଲକ୍ଷ ୨୦ ହଜାର ୬୮, କଳାହାଣ୍ଡିରେ ୧୦ କୋଟି ୭୫ ଲକ୍ଷ ୧୯ ହଜାର ୭୦୩, କନ୍ଧମାଳରେ ୪ କୋଟି ୭୦ ଲକ୍ଷ ୫୪ ହଜାର ୧୭୨, କେନ୍ଦ୍ରାପଡ଼ାରେ ୯ କୋଟି ୨୬ ଲକ୍ଷ ୬୬ ହଜାର ୨୫୩, କେନ୍ଦୁଝରରେ ୧୦ କୋଟି ୯୩ ଲକ୍ଷ ୬୧ ହଜାର ୨୫୦, ଖୋର୍ଦ୍ଧାରେ ୧୦ କୋଟି ୧୨ ଲକ୍ଷ ୪୦ ହଜାର ୨୫୪, କୋରାପୁଟରେ ୯ କୋଟି ୬୮ ଲକ୍ଷ ୫୭ ହଜାର ୮୬, ମାଲକାନଗିରିରେ ୩ କୋଟି ୯୫ ଲକ୍ଷ ୪୩ ହଜାର ୯୫୨, ମୟୂରଭଞ୍ଜରେ ୧୫ କୋଟି ୭୯ ଲକ୍ଷ ୧୮ ହଜାର ୨୫୩, ନବରଙ୍ଗପୁରରେ ୮ କୋଟି ୨୧ ଲକ୍ଷ ୮ ହଜାର ୭୯୧, ନୟାଗଡ଼ରେ ୫ କୋଟି ୬୮ ଲକ୍ଷ ୮୧ ହଜାର ୭୭୬, ନୂଆପଡ଼ାରେ ୪ କୋଟି ୪୫ ଲକ୍ଷ ୩୩ ହଜାର ୭୦୫, ପୁରୀରେ ୯ କୋଟି ୫୦ ଲକ୍ଷ ୫ ହଜାର ୭୬୭, ରାୟଗଡ଼ାରେ ୬ କୋଟି ୫୮ ଲକ୍ଷ ୮୩ ହଜାର ୬୫୪, ସମ୍ବଲପୁରରେ ୫ କୋଟି ୮୯ ଲକ୍ଷ ୫୨ ହଜାର ୯୫୩, ସୋନପୁରରେ ୩ କୋଟି ୯୩ ଲକ୍ଷ ୮ ହଜାର ୩୩୫ ଓ ସୁନ୍ଦରଗଡ଼ରେ ୧୧ କୋଟି ୧୮ ଲକ୍ଷ ୭୫ ହଜାର ୬୧୨ ଟଙ୍କା ଝୋଟ ବ୍ୟାଗ୍ ବାଣ୍ଟିବା ପାଇଁ ଖର୍ଚ୍ଚ ହୋଇଛି । ଏହିପରି ମୋଟ ୨୪୭ କୋଟି ୩୬ ଲକ୍ଷ ୬୪ ହଜାର ୨୯୭ ଟଙ୍କା ଖର୍ଚ୍ଚ କରାଯାଇଛି । ଅନୁଗୋଳ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଗୁଡ଼ିକୁ ୨୭ କୋଟି ୫୬ ଲକ୍ଷ ୫୬ ହଜାର ବଣ୍ଟନ କରାଯାଇଥିବା ବେଳେ ବାଲେଶ୍ୱରରେ ୫୧ କୋଟି ୭୭ ଲକ୍ଷ ୬୦ ହଜାର, ବରଗଡ଼ରେ ୩୫ କୋଟି ୮୬ ଲକ୍ଷ ୫୮ ହଜାର, ଭଦ୍ରକରେ ୩୨ କୋଟି ୬୦ ଲକ୍ଷ ୧୪ ହଜାର, ବଲାଙ୍ଗିରରେ ୪୪ କୋଟି ୪୦ ଲକ୍ଷ ▶▶ ୭

**ପ୍ୟାରିସ୍ ପାରାଲିମ୍ପିକ୍ସ**

## ଆର୍ଚର ହରବିନ୍ଦର ଜିତିଲେ ସ୍ୱର୍ଣ୍ଣ

ପ୍ୟାରିସ୍,୪।୯/ଏଜେନ୍ସି:




ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତୀୟ ଖେଳାଳି ଦମ୍ଦାର ପ୍ରଦର୍ଶନ ଜାରି ରଖିଛନ୍ତି । ବୁଧବାର ଟୋକିଓ ପାରାଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଆର୍ଚର ହରବିନ୍ଦର ସିଂହ ବୁଧବାର ପୁରୁଷ ବ୍ୟକ୍ତିଗତ ରିକର୍ଭ ଓପନ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଲଗାତାର ବିଜୟ ସହ ଫାଇନାଲ୍ରେ ପ୍ରବେଶ କରିବାରେ ପ୍ରଥମ ଭାରତୀୟ ଆର୍ଚର ହୋଇଥିବା ହରବିନ୍ଦର ସ୍ୱର୍ଣ ପଦକ ମ୍ୟାଚ୍ରେ ପୋଲାଣ୍ଡର ଲୁକାଜ୍ ସିସ୍ଜେକଙ୍କୁ ୪-୦ରେ ହରାଇ ପାରାଲିମ୍ପିକ୍ରେ ଲଗାତାର ଦ୍ୱିତୀୟ ପଦକ ଜିତିଛନ୍ତି । ହରବିନ୍ଦରଙ୍କ ପଦକ ସହ ଚଳିତ ଗେମ୍ସରେ ଭାରତର ପଦକ ସଂଖ୍ୟା ୨୨ରେ ପହଞ୍ଚିଛି । ଏହା ପୂର୍ବରୁ ଆଜି ସଚିନ୍ ସରଜେରାଓ ଖିଲାରୀ ପୁରୁଷ ଶଟ୍ ପୁଟ୍ ଏସ୍ ୪୬ ବର୍ଗରେ ଭାରତ ପାଇଁ ରୌପ୍ୟ ପଦକ ଜିତିଥିଲେ ।ହରବିନ୍ଦର ରାଉଣ୍ଡ ୩୨ରେ ଚୀନା ତାଇପେଇ ସେଙ୍ଗ ଲୁଙ୍ଗ୍-ହୁଇଙ୍କୁ ୭-୩ରେ ହରାଇପରେ ପରେ ଇଣ୍ଡୋନେସିଆର ସୋତିୟାଓ୍ୱାନ୍ ସୋତିୟାଓ୍ୱାନଙ୍କୁ ୬-୨ରେ ହରାଇ କ୍ୱାର୍ଟର୍ ଫାଇନାଲ୍ରେ ପ୍ରବେଶ କରିଥିଲେ । କ୍ୱାର୍ଟର୍ ଫାଇନାଲ୍ରେ ବିଶ୍ୱର ୯ ନଂ. ଖେଳାଳି କଲମ୍ବିଆର ହେକ୍ଟର ଜୁଲିୟୋ ରାମିରେଜ୍ଙ୍କୁ ହରାଇ ସେମିଫାଇନାଲ୍ରେ ପହଞ୍ଚିଥିଲେ । ସେମିଫାଇନାଲ୍ରେ ଇରାନର ମହମ୍ମଦ ରଜା ଅରବ ଆମେରିଙ୍କୁ ୭-୩ରେ ହରାଇ ଫାଇନାଲ୍ରେ ପ୍ରବେଶ ପଦକ ପକ୍କା କରିଥିଲେ ।

ଡ.ଅର୍ଥୋ ପକ୍ଷରୁ ଶିକ୍ଷକ ଦିବସ ପାଳନ

# 'ଗୁରୁଙ୍କ ମାର୍ଗଦର୍ଶନ ବିନା ଏକ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ବ୍ୟର୍ଥ'



**ଚଣ୍ଡିଗଡ଼,୪।୯/ଏଜେନ୍ସି:** ଗୁରୁଙ୍କ ମାର୍ଗଦର୍ଶନ ବିନା ଏକ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ବ୍ୟର୍ଥ ବୋଲି ବ୍ରାଣ୍ଡ ମେସିନ୍ ଭାବରେ ଜଣାଶୁଣା ଉଦ୍ୟୋଗୀ ତଥା ନିବେଶକ ଡକ୍ଟର ସଞ୍ଜୀବ ଜୁନେଜା କହିଛନ୍ତି। ସମସ୍ତ ଶିକ୍ଷକଙ୍କୁ ଶିକ୍ଷକ ଦିବସର ଶୁଭେଚ୍ଛା ଜଣାଇବା ସହ ଜୀବନରେ ଜଣେ ଶିକ୍ଷକଙ୍କ ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଜଣେ ବ୍ୟକ୍ତିର ଜୀବନରେ ଶିକ୍ଷକ କିମ୍ବା ଗୁରୁଙ୍କର ବହୁତ ଅବଦାନ ରହିଛି । ଯେପରି ଏକ ଦୃଢ଼ ମୂଳଦୁଆ ଏକ ଦୃଢ଼ କୋଠା ନିର୍ମାଣ କରେ, ସେହିଭଳି ଜଣେ ଶିକ୍ଷକ ମଧ୍ୟ ଛାତ୍ରଙ୍କ ମୂଳଦୁଆକୁ ଦୃଢ଼ କରି ଭବିଷ୍ୟତ ପାଇଁ ସଫଳତାର କୋଠା ନିର୍ମାଣରେ ସାହାଯ୍ୟ କରନ୍ତି। ସେ କେବଳ ନିଜ ଶିକ୍ଷାର୍ଥୀମାନଙ୍କୁ ସଫଳତାର ଉଚ୍ଚତାକୁ ନେଇଯାଆନ୍ତି ନାହିଁ ବରଂ ଜୀବନରେ ଠିକ୍ ଏବଂ ଭୁଲ୍ ବାଛିବା ପାଇଁ ତାଙ୍କୁ ଏକ ସଠିକ୍ ଉପାୟ ଶିଖାନ୍ତି ଯାହା ଭବିଷ୍ୟତରେ ତାଙ୍କ ପାଇଁ ଲାଭଦାୟକ ହେବ। କୁହାଯାଏ ଯେ ପିଲାଙ୍କ ଜୀବନରେ ମା ସର୍ବଦା ତାଙ୍କର ପ୍ରଥମ ଶିକ୍ଷକ, ଯିଏ ତାଙ୍କୁ ଦୁନିଆ ସହିତ ପରିଚିତ କରାଏ। ଏବଂ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଶିକ୍ଷକମାନଙ୍କୁ ଦିଆଯାଏ, ଯେଉଁମାନେ ତାଙ୍କୁ ସାଂସାରିକ ବୁଝାମଣା ବିଷୟରେ ଅବଗତ କରାନ୍ତି । ଯେପରି କୁମ୍ଭାର ଏକ ପାତ୍ରରେ ମାଟି ଆକୃତି କରେ, ସେହିଭଳି ଜଣେ ଶିକ୍ଷକ ସେମାନଙ୍କ ଛାତ୍ରମାନଙ୍କ ଜୀବନକୁ ଆକୃଷ୍ଟ କରନ୍ତି। ଶିକ୍ଷକମାନଙ୍କ ସହିତ ଆମର ସମ୍ପର୍କ ବିଶ୍ୱାସ ଏବଂ ସମ୍ମାନ ଉପରେ ଆଧାରିତ। ଶିକ୍ଷକ ବିନା ଜୀବନକୁ ସରଳ ଏବଂ ସଫଳ କରିବା ଅସମ୍ଭବ ଅଟେ। ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବା ପାଇଁ ଶିକ୍ଷକ ଦିବସ । ଜୀବନରେ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଶିକ୍ଷକମାନେ ଆମକୁ ଶିକ୍ଷା ଦିଅନ୍ତି। ଏହି ସବୁ ଜିନିଷକୁ ଧ୍ୟାନରେ ରଖି ଡକ୍ଟର ଜୁନେଜା ଡିଭିସା ହର୍ବାଲ୍ସ ପ୍ରା. ଲି. ପ୍ରତିଷ୍ଠା କରିଛନ୍ତି। ଏଥିସହ ସେ କହିଛନ୍ତି ଯେ ଆୟୁର୍ବେଦିକ ଡ.ଅର୍ଥୋ ତେଲ ସହିତ ଆୟୁର୍ବେଦିକ କ୍ୟାପସୁଲ, ଯନ୍ତ୍ରଣାରୁ ମୁକ୍ତି ସ୍ପ୍ରେ ଏବଂ ମଲମ ବଜାରରେ ବହୁ ବର୍ଷରୁ ଉପଲବ୍ଧ। ତେବେ ଭାରତୀୟଙ୍କ ଉଚ୍ଚ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ବଜାରରେ ଷ୍ଟ୍ରଙ୍ଗ ଅଏଲ୍, ପ୍ରିମିୟମ୍ କ୍ୱାଲିଟି ଆଣ୍ଠୁ କ୍ୟାପ୍, ବ୍ୟାକ୍ ସପୋର୍ଟ, ପୋଷ୍ଚର କରିକ୍ଟର ଏବଂ ଆଙ୍କଲେ ବାଇଣ୍ଡର ମଧ୍ୟ ଲଞ୍ଚ କରିଛି। ଆମର ସ୍ୱପ୍ନକୁ ପୂରଣ କରିବା ପାଇଁ ଶିକ୍ଷକମାନେ ଆମକୁ ସଠିକ୍ ରାସ୍ତା ଦେଖାନ୍ତି । ସେମାନଙ୍କ ଯୋଗୁଁ ଆମେ ଆମ ଜୀବନରେ ସଫଳ ହୋଇଥାଉ। ଶିକ୍ଷକମାନେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ମେରୁଦଣ୍ଡ । ଶିକ୍ଷକ ହିଁ ଜୀବନର ପ୍ରକୃତ ଅର୍ଥ ଶିକ୍ଷା ଦିଅନ୍ତି । ପ୍ରତ୍ୟେକ ପରିସ୍ଥିତିରେ ଆମର ପିତାମାତାଙ୍କ ପରି ଜଣେ ଶିକ୍ଷକ, ଆମ ସହିତ ରୁହନ୍ତି, ସୁଖ ହେଉ କି ଦୁଃଖ । କେବଳ ସେମାନଙ୍କର ଆଶୀର୍ବାଦ ହେତୁ, ଆମେ ଅଜ୍ଞତାର ଅନ୍ଧକାରରୁ ଜ୍ଞାନର ଆଲୋକକୁ ଯିବା ବୋଲି ଡକ୍ଟର ଜୁନେଜା କହିଛନ୍ତି।

# ମେଲୋଡ଼ି ଦେଖିବା ସମୟରେ ଭୁଶୁଡ଼ିଲା ଛାତ

**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ବିହାରର ଏକ ଛାତ ଭୁଶୁଡ଼ି ଏକାଧିକ ଲୋକ ଆହତ ହୋଇଛନ୍ତି। ଶହ ଶହ ଲୋକ ଏକ ଟିଣ ଛାତ ଉପରେ ବସି ମେଲୋଡ଼ି ଦେଖିବା ସମୟରେ ଏହି ଅଘଟଣ ଘଟିଛି। ଫଳରେ ଏକାଧିକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିହାର ଛପରରେ ଚାଲିଥିବା ମହାବୀର ମେଳା ସମୟରେ ଏହି ଦୁର୍ଘଟଣା ଘଟିଛି। ମେଳାରେ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗତକାଲି ରାତିରେ ହଜାର ହଜାର ଦର୍ଶକ ମେଲୋଡି ଦେଖିବାକୁ ଉପସ୍ଥିତ ହୋଇଥିଲେ। ମେଲୋଡ଼ିକୁ ଏତେ ଲୋକ ଆସିଥିଲେ ଯେ, ଲୋକଙ୍କୁ ଛିଡ଼ା ହେବାକୁ ବି ଜାଗା ମିଳିନଥିଲା। ଫଳରେ ଶହ ଶହ ଲୋକ ଏକ ଟିଣ ଛାତ ଉପରେ ବସି ମେଲୋଡିର ମଜା ନେଉଥିଲେ। ଏପରିକି କିଛି ମଧ୍ୟ ଗଛରେ ଚଢି ମେଲୋଡି ଦେଖୁଥିଲେ। ଏହି ସମୟରେ ହଠାତ୍ ଟିଣ ଛାତଟି ଭୁଶୁଡ଼ି ତଳେ ଥିବା ଲୋକଙ୍କ ଉପରେ ପଡ଼ିଥିଲା। ଏଥିସହ ଛାତ ଉପରେ ବସିଥିବା ଲୋକେ ମଧ୍ୟ କଚାଡ଼ି ହୋଇ ତଳେ ପଡ଼ିଥିଲେ। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଛାତ ଭୁଶୁଡ଼ି ପଡିବା ସମୟର ଦୃଶ୍ୟ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି।

# ସୁପ୍ରିମକୋର୍ଟରେ ସନ୍ଦୀପ ଘୋଷଙ୍କ ଆବେଦନ

**ନୂଆଦିଲ୍ଲୀ,୪।୯/ଏଜେନ୍ସି:** କୋଲକାତାର ଆର ଜି କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସପାଲ ସନ୍ଦୀପ ଘୋଷ ବୁଧବାର ସୁପ୍ରିମକୋର୍ଟରେ ପହଞ୍ଚି ଆବେଦନ କରିଛନ୍ତି। ଏହି ଆବେଦନରେ କୁହାଯାଇଛି ଯେ ଦୁର୍ନୀତି ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ପୂର୍ବରୁ କୋଲକାତା ହାଇକୋର୍ଟ ତାଙ୍କ ପକ୍ଷର ଶୁଣାଣି କରିନାହାନ୍ତି। ଦୁର୍ନୀତି ଅଭିଯୋଗ ସହିତ ଡାକ୍ତରଖାନାରେ ହୋଇଥିବା ବଳାତ୍କାର ଘଟଣାକୁ ହାଇକୋର୍ଟ ଦେଇଥିବା ମନ୍ତବ୍ୟକୁ ହଟାଇବାକୁ ସନ୍ଦୀପ ଦାବି କରିଛନ୍ତି। ସେପ୍ଟେମ୍ବର ୬ ଶୁକ୍ରବାର ସୁପ୍ରିମକୋର୍ଟ ଏହି ପିଟିସନର ଶୁଣାଣି କରିବେ।

ପ୍ରକାଶ ଯେ ଆର.ଜି. କର ମେଡିକାଲ କଲେଜ ଆର୍ଥିକ ଅନିୟମିତତା ମାମଲାରେ ନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିବାର ଦିନକ ପରେ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ନିଲମ୍ବନ କରିଛି।

ବ୍ରୁନେଇ ସୁଲ୍‌ତାନଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ

# ଦ୍ୱିପାକ୍ଷିକ ସମ୍ପର୍କ ଓ ଭାଗିଦାରୀକୁ ଉନ୍ନତ କରିବାକୁ ସହମତି



## ଦୃଢ଼ ହେବ ଆକ୍ଟ ଇଷ୍ଟ ପଲିସି

**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରୁନେଇର ସୁଲତାନ ହାଜି ହସନାଲ ବୋଲକିଆଙ୍କ ସହ ସାକ୍ଷାତ କରିଛନ୍ତି। ମୋଦୀ ଆଜି ବନ୍ଦର ସେରୀ ବେଗାୱାନର ଇସ୍ତାନା ନୁରୁଲ ଇମାନରେ ପହଞ୍ଚିଥିଲେ, ଯେଉଁଠାରେ ତାଙ୍କୁ ସୁଲତାନ ହାଜି ହସନାଲ ବୋଲକିଆ ଉତ୍ସାହର ସହ ସ୍ୱାଗତ କରିଥିଲେ। ଭବ୍ୟ ନିମନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀ ସୁଲତାନଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କ ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ବଢ଼ାଇବା ପାଇଁ ଭାରତର ଗଭୀର ଇଚ୍ଛାକୁ ପ୍ରତିଫଳିତ କରୁଛି । ଏବେ ଦଶମ ବର୍ଷରେ ପହଞ୍ଚିଥିବା 'ଆକ୍ଟ ଇଷ୍ଟ ପଲିସି'କୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ତାଙ୍କର ଏହି ଗସ୍ତ ହୋଇଛି ବୋଲି ସେ ଆଲୋକପାତ କରିଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ଓ ଭାଗିଦାରୀକୁ ଉନ୍ନତ କରିବାକୁ ସହମତ ହୋଇଥିଲେ। ପ୍ରତିରକ୍ଷା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଖାଦ୍ୟ ନିରାପତ୍ତା, ଶିକ୍ଷା, ଶକ୍ତି, ମହାକାଶ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଦକ୍ଷତା ବୃଦ୍ଧି, ସଂସ୍କୃତି ଏବଂ ଲୋକଙ୍କ ମଧ୍ୟରେ ଆଦାନ ପ୍ରଦାନ ଭଳି ବିଭିନ୍ନ ପ୍ରସଙ୍ଗରେ ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଆଇସିଟି, ଫିନଟେକ୍, ସାଇବର ସିକ୍ୟୁରିଟି, ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତି ବିଦ୍ୟା ଏବଂ ଅକ୍ଷୟ ଶକ୍ତି ଭଳି କ୍ଷେତ୍ରରେ ସହଯୋଗ କରିବାକୁ ସେମାନେ ରାଜି ହୋଇଥିଲେ। ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏବଂ ମହାମହିମ ସୁଲତାନ ମତ ବିନିମୟ କରିଥିଲେ । ଉଭୟ ନେତା ସମସ୍ତ ପ୍ରକାର ଆତଙ୍କବାଦକୁ ନିନ୍ଦା କରିବା ସହ ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ ଦେଇଛନ୍ତି। ଏସିଆନ୍ -ଭାରତ ବ୍ୟାପକ ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ନେତା ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏସିଆନ୍ ଜଳବାୟୁ ପରିବର୍ତ୍ତନ କେନ୍ଦ୍ରର ଆୟୋଜନ ପାଇଁ ବ୍ରୁନେଇ ଦାରୁସଲାମଙ୍କ ପ୍ରୟାସକୁ ଭାରତର ସମର୍ଥନ କରିଥିବାରୁ ମଧ୍ୟ ମହାମହିମ ପ୍ରଶଂସା କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କର ଏବଂ ବ୍ରୁନେଇର ପରିବହନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମହାମହିମ ପେଙ୍ଗିରାନ୍ ଡାମ୍‌ହାରୀ ପେଙ୍ଗିରାନ୍ ଡାଟୋ ମୁସ୍ତାଫାଙ୍କ ଦ୍ୱାରା ଉପଗ୍ରହ ଏବଂ ଉତକ୍ଷେପଣ ଯାନ ପାଇଁ ଟେଲିମେଟ୍ରି, ଟ୍ରାକିଂ ଏବଂ ଟେଲିକମାଣ୍ଡ ଷ୍ଟେସନର ପରିଚାଳନାରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର ଏବଂ ବିନିମୟ ହୋଇଥିଲା । ବନ୍ଦର ସେରି ବେଗାୱାନ ଏବଂ ଚେନ୍ନାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ସେମାନେ ସ୍ୱାଗତ କରିଥିଲେ। ଆଲୋଚନା ପରେ ଏକ ମିଳିତ ବିବୃତି ଗୃହୀତ ହୋଇଥିଲା। ଆଜି ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଭାରତ-ବ୍ରୁନେଇ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ ଓ ମଜଭୁତ କରିବ।

ହିମାଚଳପ୍ରଦେଶ ବିଧାନସଭାରେ ବିଲ୍ ପାରିତ

# ଦଳବଦଳ କରିଥିବା ବିଧାୟକଙ୍କୁ ମିଳିବନି ଭତ୍ତା



**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ହିମାଚଳପ୍ରଦେଶର କଂଗ୍ରେସ ସରକାର ବିଧାନସଭାରେ ଏକ ନୂତନ ବିଲ୍ ପାରିତ କରିଛନ୍ତି। ଏହି ବିଲ୍ ବିଧାୟକମାନଙ୍କୁ ମିଳୁଥିବା ଭତ୍ତା ଉପରେ ଉଦ୍ଦିଷ୍ଟ। ନୂଆ ବିଲ୍ ଅନୁସାରେ, ଯଦି କୌଣସି ବିଧାୟକ ରାଜନୈତିକ କ୍ୟାରିଅରରେ ଦଳବଦଳ କରିଥାନ୍ତି, ତେବେ ତାଙ୍କୁ ଭତ୍ତା ବା ପେନସନ୍ ମିଳିବ ନାହିଁ। ଆଜି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ହିମାଚଳ ପ୍ରଦେଶ ବିଧାନସଭା (ସଦସ୍ୟଙ୍କ ଭତ୍ତା) ସଂଶୋଧନ ବିଲ୍ ୨୦୨୪ ବିଲ୍ ଆଗତ କରିଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ବିରୋଧ ସତ୍ତ୍ୱେ ବିଲ୍ ପାରିତ ହୋଇଛି। ଏହାପରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ବିଲ୍ ଆଇନରେ ପରିଣତ ହେବା ପରେ କାର୍ଯ୍ୟକାରୀ ହେବ। ଏହି ବିଲକୁ ବିରୋଧକ୍ଷ ଦଳ ବିଧାୟକମାନେ ପ୍ରବଳ ବିରୋଧ କରିଥିଲେ। ଏପରି ଅଣାଯିବା ଦ୍ୱାରା ବିଧାୟକଙ୍କ ଅଧିକାର ଉଲ୍ଲଂଘନ ହେବ ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। କିନ୍ତୁ ଶାସକ କଂଗ୍ରେସ କହିଛି, ରାଜନୀତିରେ ଦୁର୍ନୀତି ହ୍ରାସ କରିବାରେ ଏହି ଆଇନ ସହାୟକ ହେବ। ଏହି ବିଲ୍‌ରେ କୁହାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ସମ୍ବିଧାନର ଦଶମ ସୂଚୀ ଅନୁଯାୟୀ କୌଣସି ସମୟରେ ଦଳବଦଳ କରିଥାନ୍ତି, ତେବେ ଆଇନ ଅନୁଯାୟୀ ସେ ଭତ୍ତା ପାଇବାକୁ ଯୋଗ୍ୟ ହେବେ ନାହିଁ।

ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା

# ସମସ୍ୟା ନଥିବା ସ୍ଥାନରେ କାର୍ଯ୍ୟାରମ୍ଭ ନିର୍ଦ୍ଦେଶ



**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ସ୍ଥାନୀୟ ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ବୁଧବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ ଆଗେଇ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ତେବେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଏହି ପ୍ରକଳ୍ପ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଏବଂ ସମସ୍ୟା ନଥିବା ସ୍ଥାନରେ କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ଅଞ୍ଚଳରେ ଥିବା ଜମି ମାଲିକମାନଙ୍କୁ ସର୍ବାଧିକ କ୍ଷତିପୂରଣ ସହିତ ଜମି ଅଧିଗ୍ରହଣ, ଜବର ଦଖଲ ଉଚ୍ଛେଦ, ପୁରୁଣା ମଠ, ମନ୍ଦିର ଓ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ସହିତ ଏଏସ୍ଆଇର ମାର୍ଗଦର୍ଶିକାର ସଠିକ ଅନୁପାଳନ କରି କିଭଳି ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇ ହେବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥି ସହିତ ୱାଟ୍‌କୋ, ଟିପିସିଓଡିଏଲ୍ ଏବଂ ଅନ୍ୟାନ୍ୟ ସଂସ୍ଥା ପ୍ରମୁଖ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଥିବା ବାକେୟା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା, ଇଞ୍ଜିନିୟର ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜନେତା ଜଗନ୍ନାଥ ପ୍ରଧାନ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଦକ୍ଷିଣୀ ଛୋଟାନାଗପୁର ପ୍ରମଣ୍ଡଳସ୍ତରୀୟ 'ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ସମ୍ମାନ ଯୋଜନା'ର ହିତାଧିକାରୀଙ୍କୁ ସମ୍ମାନ ରାଶି ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ

ଏକ୍ସପ୍ରେସ ଟ୍ରେନ୍‌ରୁ ଖସି ପଡ଼ିଲେ ନାବାଳକ

# ରେଲୱେ ଟ୍ରାକ୍‌ରୁ ଉଦ୍ଧାର କଲା ଆର୍‌ପିଏଫ୍



**ରେଢ଼ାଖୋଲ,୪।୯/ଏନ୍ଏନ୍ଏସ୍:** ଦୁର୍ଗ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସି ପଡ଼ିଥିବା ଜଣେ ୫ ବର୍ଷୀୟ ନାବାଳକଙ୍କୁ ଆରପିଏଫ୍ ଟ୍ରାକ୍ ପାର୍ଶ୍ୱରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲ୍‌ରେ ଭର୍ତ୍ତି କରିଛି। ପ୍ରକାଶ ଯେ ବ୍ରହ୍ମପୁରର ମାନସ ହୋତା, ତାଙ୍କ ୫ ବର୍ଷର ପୁତ୍ର ଓ ପୀଉସା ଦୁର୍ଗ-ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ଛତିଶଗଡ଼ରୁ ଭୁବନେଶ୍ୱର ଆସୁଥିଲେ। ସମସ୍ତେ ସଂରକ୍ଷଣ ବଗିରେ ଆସିଥିଲେ। ରାତି ପ୍ରାୟ ୨ଟା ହେବ। ପ୍ରାୟତଃ ବଗିରେ ସମସ୍ତେ ଶୋଇ ପଡ଼ିଥିଲେ। ଟ୍ରେନ୍‌ର ହର୍ଣ୍ଣ ଓ କର୍କଶ ଶବ୍ଦ ଭିତରେ ସମ୍ପୃକ୍ତ ନାବାଳକଙ୍କ ନିଦ ଭାଙ୍ଗି ଯାଇଥିଲା। ପରେ ଅସାବଧାନତା ଯୋଗୁ ସମ୍ପୃକ୍ତ ନାବାଳକଙ୍କ ଗୋଡ଼ ଖସି ଯାଇଥିଲା। ଆଉ ସେ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ସେ ରେଢ଼ାଖୋଲ ଷ୍ଟେସନରୁ ୪ କି.ମି ଦୂରତାରେ ଅଙ୍ଗାରପଡା ଗାଁ ପାଖ ଜଙ୍ଗଲ ନିକଟରେ ପଡ଼ି ଯାଇଥିଲେ। ସୌଭାଗ୍ୟକୁ ସେ ଟ୍ରାକ୍ ପାର୍ଶ୍ୱରେ ପଡ଼ିଥିଲେ। ରାତି ସାରା ସେହି ଟ୍ରାକ୍ ପାର୍ଶ୍ୱରେ ସେମିତି ଜୀବନ ସହିତ ସଂଘର୍ଷ କରୁଥିଲେ। ତେବେ ଭୋରୁ ଭୋରୁ ସେହି ଟ୍ରାକ୍‌ରେ ଆସୁଥିବା ଏକ ମାଲଗାଡ଼ିର ଲୋକୋ ପାଇଲଟ ସମ୍ପୃକ୍ତ ନାବାଳକଙ୍କୁ ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ରେଢ଼ାଖୋଲ ଷ୍ଟେସନ୍‌କୁ ଖବର ଦେଇଥିଲେ। ଆରପିଏଫ୍ ଟ୍ରାକ୍ ପାର୍ଶ୍ୱରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ରାତିରେ ମାନସ ହୋତା ବର୍ଥରେ ପୁଅକୁ ଦେଖିବାକୁ ନପାଇ ଆରପିଏଫ୍ ହେଲ୍‌ପଲାଇନ୍ ନମ୍ବରରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଯିବା ପରିବର୍ତ୍ତେ ସକାଳେ ଢେଙ୍କାନାଳ ଷ୍ଟେସନ୍‌ରେ ଓହ୍ଲାଇଥିଲେ। ଷ୍ଟେସନ୍‌ରେ ଓହ୍ଲାଇବା ପରେ ପୁଅ ରେଢାଖୋଲ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଖବର ପାଇଥିଲେ ମାନସ। ଏହା ପରେ ମାନସ ଓ ତାଙ୍କ ସମ୍ପର୍କୀୟମାନେ ରେଢାଖୋଲ ଅଭିମୁଖେ ଯାଇଥିଲେ।

'ସଂସ୍ଥାଗତ ବିକାଶ ଯୋଜନା' ଉପରେ ୟୁଜିସିର କର୍ମଶାଳା

# ଉଚ୍ଚଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ଆହ୍ୱାନ

**ନୂଆଦିଲ୍ଲୀ,ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ଭାରତରେ ଥିବା ପ୍ରାୟ ୫୦୦୦ଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ଆହ୍ୱାନ





କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକ ପାଇଁ ସଂସ୍ଥାଗତ ବିକାଶ ଯୋଜନା(ଆଇପିଡି) ଉପରେ ଆୟୋଜିତ ଦିନିକିଆ କର୍ମଶାଳାକୁ ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ୟୁଜିସି ନିୟମାବଳୀ ସଂକଳନକୁ ୟୁଜିସିର ସମସ୍ତ ନିୟମର ଏକକ, ସୁଲଭ ଏବଂ ବିଶ୍ୱସନୀୟ ଉତ୍ସ ଭାବରେ ଉନ୍ମୋଚନ କରିଥିଲେ। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ମୂଲ୍ୟବୋଧ ଏବଂ ବିଚାରକୁ ଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବାରେ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶିକ୍ଷାର ଉଦ୍ଦେଶ୍ୟ ଏବଂ ଢାଞ୍ଚା ଉପରେ ଆଲୋକପାତ କରିବା ସହ ଯୁବବର୍ଗଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦେଶରେ ମୋଟ ନାମଲେଖା ଅନୁପାତକୁ ଦ୍ୱିଗୁଣିତ କରିବା, ଅଧିକାଂଶ ଜନସଂଖ୍ୟାକୁ ଉଚ୍ଚ ଶିକ୍ଷା ପରିସରକୁ ଆଣିବା ପାଇଁ ଶିକ୍ଷା ଜଗତକୁ ସେ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଜନସଂଖ୍ୟାଗତ ସୁବିଧାର ପ୍ରଭାବଶାଳୀ ଉପଯୋଗ, ଶୈକ୍ଷିକ, ଗବେଷଣା ଏବଂ ଇନୋଭେସନ ଉତ୍କର୍ଷତା ହାସଲ କରିବା, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ୫୦୦୦ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଥିବା ମାର୍ଗ ଉପରେ କେନ୍ଦ୍ରମନ୍ତ୍ରୀ ଚର୍ଚ୍ଚା କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଶିକ୍ଷା ଭାରତକୁ ଏକ ଉପଭୋକ୍ତା ଅର୍ଥନୀତିରୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ। ଅନୁଷ୍ଠାନିକ ଉନ୍ନତି ଯୋଜନାରେ ଆମର ବିଶାଳ ଜନସଂଖ୍ୟାର ଦକ୍ଷତା ବୃଦ୍ଧି, ଶିକ୍ଷାର୍ଥୀ-କେନ୍ଦ୍ରୀତ ଏବଂ ବହୁବିଭାଗୀୟ ଶିକ୍ଷାର ସୁବିଧା, ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବା, ଉଦ୍ଭାବନ, ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଗବେଷଣା ଓ ବିକାଶର ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିବା ଉପରେ ପ୍ରାଥମିକତା ଦେବାକୁ ହେବ। ଆମର ଶିକ୍ଷା ଏପରି ହେବା ଦରକାର, ଯେଉଁ ଶିକ୍ଷା ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ ପୂରଣ କରିବା ସହ ସ୍ଥାନୀୟ ଏବଂ ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ। ନୂଆ ମଡେଲ ଏବଂ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ଉପରେ ବିଶ୍ୱର ନଜର ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଜାତୀୟ ପ୍ରାଥମିକତା ହାସଲ ଦିଗରେ ଏକ ସମୟବଦ୍ଧ ଢ଼ଙ୍ଗରେ କାର୍ଯ୍ୟ କରିବାକୁ ଶିକ୍ଷାବିତ୍‌ମାନଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

କୃଷି-ଆର୍ଥିକ ଗବେଷଣା କେନ୍ଦ୍ରର ପ୍ରତିଷ୍ଠା ଦିବସ

# ଗୁଜରାଟର କୃଷିଭିତ୍ତିକ ସଫଳତା ଅନ୍ୟ ରାଜ୍ୟ ପାଇଁ ଆଦର୍ଶ



**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କୃଷି-ଆର୍ଥିକ ଗବେଷଣା କେନ୍ଦ୍ର (ଏଇଆରସି), ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟ, ବଲ୍ଲଭ ବିଦ୍ୟାନଗର, ଗୁଜରାଟର ପ୍ରତିଷ୍ଠାଦିବସ କାର୍ଯ୍ୟକ୍ରମକୁ ଆଜି ସମ୍ବୋଧିତ କରିଛନ୍ତି। ଡକ୍ଟର ମିଶ୍ର ତାଙ୍କ ଅଭିଭାଷଣରେ ଗତ ୨୫ ବର୍ଷ ମଧ୍ୟରେ ଗୁଜରାଟର କୃଷି କ୍ଷେତ୍ରର ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ଆଲୋକପାତ କରି ଜୀବିକା ଭିତ୍ତିକ ଅର୍ଥବ୍ୟବସ୍ଥାରୁ ରାଜ୍ୟ ଏକ ବିବିଧ ଏବଂ ବଜାର ଭିତ୍ତିକ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ବୋଲି କହିଛନ୍ତି। ଗୁଜରାଟର କୃଷିଭିତ୍ତିକ ସଫଳତା ଅନ୍ୟ ଭାରତୀୟ ରାଜ୍ୟମାନଙ୍କ ପାଇଁ ଏକ ଆଦର୍ଶ ଭାବରେ କାର୍ଯ୍ୟ କରୁଛି ବୋଲି ସେ ଜୋର ଦେଇ କହିଛନ୍ତି। ଦୀର୍ଘକାଳୀନ ଉତ୍ପାଦନ ଓ ପରିବେଶର ସୁରକ୍ଷା ପାଇଁ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଆବଶ୍ୟକତା ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ସେ ମୃତ୍ତିକା ପରୀକ୍ଷଣ, ସଂରକ୍ଷଣ ଚାଷ ଭଳି ରଣନୀତି ଏବଂ କୃଷି କାର୍ଯ୍ୟକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ପାଇଁ ରିମୋଟ୍ ସେନ୍ସିଂ, ଜିପିଏସ୍, ଡ୍ରୋନ୍ ଏବଂ ଏଆଇ ଭଳି ଉନ୍ନତ ଜ୍ଞାନକୌଶଳ ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ କୃଷି ବର୍ଜ୍ୟରୁ ଅକ୍ଷୟ ଶକ୍ତି ଓ ଜୈବ ଶକ୍ତି ଉତ୍ପାଦନ ପାଇଁ ସେ ପ୍ରୋତ୍ସାହିତ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଆହ୍ୱାନ ସମ୍ପର୍କରେ ଅବତାରଣା କରି ଡକ୍ଟର ମିଶ୍ର ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଏବଂ କୃଷକମାନଙ୍କ ପାଇଁ ଠିକ୍ ସମୟରେ ପାଣିପାଗ ପରାମର୍ଶ ଦେବା ପାଇଁ ଜଳବାୟୁ-ସ୍ମାର୍ଟ ଅଭ୍ୟାସ ଅବଲମ୍ବନ ପାଇଁ ଆହ୍ୱାନ ଦେଇଛନ୍ତି। କୃଷି ଗବେଷଣା, ବିଶେଷକରି ଜଳବାୟୁ ସହନଶୀଳ ଫସଲ, ଦକ୍ଷତାପୂର୍ଣ୍ଣ ଜଳ ବ୍ୟବହାର ଏବଂ ଅଭିନବ ଖତସାର ବିକାଶରେ ପୁଞ୍ଜିନିବେଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜମି ବ୍ୟବହାର, ଫସଲ ଢାଞ୍ଚା, ଜଳସେଚନ ପଦ୍ଧତି, ବୈଷୟିକ ଜ୍ଞାନକୌଶଳ ଗ୍ରହଣ, ବଜାର ଗତିଶୀଳତା ଏବଂ ଗ୍ରାମୀଣ ସାମାଜିକ-ଆର୍ଥିକ ଢାଞ୍ଚାରେ ଗୁଜରାଟର ଉଲ୍ଲେଖନୀୟ ପରିବର୍ତ୍ତନ ବିଷୟରେ ଡ. ମିଶ୍ର ଆଲୋକପାତ କରିଛନ୍ତି। ଗୁଜରାଟର କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର କିପରି ଭାରତର ଜାତୀୟ ହାର ୫.୭ ପ୍ରତିଶତ ତୁଳନାରେ ୯.୭ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି ସେ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଆଲୋକପାତ କରିଛନ୍ତି ଏବଂ ଏହା ମୁଖ୍ୟତଃ ଆନୁସଙ୍ଗିକ କ୍ଷେତ୍ର ଦ୍ୱାରା ପରିଚାଳିତ ବୋଲି ସେ କହିଛନ୍ତି।

କୃଷି ମହୋତ୍ସବ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଭଳି ପଦକ୍ଷେପର ଉଦାହରଣ ଦେଇ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବାରେ ଗୁଜରାଟର ସଫଳତା ବିଷୟରେ ମଧ୍ୟ ଡକ୍ଟର ମିଶ୍ର ଆଲୋଚନା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଗୁଜରାଟ ହେଉଛି ଭାରତର ପ୍ରଥମ ରାଜ୍ୟ ଯେଉଁଠାରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ କରାଯାଇଥିଲା, ଯାହା ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଉଚ୍ଚ ଉତ୍ପାଦନକାରୀ କିସମ ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ରାଜ୍ୟର ଅଗ୍ରଗତି ଉପରେ ଆଲୋକପାତ କରି ଡ. ମିଶ୍ର ବିଟି କପା ଗ୍ରହଣ କ୍ଷେତ୍ରରେ ଗୁଜରାଟର ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ସେ ଉଲ୍ଲେଖ କରିଛନ୍ତି । ଏହା ଫଳରେ ଅଧିକ ଅମଳ ହୋଇଛି ଏବଂ ବିଶେଷ କରି ଶୁଷ୍କ ଅଞ୍ଚଳରେ କୀଟନାଶକ ବ୍ୟବହାର ହ୍ରାସ ପାଇଛି । ସେ ଜୈବିକ କୃଷି କ୍ଷେତ୍ରରେ ଗୁଜରାଟର ନେତୃତ୍ୱକୁ ପ୍ରଶଂସା କରିବା ସହ ବିହନ ମହୋତ୍ସବ, ଜୈବିକ ଖାଦ୍ୟ ମହୋତ୍ସବ ଏବଂ ଜୈବିକ କୃଷକମାନଙ୍କର ଦ୍ୱିବାର୍ଷିକ ସମ୍ମିଳନୀ ଭଳି କାର୍ଯ୍ୟକଳାପକୁ ମଧ୍ୟ ପ୍ରଶଂସା କରିଛନ୍ତି। ନିକଟରେ ରାଜ୍ୟରେ ପ୍ରାକୃତିକ ଚାଷ ପଦ୍ଧତି ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଡକ୍ଟର ମିଶ୍ର ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗୁଜରାଟର ସଫଳ ସମବାୟ ମଡେଲକୁ ପ୍ରଶଂସା କରିଛନ୍ତି, ଯାହା କୃଷି ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିଛି ଏବଂ ଉଦ୍ୟାନ କୃଷି କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବଜାର ସଂସ୍କାର ସମ୍ପର୍କରେ ଡକ୍ଟର ମିଶ୍ର ଦର୍ଶାଇଛନ୍ତି ଯେ ଆଦର୍ଶ କୃଷି ଉତ୍ପାଦ ବଜାର ସମିତି (ଏପିଏମସି) ଆଇନ କାର୍ଯ୍ୟକାରୀ କରିବାରେ ଗୁଜରାଟ ପ୍ରଥମ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁଥିରେ କୃଷକମାନେ ନିୟନ୍ତ୍ରିତ ବଜାର ବାହାରେ ଉତ୍ପାଦ ବିକ୍ରି କରିପାରିବେ । ୨୦୦୭ ମସିହାରେ ରାଜ୍ୟ ସରକାର କୃଷି ଜାତ ଦ୍ରବ୍ୟ ବିପଣନ ଆଇନରେ ସଂଶୋଧନ କରି ଚୁକ୍ତିଭିତ୍ତିକ ଚାଷ, ପ୍ରତ୍ୟକ୍ଷ ବିପଣନ, ଇ-ଟ୍ରେଡିଂ ଏବଂ କୃଷକ ବଜାର ପ୍ରତିଷ୍ଠା ର ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଡ. କିରିଟ୍ ସେଲାଟ ଓ ଅନ୍ୟମାନଙ୍କ ଦ୍ୱାରା ସମ୍ପାଦିତ ''ଭବିଷ୍ୟତ କୃଷି - ବିକଶିତ ଭାରତ'' ଶୀର୍ଷକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକରେ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ପରିକଳ୍ପନା ସହିତ ଯୋଡ଼ି ହୋଇ ଭାରତୀୟ କୃଷିକ୍ଷେତ୍ରରେ ଉପଲବ୍ଧି, ସମସ୍ୟା ଏବଂ ଆହ୍ୱାନଗୁଡ଼ିକର ସମାଧାନ ଅନୁସନ୍ଧାନ କରାଯାଇଛି। ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ନିରଞ୍ଜନ ପଟେଲ, ଗୁଜରାଟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପିକେ ଲହେରୀ; ଗୁଜରାଟର ପୂର୍ବତନ କୃଷି ସଚିବ ତଥା ଏନସିସିଏସଡିର ଅଧ୍ୟକ୍ଷ ଡକ୍ଟର କିରିଟ ଶେଲାଟ; ଡିଆରଡିଓର ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର କେଶବ ଡି ନାଏକ, ଜୁନାଗଡ଼ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ଏଆର ପାଠକ; ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ.ଭାଇଲାଲ ଭାଇ ପଟେଲ ଏବଂ ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ଉପସ୍ଥିତ ଥିଲେ।

## ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

### ରାଜ୍ୟପାଳଙ୍କୁ ଭେଟିଲା ଭଞ୍ଜ ସେନା

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଓ ବିଶ୍ୱବିଦ୍ୟାଳୟର ବହୁବିଧ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଛି 'ଭଞ୍ଜ ସେନା'। ବିଶ୍ୱବିଦ୍ୟାଳୟରେ ସର୍ବମୋଟ ୧୮ଟି ଶିକ୍ଷା ବିଭାଗ ରହିଛି ଆଉ ଏହିସବୁ ବିଭାଗରେ ୪୨ଟି ଶିକ୍ଷକ ପଦବୀ ଥିବାବେଳେ ବାକି ୫୬ଟି ଶିକ୍ଷକ ପଦବୀ ଖାଲିପଡ଼ିଛି। ସେହିପରି ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ଅତିକମରେ ୫୦ଜଣ ନୂତନ ଅଣଶିକ୍ଷକ ପଦବୀ ସୃଷ୍ଟି କରାଯିବାକୁ ଦାବି କରାଯାଇଛି। ଯେତିକି ଏମ୍ଏସ୍‌ୟୁବି କ୍ୟାମ୍ପସରୁ ଡିଡି ବିଶ୍ୱବିଦ୍ୟାଳୟକୁ ଯାଇଛି, ସେଗୁଡ଼ିକୁ ବାରିପଦା ସ୍ଥିତ କ୍ୟାମ୍ପସରେ ମଧ୍ୟ ଖୋଲାଯିବାକୁ ଦାବି କରାଯାଇଛି। ମୟୂରଭଞ୍ଜର ଆଦିମ ଜନଜାତି ଯେମିତି ମାଙ୍କଡ଼ିଆ, ଖଡିଆ, ବାଥୁଡି ଏସବୁଙ୍କୁ ଶିକ୍ଷାକ୍ଷେତ୍ରରେ ବିଶେଷ ସାହାଯ୍ୟ କରିବା ପାଇଁ ବିଶ୍ୱବିଦ୍ୟାଳରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନ ଗ୍ରୀଡ଼ ସୋଲାର ଲାଇଟ ବ୍ୟବସ୍ଥା ଓ ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲା ଏବଂ ଏହାର ବାସିନ୍ଦାଙ୍କ ଉଚ୍ଚଶିକ୍ଷା ପାଇଁ ଏକମାତ୍ର ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦାନ ବ୍ୟବସ୍ଥାର ସୁଧାର ଆଣିବା ନିମନ୍ତେ ଉପର ଲିଖିତ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାପାଇଁ ଆଜି ଭୁବନେଶ୍ୱରସ୍ଥିତ ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ସେନା ତରଫରୁ କଳିଙ୍ଗ କେଶରୀ ଜେନାଙ୍କ ସମେତ ଏକାଧିକ କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ଯଥାଶୀଘ୍ର ରାଜ୍ୟପାଳ ଏ ବିବାଦର ସମାଧାନ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

# ୧୧୧୪ ହିତାଧିକାରୀଙ୍କ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ



**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ରାଜ୍ୟରେ ନିଜ ଘର ଛାତ ଉପରେ ୧୧୧୪ ଜଣ ସୌରଶକ୍ତି ପ୍ରକଳ୍ପ ବସାଇଛନ୍ତି। ଏଥିରୁ କେବଳ ୫୮୪ ଜଣ ଖୋର୍ଦ୍ଧା ଜିଲ୍ଲାରେ ରହିଥିବାବେଳେ ୫ଟି ଜିଲ୍ଲାରେ ଜଣେ ହେଲେ ହିତାଧିକାରୀଙ୍କ ଛାତ ଉପରେ ଏଭଳି ସୌରପ୍ରକଳ୍ପ ସ୍ଥାପିତ ହୋଇନାହିଁ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଶ୍ରୀ ସିଂହଦେଓ କହିଛନ୍ତି ଯେ ବର୍ତ୍ତମାନ ଆଗ୍ରହୀ ଘରୋଇ ଉପଭୋକ୍ତାଙ୍କ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ କରି ସୌରଶକ୍ତି ଉତ୍ପାଦନ ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ତରଫରୁ ଏକ ଦୁଇ କିଲୋୱାଟ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ଯଥାକ୍ରମେ ୩୦ହଜାର ଓ ୬୦ହଜାର ଟଙ୍କାର ସବସିଡ୍ ମିଳିବାର ବ୍ୟବସ୍ଥା ଥିବାବଳେ ୩ କିଲୋୱାଟ ପାଇଁ ଏହି ସବସିଡ୍ ସୀମା ୭୮ହଜାର ଟଙ୍କା ରହିଛି। ରାଜ୍ୟରେ ପୂର୍ବରୁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରେ ୧୧୧୪ ଜଣ ହିତାଧିକାରୀଙ୍କ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସିଥିବାବେଳେ ଏଥିରୁ ୭.୨୮ ନିୟୁତ ୟୁନିଟ୍ ବିଜୁଳି ଉତ୍ପାଦନ କ୍ଷମତା ରହିଛି। ତେବେ ୧୧୧୪ ହିତାଧିକାରୀଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧା ଜିଲ୍ଲାରେ ୫୮୪ଟି ଥିବାବେଳେ କଟକରେ ୯୯, ସୁନ୍ଦରଗଡ଼ରେ ୮୪, ଗଞ୍ଜାମରେ ୭୫, ସମ୍ବଲପୁରରେ ୫୯ ଜଣ ହିତାଧିକାରୀ ରହିଛନ୍ତି। ତେବେ ନୟାଗଡ଼, ଦେବଗଡ଼, ନୂଆପଡା, ବୌଦ୍ଧ ଓ ମାଲକାନଗିରି ଜିଲ୍ଲାରେ ଜଣେ ହେଲେ କେହି ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସାଇନଥିବାବେଳେ ନବରଙ୍ଗପୁର, କନ୍ଧମାଳ, ସୋନପୁର, କେନ୍ଦ୍ରାପଡା ଭଳି ଜିଲ୍ଲାରେ ଜଣେ କରି ହିତାଧିକାରୀ ରହିଛନ୍ତି। ଏବଂ ଜଗତ୍‌ସିଂହପୁର, କଳାହାଣ୍ଡି, ଓ ଗଜପତି ଜିଲ୍ଲାରେ ୩ଜଣ କରି ହିତାଧିକାରୀ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସାଇଥିବା ଶ୍ରୀ ସିଂହଦେଓ କହିଛନ୍ତି।

### 'ମାଗଣା ବିଜୁଳି ଦେବାର କୌଣସି ବ୍ୟବସ୍ଥା ନାହିଁ'

#### ଯାହାର ସଂଯୋଗ ନାହିଁ, ଆବେଦନ କଲେ ଯୋଗାଇ ଦିଆଯିବ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ନିର୍ବାଚନ ପୂର୍ବରୁ ବିଜେପି ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ କହିଥିଲା। ହେଲେ ନିର୍ବାଚନ ଜିତି ସରକାର ଗଠନ କରିବାକୁ ୩ ମାସ ପୂରିବାକୁ ଥିବା ବେଳେ ଏବେ ନୂଆ ସରକାରଙ୍କର ମାଗଣା ବିଜୁଳି ଯୋଗାଣର କୌଣସି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଛି। ଆଜି ବିଧାନସଭାରେ ବିଜେପି ବିଧାୟକ ମାନସ ଦତ୍ତ ମାଗଣା ବିଜୁଳି ପ୍ରସଙ୍ଗ ଉଠାଇଥିଲେ। ଯାହାର ଉତ୍ତର ଦେଇ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ନୂଆ ସରକାରଙ୍କର ମାଗଣା ବିଜୁଳି ଯୋଗାଇବାର କୌଣସି ବ୍ୟବସ୍ଥା ନାହିଁ। ବିଜେପି ବିଧାୟକ ମାନସ ଦତ୍ତ ପ୍ରଶ୍ନ କରିଥିଲେ କି କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନାରେ ମାଗଣା ବିଜୁଳି ସଂଯୋଗ ଦେଉଛନ୍ତି। ଓଡ଼ିଶା ସରକାର ସେଭଳି ବ୍ୟବସ୍ଥା କରିଛନ୍ତି କି ? ଉତ୍ତରରେ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ମାଗଣା ବିଦ୍ୟୁତ୍ ଦେବାର ବ୍ୟବସ୍ଥା ନାହିଁ। ଯାହାର ସଂଯୋଗ ନାହିଁ, ଆବେଦନ କଲେ ଯୋଗାଇ ଦିଆଯିବ।

## ଓଡ଼ିଶାରୁ ଦୁବାଇ ଗଲା ଡ୍ରାଗନ୍ ଫଳ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଆଜି ସକାଳେ ଭୁବନେଶ୍ୱରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମ ଥର ଲାଗି ଡ୍ରାଗନ ଫଳର ରପ୍ତାନୀ ହୋଇଛି। ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ହୋଇଥିବା ଡ୍ରାଗନ ଫଳ ଦୁବାଇ ରପ୍ତାନୀ ହୋଇଛି। ପୂର୍ବରୁ ଢେଙ୍କାନାଳର ଆମ୍ବ, ବଲାଙ୍ଗିରର ପୋଟଳ ବିଦେଶକୁ ଯାଇସାରିଛି। ଏବେ ସରକାର ମଧ୍ୟ କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦେଇ ଉଦ୍ୟାନ କୃଷିକୁ ଆପଣେଇବାକୁ ପରାମର୍ଶ ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ନିଜକୁ ଜଣେ ଗର୍ବିତ ଚାଷୀ ଭାବେ ପରିଚୟ ଦେଇ କହିଛନ୍ତି ଯେ, କୋଭିଡ ସମୟରେ ନେଇଥିବା ନିଷ୍ପତ୍ତି ଆଜି ଫଳପ୍ରସୂ ହୋଇଛି ଏବଂ ଆଜି ଇଣ୍ଡିଗୋ କାର୍ଗୋ ଯୋଗେ ୪ କୁଇଣ୍ଟାଲ ଡ୍ରାଗନ ଫଳ ଦୁବାଇକୁ ରପ୍ତାନୀ କରାଯାଇଛି। ରାଜନୀତି କରିବା ଭିତରେ ବି ସେ ଚାଷ କାର୍ଯ୍ୟ ଜାରି ରଖିଥିଲେ। ଡ୍ରାଗନ ଫଳର ଚାହିଦା ବିଦେଶରେ ବହୁତ ଅଧିକ। ଏହି ଡ୍ରାଗନ ଫଳ ଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପ୍ରକ୍ରିୟାରେ ହୋଇଛି। ଦିନକୁ ଦିନ ଚାହିଦା ବଢୁଥିବାରୁ ଆଜିର ଦିନରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଚାଷୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ୍ ମଧ୍ୟ ହୋଇପାରୁଛନ୍ତି। ତେଣୁ ସରକାର ମଧ୍ୟ ସେହି ଅନୁରୂପ ଯୋଜନା ସବୁ ଖୁବଶୀଘ୍ର ପ୍ରଣୟନ କରିବେ। ଆଗାମୀ ଦିନରେ ଓଡ଼ିଶାରୁ ଉନ୍ନତ ମାନର କୃଷି ଉତ୍ପାଦ ବଡ଼ ଆକାରରେ ବିଦେଶକୁ ରପ୍ତାନୀ କରାଯିବା ଲକ୍ଷ୍ୟ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଳ ପୱନ କଲ୍ୟାଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଓ 'ଆପେଡ଼ା' ଓ 'ପାଲାଡିୟମ୍'ର ସୀତାକାନ୍ତ ମଣ୍ଡଳ, ବିଶ୍ୱଜିତ ବେହେରା, ଦେବରାତି ଘଟକଳର ସାର୍ଥକ ଦର୍ଶନ ପାଣିଗ୍ରାହୀ, ବିକାଶ ପିଲାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଓମ୍‌ଫେଡ୍ ଦିନକୁ ସଂଗ୍ରହ କରୁଛି ୫ଲକ୍ଷ ଲିଟର ଦୁଗ୍ଧ

**■ଜଗତସିଂହପୁରରୁ ସର୍ବାଧିକ ■କଟକ ଦ୍ୱିତୀୟ ଓ ବଲାଙ୍ଗିର ତୃତୀୟ**

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଓମଫେଡ୍ ଏବେ ଦୁଗ୍ଧ ଚାଷୀଙ୍କ ଠାରୁ ଦୈନିକ ୫ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସବୁଠାରୁ ଅଧିକ ୭୨,୩୩୮ ଲିଟର ଦୁଗ୍ଧ ଜଗତ୍‌ସିଂହପୁର ଜିଲ୍ଲାରୁ ସଂଗ୍ରହ ହେଉଥିବାବେଳେ ଏହା ପଛକୁ କଟକ ଜିଲ୍ଲା ରହିଛି । ଓମଫେଡ୍‌ର ଦୁଗ୍ଧ ସଂଗ୍ରହ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓମଫେଡ୍ ରାଜ୍ୟରୁ ଦୈନିକ ୫ଲକ୍ଷ ୭୦ଲିଟର ଦୁଗ୍ଧ ସଂଗ୍ରହ କରୁଛି । ସର୍ବାଧିକ ଦୁଗ୍ଧ ସଂଗ୍ରହ ଜଗତ୍‌ସିଂହପୁର ଜିଲ୍ଲାରୁ ହୋଇଥିବାବେଳେ ଏ କ୍ଷେତ୍ରରେ କଟକ ଦ୍ୱିତୀୟ ଓ ବଲାଙ୍ଗିର ତୃତୀୟ ସ୍ଥାନରେ ରହିଛି। ବଲାଙ୍ଗିର ଜିଲ୍ଲାରୁ ଦୈନିକ ୪୮,୪୯୫ ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ସବୁଠାରୁ କମ୍ ମାତ୍ର ୩୩୫ ଲିଟର ଦୁଗ୍ଧ ମାଲକାନଗିରି ଜିଲ୍ଲାରୁ ସଂଗ୍ରହ ହେଉଥିବାବେଳେ ଗଜପତିରୁ ୪୪୮, କୋରାପୁଟରୁ ୯୫୧ ଲିଟର ସଂଗ୍ରହ ହେଉଛି। ସେହିଭଳି ରାଜ୍ୟରେ ୧,୨୦,୨୫୭ ଦୁଗ୍ଧ ଚାଷୀ ରହିଛନ୍ତି। ଜଗତସିଂହପୁର ଜିଲ୍ଲାରେ ୧୭ହଜାରରୁ ଅଧିକ ଦୁଗ୍ଧ ଚାଷୀ ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୧୪,୩୪୭, କଟକରେ ୧୩,୮୨୩, ଭଦ୍ରକରେ ୧୨,୩୦୫, ବଲାଙ୍ଗିରରେ ୧୦,୧୨୯ ଦୁଗ୍ଧଚାଷୀ ରହିଛନ୍ତି। ସବୁଠାରୁ କମ୍ ମାତ୍ର ୧୩୯ଜଣ ଦୁଗ୍ଧଚାଷୀ ମାଲକାନଗିରି ଜିଲ୍ଲାରେ ଥିବାବେଳେ ନୟାଗଡ଼ରେ ଏମାନଙ୍କ ସଂଖ୍ୟା ୧୫୫ ରହିଛି। ଦେବଗଡ଼, କୋରାପୁଟ, ରାୟଗଡ଼ା, ନୂଆପଡ଼ା, ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଗ୍ଧ ଚାଷୀଙ୍କ ସଂଖ୍ୟା ୫ଶହରୁ କମ୍ ରହିଛି । ରାଜ୍ୟରେ ଦୁଗ୍ଧଚାଷୀମାନଙ୍କର ୧୦୨୯ଟି ପଞ୍ଜିକୃତ ସମିତି ଥିବାବେଳେ ଅଣପଞ୍ଜିକୃତ ସମିତିସଂଖ୍ୟା ୨୮୯୧ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ସୁଭଦ୍ରା କଲ୍‌ସେଣ୍ଟରରେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ସୁଭଦ୍ରା କଲ୍‌ସେଣ୍ଟରକୁ ପରିଦର୍ଶନରେ ଯାଇ ଏହାର କାର୍ଯ୍ୟକରିତାକୁ ସମୀକ୍ଷା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କଲ୍ ସେଣ୍ଟରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସହ ଆଲୋଚନା କରିବା ସହ ଲୋକମାନଙ୍କୁ ଠିକ ସୂଚନା ଦେବା ସେମାନଙ୍କ ଗୁରୁଦାୟିତ୍ୱ ବୋଲି ଉଲ୍ଲେଖ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜେ ଏହି ସେଣ୍ଟରରେ ଏକ କଲ୍‌ରେ କଥା ହୋଇ ଅଭିଯୋଗକାରୀଙ୍କ ସନ୍ଦେହ ଦୂର କରିଛନ୍ତି। ସୂଚନାଯୋଗ୍ୟ, ସମସ୍ତଙ୍କୁ ସହଜରେ ସୂଚନା ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ହେଲପଲାଇନ ନମ୍ବର - ୧୪୬୭୮ ଜାରି କରାଯାଇଛି। ଏହି ହେଲଫଲାଇନ ନମ୍ବର ପ୍ରତିଦିନ ସକାଳ ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଛି। ଏହି କଲ ସେଣ୍ଟରଟି ମହିଳା ଓ ଶିଶୁ ବିକାଶ ବିଭାଗ ଓ 'ତତ୍ତ୍ୱ ଟେକ୍‌ନୋଲୋଜି'ର ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି। ଏହି ସେଣ୍ଟରରେ ୧୮୦ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଯେଉଁଥିରେ ୧୨୦ ଜଣ ମହିଳା ଅଛନ୍ତି । ୩୦ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ସେଣ୍ଟରରେ ଏଯାବତ ୮୨୦୦୦ କଲ୍‌ର ଉତ୍ତର ଦିଆଯାଇଛି।

### ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦକୁ ନେଇ ବର୍ଷିଲେ ମନ୍ତ୍ରୀ

## ଆଦୌ ଜ୍ଞାନ ନଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଛି

**ଭୁବନେଶ୍ୱର, ୪।୮/ଏନ୍ଏନ୍ଏସ୍:** ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ଆଦୌ ଜ୍ଞାନନଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଛି ବୋଲି ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏପରିକି ବହୁ ଆଇଏଏସ୍, ଆଇଏଫଏସ ଓ ଓଏଏସ୍ ଅଫିସରଙ୍କୁ ଅଣଦେଖା କରି ଜଣେ କୋଇଲା ଚୋରା କାରବାରରେ ଲିପ୍ତ ବ୍ୟକ୍ତିଙ୍କୁ ଏହି ଅଧ୍ୟକ୍ଷ ପଦବୀରେ କିଭଳି ଅବସ୍ଥାପିତ କରାଯାଇଛି ତା'ର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଏକ କମିଟି ଗଠନ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ଆଜି ବିଧାନସଭାରେ ପ୍ରଶ୍ନକାଳରେ ବିଧାୟକ ସନାତନ ବିଜୁଳିଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ପୂର୍ବରୁ କେଉଁ ଆଧାରରେ ଆଦୌ ଜ୍ଞାନନଥିବା ବ୍ୟକ୍ତିଙ୍କୁ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ବସାଇ ଦିଆଯାଇଛି ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ଅନେକ ଯୋଗ୍ୟ ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରିଥିଲେ। କିନ୍ତୁ ସେମାନଙ୍କ ବଦଳରେ ଜଣେ କୋଇଲା ଚୋରା କାରବାର କରୁଥିବା ଓ ପାଉଁଶ ପକାଉଥିବା ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦିଆଯାଇଛି। ପୂର୍ବ ସରକାରରେ ଜଣେ ଅଣଓଡ଼ିଆ ଅଫିସରଙ୍କୁ ଯିଏ ଖୁସି କରିପାରିଲା ତାଙ୍କୁ ପଦବୀ ମିଳୁଥିଲା। ଏହି ଅଧ୍ୟକ୍ଷ

**ତଦନ୍ତ ପାଇଁ ଗଠନ ହେବ କମିଟି**

ପଦବୀ ପାଇଁ ଆବେଦନ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କ ଲମ୍ବା ତାଲିକା ଅଛି। ଆଇଏଫଏସ୍ ସୁଶୀଲ କୁମାର ପୋପଲି ଓ ଶିଶିର କୁମାର ରଥୋଙ୍କ ଭଳି ଆଇଏଫଏସ୍ ଅଫିସରମାନେ ଆବେଦନ କରିଥିଲେ। କିନ୍ତୁ ଜଣେ ବିଏ ପାସ୍ କରିଥିବା ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ପଦରେ ବସାଯାଇଛି। କମିଶନ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ପାଇଁ ନିୟମ ରହିଛି। କମିଶନରେ ଯିଏ ରହିବେ ସେ ସର୍ବଭାରତୀୟ ସେବାରେ ଚାକିରିର ଅଭିଜ୍ଞତା ଥିବ କିମ୍ବା କେନ୍ଦ୍ର-ରାଜ୍ୟ ସରକାରୀ ସେବାରେ କାର୍ଯ୍ୟ କରିଥିବେ। ନଚେତ୍ କୃଷି, ଖାଦ୍ୟ,ବେସାମରିକ, ସୁଷମ ଖାଦ୍ୟ ଆଦି କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଅବା ପ୍ରଶାସନିକ ଜ୍ଞାନ ଥିବ। କିନ୍ତୁ ଏବେ ଯେଉଁ ବ୍ୟକ୍ତି କମିଶନ ଅଧ୍ୟକ୍ଷ ପଦରେ ଅଛନ୍ତି ସେ ଚୋରା କୋଇଲା କାରବାର କରୁଥିବା ଓ ପାଉଁଶ ପରିବହନ କରୁଥିବା ଜଣେ ବ୍ୟକ୍ତି। ସେ ଏହି ପଦବୀକୁ ଉପଯୋଗ କରି ନିଜର ଗୁଡ଼ିଏ ଗାଡ଼ି ପରିବହନ ବ୍ୟବସାୟରେ ଲଗାଇଛନ୍ତି। ମାସକୁ ୩ ଲକ୍ଷ ଟଙ୍କା ଦରମା ନେଉଛନ୍ତି। ତାଙ୍କ ପାଇଁ ୧୫-୨୦ଜଣ ଅଫିସର କାମ କରୁଛନ୍ତି। କ୍ୟାବିନେଟ୍ ମନ୍ତ୍ରୀଙ୍କ ଭଳି ବିରାଟ ସରକାରୀ କ୍ୱାର୍ଟର୍ସ ମଧ୍ୟ ନେଇଛନ୍ତି। ତେଣୁ ରାଜ୍ୟ ସରକାର ଏକ କମିଟି ଗଠନ କରି ଏହି ନିଯୁକ୍ତି ପ୍ରକ୍ରିୟା ଠିକ୍ ଥିଲା କି ନାହିଁ ତା'ର ଖୁବଶୀଘ୍ର ତଦନ୍ତ କରିବେ। କିଛି ଅନିୟମିତତା ମିଳିଲେ ତାଙ୍କୁ ଏହି ପଦବୀରୁ ବିତାଡ଼ିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ବିଧାନସଭାରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ ଯେ ଆଜି ସନ୍ଧ୍ୟାସୁଦ୍ଧା ବିଦା କଲେ ଆମେ ଅଧିକ ଖୁସି ହେବୁ। ଉଲ୍ଲେଖଯୋଗ୍ୟ, ବିଧାୟକ ଚକ୍ରମଣି କହଁରଙ୍କ ମୂଳପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଏବଂ ଓଡ଼ିଶା ଖାଦ୍ୟ ସୁରକ୍ଷା କମିଶନ ନିୟମ ଆଧାରରେ ଗଠିତ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରେ ଜଣେ ଅଧ୍ୟକ୍ଷ ଓ ୫ଜଣ ସଦସ୍ୟ ଅଛନ୍ତି । ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ କମିଶନଙ୍କୁ କ୍ଷମତା ମଧ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ଭାବେ ବିଜେଡି ନେତା ଅବନୀକାନ୍ତ ସାହୁଙ୍କୁ ୨୦୨୩ ଏପ୍ରିଲ ମାସରେ ତତକାଳୀନ ବିଜେଡି ସରକାର ନିଯୁକ୍ତି ଦେଇଥିଲେ । ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଶ୍ରୀ ସାହୁଙ୍କ ନିଯୁକ୍ତିକୁ ନେଇ ସେତେବେଳେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

### ଛାତ୍ର ସଂସଦ ନିର୍ବାଚନ ଦାବି

## ବିଧାନସଭା ଘେରିଲା ଛାତ୍ର କଂଗ୍ରେସ



**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଆଜି ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା। ଘେରାଉ ସମୟରେ ପୁଲିସର ସୁରକ୍ଷା ବଳୟ ଭାଙ୍ଗି କଂଗ୍ରେସ କର୍ମୀ ବିଧାନସଭା ଆଡକୁ ଯିବାକୁ ଆଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। କିଛି ସମୟ ଧରି ପୁଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ସରକାର ନେତୃତ୍ୱ ସୃଷ୍ଟି କରିବାପାଇଁ ଚାହୁଁ ନାହାନ୍ତି। ଛାତ୍ରମାନେ ହେଉଛନ୍ତି ଆଗାମୀ ଦିନରେ ଭବିଷ୍ୟତ। ଭବିଷ୍ୟତର ପିଢ଼ିକୁ ଏ ସରକାର ଅଣଦେଖା କରିବାକୁ ଚେଷ୍ଟା କରୁଛନ୍ତି। ବିଗତ ସରକାର ସମୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା। ବିଜେପି ସରକାରରେ ଏହାର ପୁନରାବୃତ୍ତି କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଉଭୟ ବିଜେପି ଏବଂ ବିଜେଡି ଛାତ୍ରଛାତ୍ରୀମାନଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ରଖିବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏଭଳି ଷଡ଼ଯନ୍ତ୍ରକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କେବେବି ବରଦାସ୍ତ କରିବ ନାହିଁ । ଆଗାମୀ ଦିନରେ ରାଜ୍ୟ ସରକାର ଯଦି ଛାତ୍ର ଛାତ୍ରୀମାନଙ୍କର ନ୍ୟାର୍ଯ୍ୟ ହକ ଦାବିରେ କୌଣସି ବାଧା ସୃଷ୍ଟି କରନ୍ତି ତାହାହେଲେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଚୁପ ବସିବ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଆଜିର ଏହି ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ନିହାର ରନ ବେହେରା, ଗଣେଶ ଦାଶ, ଲିପିକା ପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ, ସୁନିଲ କୁମାର ସାହୁ, ମିର୍ଜା ଇସଲାମ, ନିଆଜୁଲ ଇସଲାମ, ମହମ୍ମଦ ତାଇସୁନ, ସାହାରୁଖ ଖାନ, ଆଦିତ୍ୟ ରାଣି, ଚନ୍ଦନ ସାହୁ, ଆରିୟନ ଦାସ, ସୌମ୍ୟ ରଞ୍ଜନ ବରାଳ, ରାଜେଶ ଦାସ ଓ ମହମ୍ମଦ ଇସଲାମ ପ୍ରମୁଖ ଯୋଗଦେଇଥିଲେ।

### ବିଜୁ ମହିଳା ଜନତା ଦଳର ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀ

# ମା'ମାନଙ୍କ ବିଶ୍ୱାସ ସହ ବିଜେପି ଖେଳୁଛି: ନବୀନ



**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ମା'ମାନଙ୍କ ବିଶ୍ୱାସ ସହ ବିଜେପି ଖେଳିବା ଉଚିତ୍ ନୁହେଁ। ମା'ମାନେ ଏହାର ଉଚିତ୍ ଜବାବ ଦେବେ। ବିଜୁ ବାବୁ ସାରା ଦେଶରେ ମହିଳା ସଶକ୍ତିକରଣର ମୂଳଦୁଆ ପକାଇଥିଲେ। ବିଜୁ ଜନତା ଦଳ ମା'ମାନଙ୍କର ସ୍ୱର ହୋଇ ରହିଛି ଓ ରହିବ। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ଏଭଳି କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ନବୀନ କହିଛନ୍ତି ଯେ, ବିଜୁ ଜନତା ଦଳ ସବୁବେଳେ ମା' ମାନଙ୍କ ସାଥିରେ ଅଛି। ମା' ମାନଙ୍କ ପାଇଁ କାମ କାରୁଛି। ମା' ମାନଙ୍କୁ ସାମାଜିକ କିମ୍ବା ଅର୍ଥିକ ସଶକ୍ତିକରଣ ପାଇଁ ବିଜେଡି ସବୁବେଳେ ଆଗରେ। ବିଜୁ ବାବୁ ସାରା ଦେଶର ମା' ମାନଙ୍କର ସଶକ୍ତିକରଣର ମୂଳଦୁଆ ଦେଇଥିଲେ। ମିଶନ ଶକ୍ତି କାର୍ଯ୍ୟକ୍ରମରେ ୭୦ ଲକ୍ଷ ମା'ମାନଙ୍କୁ ଏକାଠି କରାଯାଇଛି। ଏସଏଚଜିରୁ ସେମାନେ ଉଦ୍ୟୋଗୀ ହୋଇପାରିଛନ୍ତି। ନବୀନ ପୁଣି କହିଛନ୍ତି ଯେ, ମିଛ ହେଉଛି ବିଜେପିର ସବୁଠାରୁ ବଡ଼ ପରିଚୟ। ସୁଭଦ୍ରା ଯୋଜନା ହେଉ ବା ୩୦୦ ୟୁନିଟ୍ ମାଗଣା ବିଜୁଳି ବିଜେପିର ମିଛ ବିଷୟରେ ସମସ୍ତେ ଜାଣନ୍ତି। ଦୁଇ ବର୍ଷରେ ପଚାଶ ହଜାର ଦେବେ ବୋଲି କହିଥିଲେ। ଏବେ କହୁଛନ୍ତି ପାଞ୍ଚ ବର୍ଷରେ ଦେବେ। ତାହା ପୁଣି ୬ ମାସରେ ମାତ୍ର ୫ ହଜାର ଟଙ୍କା। ସବୁ ମହିଳାଙ୍କୁ ସୁଭଦ୍ରା ଅର୍ଥ ଦେବେ ବୋଲି କରିଥିଲେ ଏବେ କିନ୍ତୁ ଅଳ୍ପ କିଛି ମା'ମାନଙ୍କୁ ଦେଉଛନ୍ତି। ଗତ ନିର୍ବାଚନରେ ବିଜେପିର ବଡ଼ ବଡ଼ ନେତା ସାରା ଦେଶକୁ ଆସି ବହୁତ ବଡ଼ ବଡ଼ କଥା କହିଲେ। ହେଲେ କାମ ଜିରୋ। ମହିଳାମାନଙ୍କ ବିଶ୍ୱାସକୁ ନେଇ ବିଜେପି ଖେଳିବା ଉଚିତ୍ ନୁହେଁ। ସାଧାରଣ ଲୋକଙ୍କ ବିଶ୍ୱାସ ସହ ଖେଳିବା ଉଚିତ୍ ନୁହେଁ। ମା' ମାନେ ବହୁତ ସଚେତନ। ସେମାନେ ଏହାର ଜବାବ ଦେବେ।ଅନ୍ୟପକ୍ଷରେ ବିଜେପି ସରକାରର ଭତ୍ତା ଓ ସୁଭଦ୍ରା ପ୍ରତାରଣା ସମ୍ପର୍କରେ ଗାଁ ଗାଁରେ ସଚେତନ କରିବେ ବିଜେଡିର ମହିଳା କର୍ମୀ। ବିଜେପିର ମିଛ ପ୍ରତାରଣା, ବିଶ୍ୱାସଘାତକତା ବିରୋଧରେ ସଚେତନତା ସୃଷ୍ଟି କରାଯିବ। ଏହା ବିରୋଧରେ ଲଢ଼େଇ ହେବ। ସବୁ ଅଞ୍ଚଳ ବୁଲିବା ସହ ଲୋକଙ୍କୁ ଭେଟିବେ ବିଜେଡିର ମହିଳା କର୍ମୀ। ଦଳର ମହିଳା ସଂଗଠନ କିଭଳି ଆହୁରି ସୁଦୃଢ଼ ହେବ ସେନେଇ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ବରିଷ୍ଠ ନେତ୍ରୀଙ୍କ ସମେତ ସାଙ୍ଗଠନିକ ଦାୟିତ୍ୱରେ ଥିବା କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାର ମହିଳା ସଭାନେତ୍ରୀ ଓ ବ୍ଲକ ସଭାନେତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ।

### 'ମହିଳା ଭୋଟବ୍ୟାଙ୍କ୍ କମିଯିବାରୁ ବିଜେଡିକୁ ଭୟ ଘାରିଛି'

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ବାସ୍ତବରେ ୨୪ବର୍ଷ ବିଜୁଜନତା ଦଳ ସରକାର ଥିଲାବେଳେ ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣ ପାଇଁ କିଛି କରିନଥିଲା। ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କର ଦୀର୍ଘ ୨୪ବର୍ଷ ପରେ ହଠାତ୍ ମହିଳାଙ୍କ ପ୍ରତି ସମ୍ମାନ ଓ ସମ୍ବେଦନଶୀଳତା ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ବାସ୍ତବରେ ମହିଳା ଭୋଟବ୍ୟାଙ୍କ୍ କମିଯିବାରୁ ବିଜେଡିକୁ ଭୟ ଘାରିଛି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର କହିଛନ୍ତି। ଶ୍ରୀମତୀ ମହାପାତ୍ର କହିଛନ୍ତି ଯେ, ଆଜି ଯେତେବେଳେ ବିଜେପି ସରକାର ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବା ପାଇଁ ସ୍ଥିର କରିଛି ସେତେବେଳେ ନବୀନ ବାବୁ ଏତେ ଅସହିଷ୍ଣୁ କାହିଁକି ହୋଇପଡ଼ିଛନ୍ତି ? ସୁଭଦ୍ରା ଯୋଜନା ରାଜ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଜେଡିର ଭୋଟ୍‌ବ୍ୟାଙ୍କ ଭାଙ୍ଗିଯିବାର ଭୟ ନବୀନ ବାବୁଙ୍କ ମନରେ ସୃଷ୍ଟି ହୋଇଛି। କେବଳ ମହିଳାମାନଙ୍କୁ ଭୋଟ୍‌ବ୍ୟାଙ୍କ୍ ଭାବରେ ବ୍ୟବହାର କରି ଠକିବା କଥା ନବୀନ ବାବୁ ଜାଣିଥିଲେ। ନବୀନ ବାବୁଙ୍କ ସରକାର ସମୟରେ ଓଡ଼ିଶାରେ ମହିଳା ବିରୋଧି ହିଂସାର ସୀମା ଲଂଘିଥିଲା। ମମିତା ମେହେର ହତ୍ୟାକାଣ୍ଡ, ସ୍ମୀତାରାଣୀ ହତ୍ୟାକାଣ୍ଡ, ଇତିଶ୍ରୀ, ବେବିନା ହତ୍ୟାକାଣ୍ଡ, ମାଧବୀଲତା, ପରୀ ହତ୍ୟାକାଣ୍ଡ କାହା ସମୟରେ ଘଟିଥିଲା ? ଏଥିରେ ସମ୍ପୃକ୍ତ ଥିବା



ରାଜନେତାମାନେ କାହିଁକି ଖସିଗଲେ ଏବଂ ମହିଳା ବ୍ୟଭିଚାର ମାନଙ୍କୁ କାହିଁକି ସୁରକ୍ଷା ଦେଇଥିଲେ ? ଏସମସ୍ତ ପ୍ରଶ୍ନର ଉତ୍ତର ନବୀନ ବାବୁ ଦେବା ଉଚିତ୍। ଗୋଟିଏ ପରେ ଗୋଟିଏ ତଦନ୍ତ କମିଶନ ଗଠନ କରିଥିଲେ ମଧ୍ଯ ପୀଡ଼ିତା ମହିଳା ଏବଂ ତାଙ୍କ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ସୁଭଦ୍ରା ଯୋଜନା ଏକ ସୁନ୍ଦର ସୁଚିନ୍ତିତ ଯୋଜନା ଯାହା ମା' ଭଉଣୀମାନଙ୍କ ମନରେ ଆନନ୍ଦ ଭରିଦେବ। ନବୀନ ବାବୁ ମିଛର ସାହାରା ନେଇ ଏହି ଯୋଜନାରେ ବାଧକ ନହୁଅନ୍ତୁ। ଏହି ଯୋଜନାରେ ବାଧକ ହେଲେ ଓଡ଼ିଶାର ମା'ମାନେ ବିଜୁ ଜନତାଦଳକୁ କେବେ କ୍ଷମା ଦେବେନାହିଁ ବୋଲି ଶ୍ରୀମତି ମହାପାତ୍ର କହିଛନ୍ତି।

# ହେଟେଲ୍ ବାଥ୍‌ରୁମ୍‌ରେ ମହିଳାଙ୍କ ଭିଡିଓ ଉତ୍ତୋଳନ, ଯୁବକ ଗିରଫ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ହୋଟେଲ୍ ରେଲ୍ ଭ୍ୟୁରେ ଜଣେ ମହିଳା ବାଥରୁମ୍‌କୁ ଯାଇଥିବାବେଳେ ସେତେବେଳର ଦୃଶ୍ୟକୁ ମୋବାଇଲ୍‌ରେ ଉଠାଇଥିବା ଅଭିଯୋଗରେ କମିଶନ୍‌ରେଟ୍ ପୁଲିସର ହାଇ ଏଫିସେନ୍ସି ରେସ୍‌ପନ୍ସ ଟିମ୍ ହାତରେ ଅଭିଯୁକ୍ତ ଧରାପଡ଼ିଛି। ଅଭିଯୁକ୍ତ ତାମିଲନାଡୁରୁ ଚନ୍ଦ୍ର ଶେଖରନ। ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ରେଲ୍ ଭ୍ୟୁ ହେଟେଲ୍‌ରେ ବୁଧବାର ପୂର୍ବାହ୍ଣରେ ଛତିଶଗଡ଼ର ସୋନାଲି ନାମ୍ନୀ ମହିଳା ବାଥ୍‌ରୁମ୍ ଭିତରେ ଥିବାବେଳେ କେହି ଜଣେ ଭିଡିଓ ରେକର୍ଡିଂ କରୁଥିବା ସେ ଜାଣିପାରିଥିଲେ। ଏନେଇ ସେ ତୁରନ୍ତ ହର୍ ଟିମ୍‌କୁ ଜଣାଇଥିଲେ। ଖବର ପାଇଁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚନ୍ଦ୍ର ଶେଖରନ୍‌କୁ ଧରିଥିଲା। ଏଥି ସହିତ ପୀଡ଼ିତାଙ୍କ ପରୀକ୍ଷା କରିବା ସହ ତାଙ୍କ ବୟାନ ରେକର୍ଡ କରିଥିଲେ। ତେବେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରିଥିଲା। ମାତ୍ର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଏବଂ ହର ଟିମ୍‌ର ସମନ୍ୱିତ ଉଦ୍ୟମ ହେତୁ ଅଭିଯୁକ୍ତ ତୁରନ୍ତ ଧରାପଡ଼ିଥିଲା। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଲକ୍ଷ୍ମୀସାଗର ପୁଲିସ ଷ୍ଟେସନକୁ ଅଭିଯୁକ୍ତକୁ ହସ୍ତାନ୍ତର କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ତାଙ୍କ ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି।

# ‘ପ୍ରାକ୍-ମଧୁମେହ ସମ୍ପର୍କରେ ସଚେତନତାର ଆବଶ୍ୟକତା ରହିଛି’

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ପ୍ରାକ୍-ମଧୁମେହ ସମ୍ପର୍କରେ ସଚେତନତାର ଆବଶ୍ୟକତା ରହିଛି। ଦି ଲାନ୍‌ସେଟ୍ ଡାଇବେଟିସ୍ ଏବଂ ଏଣ୍ଡୋକ୍ରାଇନୋଲୋଜିରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ ଭାରତରେ ୧୩୬ ନିୟୁତ ଲୋକ କିମ୍ବା ଜନସଂଖ୍ୟାର ୧୫.୩% ଲୋକ ପ୍ରାକ୍-ମଧୁମେହ ରୋଗାକ୍ରାନ୍ତ ହୋଇପାରନ୍ତି। ରକ୍ତ ଶର୍କରା ବୃଦ୍ଧି ପାଇ ମଧୁମେହ ହେବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆପଣଙ୍କ ଆହାରରେ ନିର୍ଦ୍ଦିଷ୍ଟ ଖାଦ୍ୟ ଅନ୍ତର୍ଭୁକ୍ତ କରିବା ଉପରେ ଏମ୍‌ବିବିଏସ୍ ଏବଂ ପୋଷଣ ବିଶେଷଜ୍ଞ ଡକ୍ଟର ରୋହିଣୀ ପାଟିଲ ଗୁରୁତ୍ୱାରୋପ କରିଛନ୍ତି । ରକ୍ତରେ ଶର୍କରା ବୃଦ୍ଧି ରୋକିବା ପାଇଁ ଆହାରଜନିତ ପରିବର୍ତ୍ତନ ସହିତ ଏକ ସକ୍ରିୟ ଜୀବନଶୈଳୀ, ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟରୁ ଦୂରେଇ ରହିବା ଏବଂ ଭୋଜନ ପରବର୍ତ୍ତୀ ଚାଲିବା ଭଳି ନିୟମିତ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବାକୁ ସେ ଉପଦେଶ ଦେଇଛନ୍ତି। ପ୍ରାକ୍-ମଧୁମେହ ଖାଦ୍ୟରେ ଅନ୍ତର୍ଭୁକ୍ତ କରାଯିବା ଖାଦ୍ୟ ମଧ୍ୟରେ ଗୋଟିଏ ହେଉଛି ଆଲମଣ୍ଡ୍ । ଏହା ପ୍ରୋଟିନ୍ ସମୃଦ୍ଧ, ସୁସ୍ଥ ଚର୍ବି ଏବଂ ଫାଇବର୍‌ରେ ଭରପୂର। ଏହା ସମସ୍ତ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଆହାରରେ ସାଧାରଣ ଭାବେ ଆଲମଣ୍ଡ୍ ଯୋଗକରି ମଧୁମେହ ଭାର ହ୍ରାସ କରିବାରେ ସହାୟତା ମିଳିବ ବୋଲି ଗତ ବର୍ଷ ପ୍ରକାଶିତ ଦୁଇଟି ନୂତନ ଅନୁସନ୍ଧାନ ଅଧ୍ୟୟନରେ ଡା. ଅନୁପ ମିଶ୍ର ଏବଂ ଡା. ସୀମା ଗୁଲାଟି ଦର୍ଶାଇଥିଲେ। ବିଶେଷ କରି ତିନି ମାସ ପର୍ଯ୍ୟନ୍ତ ଜଳଖିଆ, ମଧ୍ୟାହ୍ନଭୋଜନ ଏବଂ ରାତ୍ରୀ ଭୋଜନର ୩୦ ମିନିଟ୍ ପୂର୍ବରୁ ଖାଇଥିବା ଏକ ମୁଠା ଆଲମଣ୍ଡ୍ ପ୍ରାୟ ଏକ ଚତୁର୍ଥାଂଶ ଲୋକଙ୍କ ରକ୍ତରେ ଶର୍କରାସ୍ତରକୁ ସ୍ୱାଭାବିକ୍ କରିଦେଇଥିଲା। ତେଣୁ ଡାକ୍ତର ପାଟିଲ୍ ରକ୍ତଶର୍କରାକୁ ସ୍ଥିର କରିବା ଏବଂ ଅତ୍ୟଧିକ ଖାଇବାକୁ ରୋକିବା ପାଇଁ ପ୍ରତିଦିନ ଏକ ମୁଠା ଆଲମଣ୍ଡ୍ ଖାଇବାକୁ ପରାମର୍ଶ ଦେଇଛନ୍ତି।

# ଖୋର୍ଦ୍ଧା ବ୍ଲକ୍‌ରେ ମିଳିତ ଜନଶୁଣାଣି



**ଖୋର୍ଦ୍ଧା,୪।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩୩ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବାବେଳେ ସେଥିମଧ୍ୟରୁ ୧୨୧ ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୬ ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ସମ୍ପର୍କିତ ଥିଲା। ଉକ୍ତ ଅଭିଯୋଗଗୁଡ଼ିକ ମଧ୍ୟରୁ ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଦୁଇଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠିରୁ ୭,୦୦୦/- ଏବଂ ୬,୦୦୦ ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ଦୁଇଜଣଙ୍କୁ ୧୦,୦୦୦/- ଏବଂ ୪,୦୦୦/- ଟଙ୍କା ରେଡ୍‌କ୍ରସ୍ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଅବସରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିବାବେଳେ ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ( ପ୍ରଶାସନ ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଉପଜିଲ୍ଲାପାଳ ଖୋର୍ଦ୍ଧା ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ଡ. ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ତପା ମିଶ୍ର, ବିଡିଓ ଖୋର୍ଦ୍ଧା ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ‘ଜାତୀୟ ଶିକ୍ଷାନୀତି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ’

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଜାତୀୟ ଶିକ୍ଷା ନୀତି-୨୦୨୦ ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ଯୋଗାଇବା ପାଇଁ ଭାରତର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହା ପ୍ରବେଶ, ଇକ୍ୱିଟି, ଗୁଣବତ୍ତା, ସୁଲଭତା ଏବଂ ଉତ୍ତରଦାୟିତ୍ୱ ମାର୍ଗଦର୍ଶିକା ଉପରେ ଆଧାରିତ। ଏହି ନୀତି ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମସ୍ତ ସ୍ତରରେ ସଂସ୍କାର ପାଇଁ ବ୍ୟବସ୍ଥା କରିଥାଏ। ରାଷ୍ଟ୍ରୀୟ ଶିକ୍ଷା ନୀତି ଶିକ୍ଷକ ପ୍ରଶିକ୍ଷଣକୁ ମଜବୁତ୍ କରିବା, ପ୍ରଚଳିତ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା, ଶୈଶବାବସ୍ଥାର ଯତ୍ନ ଏବଂ ଶିକ୍ଷାର ନିୟାମକ ଢାଞ୍ଚାକୁ ପୁନଃ ନିର୍ମାଣ କରିବା ଉପରେ ଧ୍ୟାନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ବ୍ୟବସ୍ଥାରେ କେବଳ ଅଧ୍ୟୟନର ପାଠ୍ୟକ୍ରମ ଶେଷକଲେ ଚଳିବ ନାହିଁ, ସମସ୍ତଙ୍କୁ ବ୍ୟକ୍ତିଗତ ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଶିକ୍ଷକଙ୍କ ଉନ୍ନତିରେ ବିକାଶ ଶିକ୍ଷା ହୋଇଥାଏ। ତେଣୁ ଶିକ୍ଷକମାନଙ୍କ ଦକ୍ଷତା ଜରୁରୀ, କାରଣ ସେମାନେ ପ୍ରଚଳିତ ପାଠ୍ୟକ୍ରମରେ ସଂସ୍କାର ଆଣିପାରିବେ ଏବଂ ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାର୍ଗଦର୍ଶନ କରିପାରିବେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।



ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷାନୀତିର ପ୍ରଣୟନ ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନଠାରେ ଆୟୋଜିତ ଦୁଇଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥାନ, ନୂଆଦିଲ୍ଲୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଜାତୀୟ ଶିକ୍ଷାନୀତି ପ୍ରଣୟନ ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ଏକ ଉପଯୁକ୍ତ ଶୈକ୍ଷିକ ପରିବେଶ ପାଇପାରିବେ ଯାହା ଛାତ୍ରଛାତ୍ରୀଙ୍କର ଦକ୍ଷତା ବିକାଶ ତଥା ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। ଶିକ୍ଷକ ଓ କର୍ମଚାରୀ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଆଲୋଚନା ପରେ ଏହାର କାର୍ଯ୍ୟକାରିତା ନେଇ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଆଜିର ଅଧିବେଶନରେ ଉଚ୍ଚଶିକ୍ଷାରେ ଗବେଷଣାକୁ ପ୍ରୋତ୍ସାହିତ କରିବା ସମ୍ପର୍କରେ ପ୍ରଫେସର କେ. ବିଶ୍ୱାଳ ଆଲୋଚନା କରିଥିବାବେଳେ ବିଦ୍ୟାର୍ଥୀଙ୍କୁ ଶୈକ୍ଷିକ କେନ୍ଦ୍ରିତ ପଦ୍ଧତି ସହ ମିଶ୍ରିତ ଶିକ୍ଷଣ କାର୍ଯ୍ୟକାରୀ ଓ ଏହାର ଉତ୍ସ ବିଷୟରେ ପ୍ରଫେସର କେ. ଶ୍ରୀନିବାସ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀ ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥାନ(ପ୍ଲାନିଙ୍ଗ ଓ ଡେଭ୍‌ଲପ୍‌ମେଣ୍ଟ) ନିର୍ଦ୍ଦେଶକ ପ୍ରଫେସର କୁମାର ସୁରେଶ, ପ୍ରଫେସର ମୋନା ଖରେ, ପ୍ରଫେସର ସୁଧାଂଶୁ ଭୂଷଣ ପ୍ରମୁଖ ଯୋଗଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସିଡିସି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ଶିକ୍ଷୟିତ୍ରୀ ନିବେଦିତା ସାମଲଙ୍କ ଏକାଦଶାହ ଉପଲକ୍ଷେ...



**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ନିବେଦିତା ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରିଣୀ। ଯିଏ ତାଙ୍କ ସଂସ୍ପର୍ଶରେ ଆସିଛି ସେ ହିଁ ତାଙ୍କୁ ଜାଣିପାରିଛି ଓ ବୁଝିପାରିଛି। ଜଣେ ସ୍ନେହୀ, କର୍ତ୍ତବ୍ୟନିଷ୍ଠ, ସ୍ପଷ୍ଟବାଦୀ ଶିକ୍ଷୟିତ୍ରୀ ଭାବେ ତାଙ୍କର ସୁଖ୍ୟାତି ପାଇଁ ସେ ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ମଧ୍ୟରେ ଆଦୃତ ଥିଲେ। ଦୀର୍ଘଦିନ ଧରି ସେ ଭୁବନେଶ୍ୱରସ୍ଥ ୟୁନିଟ୍-୧ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କାର୍ଯ୍ୟ ନିର୍ବାହକରି ପ୍ରଶଂସିତ ହୋଇଥିଲେ। ପ୍ରଗାଢ଼ ଈଶ୍ୱର ବିଶ୍ୱାସୀ, ଆଦର୍ଶ ଗୃହିଣୀ, ସତ୍ୟବାଦୀ, ନୀତିନିଷ୍ଠ ଓ ଉତ୍ସର୍ଗୀକୃତ ଦାୟିତ୍ୱସମ୍ପନ୍ନ ଗୁଣ ଯୋଗୁଁ ସେ ସ୍ୱାମୀ, ପରିବାର, ପ୍ରିୟଜନ ତଥା ସମସ୍ତଙ୍କର ଆଦରଣୀୟା ଥିଲେ। ନିଜକୁ ଅଣଦେଖା କରି ଅନ୍ୟମାନଙ୍କ ହିତ ଓ ପରୋପକାର ପାଇଁ ସେ ସର୍ବଦା ପ୍ରାଧାନ୍ୟ ଦେଇଆସୁଥିଲେ। ଦିବଂଗତା ନିବେଦିତା ହେଉଛନ୍ତି ବିଭୂତି ଭୂଷଣ ସାହୁ (ଭାରତ ସରକାରଙ୍କ ଅଧୀନ ଆଇଏଫ୍‌ସିଆଇର ବରିଷ୍ଠ ମହାପ୍ରବନ୍ଧକ)ଙ୍କ ଧର୍ମପତ୍ନୀ, ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ସର୍ବେଶ୍ୱର ସାମଲଙ୍କ କନ୍ୟା ଏବଂ ଔପନ୍ୟାସିକ ତଥା ପୂର୍ବତନ ଶିକ୍ଷକ ସ୍ୱର୍ଗତ ଦେବେନ୍ଦ୍ର ଲାଲ ସାହୁଙ୍କ ପୁତ୍ରବଧୂ। ମାତ୍ର ୫୪ ବର୍ଷ ବୟସରେ ରୋଗାକ୍ରାନ୍ତ ହୋଇ ସ୍ୱାମୀ, କନ୍ୟା, ମା’ ଭାଇ, ଭାଉଜ, ଦିଅର, ପୁତୁରା ଏବଂ ଆତ୍ମୀୟମାନଙ୍କୁ ଶୋକସାଗରରେ ଭସାଇ ଗତ ୨୭ତାରିଖରେ ଇହଲୀଳା ସମ୍ବରଣ କଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆତ୍ମୀୟ ଓ ପରିବାରବର୍ଗ ସହ ତାଙ୍କର ଅଗଣିତ ଛାତ୍ରଛାତ୍ରୀ, ସହକର୍ମୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି।




ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମ ଥର ଲାଗି ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ହୋଇଥିବା ଡ୍ରାଗନ ଫଳ ଦୁବାଇ ରପ୍ତାନୀ ଅବସରରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓ ଅନ୍ୟମାନେ

# ଜୈବିକ ଚାଷ କରିବାକୁ ଅପିଲ୍ କଲେ କୃଷି ମନ୍ତ୍ରୀ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ସରକାର ଚାହୁଁଛନ୍ତି ସମସ୍ତେ ଜୈବିକ ଚାଷ କରନ୍ତୁ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ଅମଳ ବଢୁଛି ତେବେ ଏହା ଭୁଲ। ଏହାର ପ୍ରୟୋଗ ଦ୍ୱାରା ଖାଦ୍ୟଶସ୍ୟ ବୃଦ୍ଧି ହୋଇପାରେ। ମାଛ, ଚିକେନ ଓ ଅନ୍ୟ ସାମଗ୍ରୀରେ ରାସାୟନିକ ଖାଦ୍ୟ ବ୍ୟବହାର ଦ୍ୱାରା ମେଦ ବହୁଳତା ସହ କ୍ୟାନ୍ସର କେସ୍ ବୃଦ୍ଧି ପାଉଛି। ଜୈବିକ ଚାଷ ଦ୍ୱାରା ମାଟିର ଉର୍ବରତା ବଢୁଛି। ତେଣୁ ସମସ୍ତଙ୍କୁ ଅପିଲ କରୁଛି ସମସ୍ତେ ଜୈବିକ ଚାଷ ପଦ୍ଧତିକୁ ଆପଣାନ୍ତୁ। ଆଜି ବିଧାନସଭାରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ପ୍ରଶ୍ନରେ ଉତ୍ତର ରଖି କୃଷି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କେ.ଭୀ ସିଂହଦେଓ ଏଭଳି କହିଛନ୍ତି।

କୃଷି ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଦୁଇଟି ପ୍ରକ୍ରିୟାରେ ଜୈବିକ ଚାଷ କରାଯାଉଛି। ପରମ୍ପରାଗତ ଏବଂ ପ୍ରାକୃତିକ କୃଷି ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ପରମ୍ପରାଗତ କୃଷି ଯୋଜନାରେ ୧୦ଟି ଜିଲ୍ଲା ଏବଂ ପ୍ରାକୃତିକ କୃଷି ଯୋଜନାରେ ୧୫ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟରେ ୨୦୧୮-୧୯ରୁ ଜୈବିକ କୃଷି ପଦ୍ଧତିରେ କୃଷି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏବେ ଯେଉଁମାନେ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ବିଦେଶ ପଠାଇବାକୁ ଯୋଜନା କରଯାଉଛି।

# ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରତିଷ୍ଠାନର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗର ପୂର୍ବତନ ଅଧ୍ୟକ୍ଷ ବୈଜ୍ଞାନିକ ପଦ୍ମବିଭୂଷଣ ରାଜଗୋପାଳ ଚିଦାମ୍ବରମ୍ ଯୋଗଦେଇ ଯୁବବିଜ୍ଞାନୀଙ୍କୁ ଉଦ୍ୟମୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଓ ପ୍ରତିଷ୍ଠା ଦିବସ ସମାରୋହ କମିଟିର ଅଧ୍ୟକ୍ଷ ପ୍ରଫେସର ତପୋବ୍ରତ ସୋମ୍ ମଞ୍ଚାସୀନ ରହିଥିଲେ। ପ୍ରଫେସର ନନ୍ଦ ପ୍ରତିଷ୍ଠାନର ବିଗତ ୫୦ବର୍ଷର ଉପଲବ୍ଧି ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକାର ଉନ୍ମୋଚନ ସହିତ ବୈଜ୍ଞାନିକ ଚିଦାମ୍ବରମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଫେସର ସଞ୍ଜୀବ କୁମାର ଅଗ୍ରୱାଲ, ପ୍ରଫେସର ବିଶ୍ୱଜିତ ମଲ୍ଲିକ ଓ କୃତୀ ଛାତ୍ର ସାନୁ ବନ୍ଦୋପାଧ୍ୟାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଜ୍ଞାନିକ ସଚ୍ଚୀନ୍ଦ୍ରନାଥ ଷଡ଼ଙ୍ଗୀ, ଲେଫ୍ଟନାଣ୍ଟ କର୍ଣ୍ଣେଲ ବି ପଟ୍ଟନାୟକ, କେସି ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ‘ପର୍ଯ୍ୟବେକ୍ଷକ’ର ୨୬ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଦୈନିକ ‘ପର୍ଯ୍ୟବେକ୍ଷକ’ର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରି ବର୍ତ୍ତମାନ ପରିସ୍ଥିତିରେ ଛାପା ଗଣାମାଧ୍ୟମ ସାମ୍ନା କରୁଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିବା ସହିତ ସତ୍ୟ ଓ ନ୍ୟାୟ ପଥରେ ଚାଲିବାକୁ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ପ୍ରଫେସର ଡ. ପ୍ରସନ୍ନ ପାଟ୍ଟଶାଣୀ ସାମ୍ବାଦିକ ଓ ସମ୍ବାଦପତ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପର୍ଯ୍ୟବେକ୍ଷକର ମୁଖ୍ୟ ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।



# ‘ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦିଆଯିବା ଉଚିତ୍’

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ପ୍ରତ୍ୟେକ କ୍ଷେତ୍ରରେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦିଆଯିବା ଉଚିତ୍ ବୋଲି ମିଧୁଲା ଦେବଭାକ୍‌ଟୁନି, ସିଇଓ, ମିଭି କହିଛନ୍ତି। ସେ କହିଛନ୍ତି ଯେ ଏମ୍‌ଆଇଭିଆଇ ପକ୍ଷରୁ ଟିଡବ୍ଲ୍ୟୁଏସ୍ ଇୟର୍‌ବଡ୍‌ସ୍ ଓପେରା ଆରମ୍ଭ କରିଛି। ଯାହା ସୁପର୍‌ପଡ୍‌ସ୍ ସିରିଜ୍‌ର ତୃତୀୟ ପଡ଼ି ଏବଂ ଏହା ହାଇ-ଫିଡେଲିଟି ସାଉଣ୍ଡ୍ ନିମନ୍ତେ ଏକ ମାଇଲଖୁଣ୍ଟ ସ୍ଥାପନ କରୁଛି। ତେବେ ପ୍ରଥମ ଭାରତୀୟ ବ୍ରାଣ୍ଡ୍ ଭାବରେ ଜାପାନ ଅଡିଓ ସୋସାଇଟି ଦ୍ୱାରା ହାଇ-ରେସ୍ ଓ୍ୱାର୍‌ଲେସ୍ ଅଡିଓ ନିମନ୍ତେ ପ୍ରମାଣପତ୍ର ହାସଲ ମଧ୍ୟ କରିଛି। ଥରେ ଚାର୍ଜରେ ୬୦ ଘଣ୍ଟା ପର୍ଯ୍ୟନ୍ତ ଚାଲିବ। ଗୁଣବତ୍ତା ନିମନ୍ତେ ଆମର ପ୍ରତିବଦ୍ଧତାର ପରିଣତିସ୍ୱରୂପ ଏହି ଉତ୍ପାଦ ପ୍ରସ୍ତୁତ ହୋଇଛି, ଯାହା ସବୁବର୍ଗର ଲୋକଙ୍କୁ ସହାୟତା ହୋଇପାରିବ। ବିଶେଷକରି କଲେଜ ପଢୁଆ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ବୟସ୍କ ଲୋକ ଏହାକୁ ଉପଯୋଗ କରିବେ।

# ଜିନ୍ଦଲ୍ ଷ୍ଟେନ୍‌ଲେସ୍ ସୁରକ୍ଷାକର୍ମୀଙ୍କୁ ‘ୱିଙ୍ଗ୍‌ସ ଅଫ୍ ଷ୍ଟିଲ୍’ ପୁରସ୍କାର

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଭାରତୀୟ ଷ୍ଟିଲ୍ ଆସୋସିଏସନ୍(ଆଇଏସ୍‌ଏ) ପକ୍ଷରୁ ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଯାଜପୁର ପ୍ଲାଣ୍ଟର ସୁରକ୍ଷା ବିଭାଗ କମାଣ୍ଡୋ ଟିମ୍‌ର ସଦସ୍ୟ ସାଗରିକା ସୋରେନଙ୍କୁ ‘ଲିଙ୍ଗ ଓ ବିବିଧତା’ ବର୍ଗରେ ସମ୍ମାନଜନକ ‘ୱିଙ୍ଗସ୍ ଅଫ୍ ଷ୍ଟିଲ୍’ ପୁରସ୍କାର ପ୍ରଦାନ କରାଯାଇଛି। ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା ସାଗରିକାଙ୍କୁ ତାଙ୍କ ନେତୃତ୍ୱ ଓ ଅଗ୍ରଣୀ ମାନସିକତା ପାଇଁ ନୂଆଦିଲ୍ଲୀରେ ଆୟୋଜିତ ଭାରତୀୟ ଷ୍ଟିଲ୍ କନ୍‌କ୍ଲେଭ୍‌ର ପଞ୍ଚମ ସଂସ୍କରଣରେ ଷ୍ଟିଲ୍ ସେକ୍ରେଟାରୀ ନଗେନ୍ଦ୍ର ନାଥ ସିହ୍ନା ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦୃଢ଼ ସାହସ ଓ ସଂକଳ୍ପ ଦେଖାଇଥିବା ଯୋଗୁଁ ସାଗରିକାଙ୍କୁ କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଜୁରୀ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ।

ଓଡ଼ିଶାର ମୟୂରଭଞ୍ଜର ବୁଢ଼ୀଖମାରୀ ଗାଁରେ ଜନ୍ମଗ୍ରହଣ କରିଥିବା ସାଗରିକାଙ୍କୁ ପାରିବାରିକ ଆର୍ଥିକ ସମସ୍ୟା ଯୋଗୁଁ ମ୍ୟାଟ୍ରିକ୍ ପରେ ପାଠପଢ଼ା ବନ୍ଦ କରିବାକୁ ପଡ଼ିଥିଲା। ସବୁ ପ୍ରତିଘାତ ସତ୍ତ୍ୱେ ସେ ଲକ୍ଷ୍ୟରେ ଅଟଳ ରହିଥିଲେ। ପ୍ରଥମେ ସାଗରିକା ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଯାଜପୁର ପ୍ଲାଣ୍ଟରେ ହାଉସ୍‌କିପିଂ ଷ୍ଟାଫ୍ ଭାବେ କର୍ମ ଜୀବନ ଆରମ୍ଭ କରିଥିଲେ। ତାଙ୍କର ଉଲ୍ଲେଖନୀୟ ନେତୃତ୍ୱ ଗୁଣ ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତା ଯୋଗୁଁ ସେ କମାଣ୍ଡୋ ଟିମ୍‌ରେ ସାମିଲ ହୋଇପାରିଥିଲେ। ବୃତ୍ତିଗତ ଦାୟିତ୍ୱ ବ୍ୟତୀତ ସାଗରିକା ନିଜ ଗୋଷ୍ଠୀ ଲୋକଙ୍କ କଥା ବୁଝନ୍ତି। ସେ ଖାଲି ସମୟରେ ଗାଁରେ ପିଲାମାନଙ୍କୁ ପାଠ ପଢ଼ାଇଥାନ୍ତି। ଏ ନେଇ ଜିନ୍ଦଲ୍ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ‘ଆଇଏସ୍‌ଏ ପକ୍ଷରୁ ସୁଶ୍ରୀ ସୋରେନଙ୍କୁ ପୁରସ୍କାର ମିଳିବା ଏକ ଗୌରବର ବିଷୟ। ତାଙ୍କ ନିଷ୍ଠା, ନେତୃତ୍ୱ ଓ ସାହସ ପ୍ରେରଣାଦାୟକ।




ପୁରସ୍କାର ଗ୍ରହଣ କରିବା ପରେ ସୁଶ୍ରୀ ସୋରେନ କହିଛନ୍ତି, ‘ଏହି ସମ୍ମାନଜନକ ପୁରସ୍କାର ପାଇବା ମୋ ପାଇଁ ଏକ ବଡ଼ ଉପଲବ୍ଧି। ଜିନ୍ଦଲ୍ ଷ୍ଟେନ୍‌ଲେସ୍‌ରେ ମୋତେ ମିଳିଥିବା ସମର୍ଥନ ଏବଂ ସୁଯୋଗ ପାଇଁ ମୁଁ କୃତଜ୍ଞ।

ସୂଚନାଯୋଗ୍ୟ, ଜିନ୍ଦଲ୍ ଷ୍ଟେନ୍‌ଲେସ୍‌ର ବାର୍ଷିକ ଟର୍ଣ୍ଣଓଭର୍ ୨୦୨୪ ଆର୍ଥିକ ବର୍ଷରେ ୩୮,୫୬୨ କୋଟି ଟଙ୍କା ରହିଛି ଏବଂ ୨୦୨୭ ମସିହା ସୁଦ୍ଧା ବାର୍ଷିକ ୪.୨ ମିଲିୟନ ଟନ୍ ମେଲ୍ଟ କ୍ଷମତା ହାସଲ କରିବା ଦିଗରେ ଅଗ୍ରସର ହେଉଛି। ଭାରତ ତଥା ଭାରତ ବାହାରେ ସ୍ପେନ୍, ଇଣ୍ଡୋନେସିଆ ଭଳି ଦେଶରେ ୧୬ଟି ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନ ଓ ପ୍ରକ୍ରିୟାକରଣ ପ୍ଲାଣ୍ଟ ରହିଛି ଏବଂ ୧୨ ଦେଶରେ ଶାଖା ଅଛି। କମ୍ପାନୀର ଉତ୍ପାଦ ପରିସରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସ୍ଲାବ୍, ବ୍ଲୁମ୍, କୋଏଲ୍, ପ୍ଲେଟ୍, ସିଟ୍, ପ୍ରିସିସନ୍ ଷ୍ଟ୍ରିପ୍, ୱାୟାର୍ ରଡ୍, ରିବାର୍, ବ୍ଲେଡ୍ ଷ୍ଟିଲ୍ ଓ କୋଏନ୍ ବ୍ଲାଙ୍କ୍ ଅନ୍ତର୍ଭୁକ୍ତ।

# ଅଲ୍ ଓଡ଼ିଶା ସେଲ୍ଫ ଫାଇନାନ୍ସିଂ କଲେଜ୍ ଆସୋସିଏସନ୍ ପକ୍ଷରୁ +୨ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଶୁଭେଚ୍ଛା

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଚଳିତବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଯେଉଁ ନୂତନ ପାଠ୍ୟକ୍ରମ ଏବଂ ପରୀକ୍ଷା ଶୈଳୀ ଆଣିଛନ୍ତି, ତାହା ପ୍ରକୃତରେ ଛାତ୍ରଛାତ୍ରୀଙ୍କ ସପକ୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଭଳି ଏହି ପ୍ରଶ୍ନପତ୍ର ପ୍ରସ୍ତୁତ ହେଉଛି। ଏମ୍‌ସିକ୍ୟୁ ପ୍ରଶ୍ନ ଅଧିକ ମାତ୍ରାରେ ପଡୁଥିବାରୁ ପିଲାମାନଙ୍କୁ ଭଲ ମାର୍କ ଆଣିବା ପାଇଁ ଏହା ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହା ଛାତ୍ରଛାତ୍ରୀଙ୍କୁ କେବଳ ବୋର୍ଡ ପରୀକ୍ଷା ନୁହେଁ ବରଂ ନିଟ୍, ଆଇଆଟି, ଜେଇଇ ଭଳି କମ୍ପିଟେଟିଭ୍ ପରୀକ୍ଷାରେ ମଧ୍ୟ ସାହାଯ୍ୟ କରିବ। ଏହି ନୂତନ ପରୀକ୍ଷା ପ୍ରଣାଳୀ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ସମ୍ପାଦିକା ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ଏବଂ ସହସମ୍ପାଦକ ଯଶୋବନ୍ତ ସାମଲ୍ ପ୍ରମୁଖଙ୍କ ଉଲ୍ଲେଖନୀୟ ଭୂମିକା ପାଇଁ ଅଲ୍ ଓଡ଼ିଶା ସେଲ୍ଫ ଫାଇନାନ୍ସିଂ କଲେଜ୍ ଆସୋସିଏସନ୍ (ଏଓଏସ୍‌ଏଫ୍‌ଏଚ୍‌ଏସ୍‌ଏସ୍‌ଏ) ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ‘ଏଓଏସ୍‌ଏଫ୍‌ଏଚ୍‌ଏସ୍‌ଏସ୍‌ଏ’ର ସଭାପତି ସୁବାଷ ଚନ୍ଦ୍ର ଦାସ, ଉପଦେଷ୍ଟା ସଞ୍ଜୟ କୁମାର ସାହୁ, ସମ୍ପାଦକ ବିଷ୍ଣୁ ଦାସ, ଜୋନାଲ୍ ହେଡ୍ ସ୍ୱାଗତ ଶେଖର ଜେନା, ଅଧ୍ୟକ୍ଷ ତ୍ରିଦେବ ବେହେରା, ଶ୍ରୀକାନ୍ତ ସାମନ୍ତରାୟ, ଅଧ୍ୟକ୍ଷ ପ୍ରଦୀପ୍ତ ପୃଷ୍ଟି ଏବଂ ମୁକେଶ ଚୌବେ ଉପସ୍ଥିତ ରହିଥିଲେ। ଏଥି ନିମନ୍ତେ ଏଓଏସ୍‌ଏଫ୍‌ଏଚ୍‌ଏସ୍‌ଏସ୍‌ଏ ପକ୍ଷରୁ ସମସ୍ତଙ୍କୁ ପ୍ରଶଂସା କରାଯାଇଛି।



# ଜରାଜୀର୍ଣ୍ଣ ଅବସ୍ଥାରେ ଚିଲିକା ଜେଟି ଧର୍ମଶାଳା

**କୁଆଁପାଳ,୪।୯/ଏନ୍ଏନ୍ଏସ୍:** କୃଷ୍ଣପ୍ରସାଦ,୪।୯/ଏନ୍ଏନ୍ଏସ୍: ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ପାରିକୁଦ ଗଡ଼ ଚିଲିକା ଘିମୁଦା ଜେଟି କୂଳରେ ଅବସ୍ଥିତ ଧର୍ମଶାଳାଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଏକଦା ଉକ୍ତ ଧର୍ମଶାଳାଟି କୃଷ୍ଣପ୍ରସାଦ ବ୍ଲକର ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେଇ ଆସୁଥିଲା । ସନ ୧୯୫୬ ମସିହାରେ କୃଷ୍ଣପ୍ରସାଦ ଅଞ୍ଚଳର ବଦ୍ୟାନ ବ୍ୟକ୍ତି ନୀଳକଣ୍ଠ ବଡ଼ପଣ୍ଡାଙ୍କ ପ୍ରଚେଷ୍ଟା କ୍ରମେ ଏହି ଧର୍ମଶାଳାଟି ନିର୍ମାଣ କରାଯାଇଥିଲା । ସମାୟାନୁକ୍ରମେ ଧର୍ମଶାଳାଟିର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ନତୁବା ଜନ ପ୍ରତିନିଧି କେହିହେଲେ ଧ୍ୟାନ ଦେଲେ ନାହିଁ । ଫଳ ସ୍ୱରୂପ ଧର୍ମଶାଳାଟି ଏବେ ସମ୍ପୂର୍ଣ୍ଣ ବିପଦ ଶଙ୍କୁଳ ହୋଇପଡ଼ିଛି । ଦୀର୍ଘ ୬୭ ବର୍ଷ ପରେ ମଧ ଧର୍ମଶାଳାଟିର ପୁନରୁଦ୍ଧାର ଦିଗରେ କେହି ଦୃଷ୍ଟି ନଦେବା ପରିତାପର ବିଷୟ । ଏଣୁ ଧର୍ମଶାଳାଟିର ଉନ୍ନତି କରଣ ଦିଗରେ ବ୍ଲକ ପ୍ରଶାସନ, ବ୍ରହ୍ମଗିରି ବିଧାୟିକା ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି । ଏଥିପ୍ରତି କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଦୃଷ୍ଟିଦେବାକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ସାମାଜିକ କର୍ମୀ ନାଲୁ ପାହାଣ, ହଜାରୀ ନାୟକ, ସଞ୍ଜୟ କୁମାର ଗିରି ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହିଳାଙ୍କ ସହ ସମ୍ପର୍କ ରଖି ଟଙ୍କା, ଅଳଙ୍କାର ଲୁଟ୍: ଯୁବକ ଗିରଫ

**ଖଣ୍ଡପଡ଼ା,୪।୯/ଏନ୍ଏନ୍ଏସ୍:** ଜଣେ ବିବାହିତ ମହିଳାଙ୍କ ସହ ଶାରୀରିକ ସଂପର୍କ ରଖି ସୁନାଗହଣା ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ପୁଲିସ ଖଣ୍ଡପଡା ସହରର ଯୁବକ କବି ବେହେରା ଓରଫ ଉଲାକୁ ଗିରଫକରି ଅଦାଲତ ଚାଲାଣ କରିଥିବା ଜଣାଯାଇଛି । ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଖଣ୍ଡପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଥିବା ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କଠାରୁ ପ୍ରକାଶ ।

# କୁସୁମୀସେତୁ ସଂଯୋଗ ରାସ୍ତା ବିପଦସଙ୍କୁଳ

**ଖଣ୍ଡପଡ଼ା,୪।୯/ଏନ୍ଏନ୍ଏସ୍:** ଖଣ୍ଡପଡା ସହରର ଜେଲଖାନା ଛକଠାରୁ ନିକଟସ୍ଥ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁସୁମୀ ସେତୁର ଆପ୍ରୋଚ ରାସ୍ତା ଲଗାଣ ବର୍ଷାର ପ୍ରଭାବରେ ବିପଦସଂକୁଳ ହୋଇ ପଡିଛି । ବର୍ଷା ଯୋଗୁଁ ରାସ୍ତା ପାର୍ଶ୍ୱରୁ ମାଟି ଧୋଇଯାଇ ରାସ୍ତା ପ୍ରତି ବିପଦ ସୃଷ୍ଟି କରିଛି । ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି । ଫଳରେ ଯାନବାହନ ଚାଳକମାନେ ବିପଦପୂର୍ଣ୍ଣ ରାସ୍ତାଦେଇ ଯାତାୟତ କଲାବେଳେ ସମସ୍ୟାର ସମ୍ମୁଖିନ ହେଉଛନ୍ତି । କୁସୁମୀ ସେତୁର ଆପ୍ରୋଚ ରାସ୍ତା ପ୍ରତି ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ ନୟାଗଡ ନିର୍ବାହୀଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶଥାଉ କି, ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା କୁସୁମୀ ସେତୁର ଉଭୟ ପାର୍ଶ୍ୱର ଆପ୍ରୋଚ ରାସ୍ତାର ପ୍ରଶସ୍ତିକରଣ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରାସ୍ତା ଅବସ୍ଥା ଶୋଚନୀୟ, ଲୋକେ ହନ୍ତସନ୍ତ

**କୁଆଁପାଳ,୪।୯/ଏନ୍ଏନ୍ଏସ୍:** ଗତ ବିଜେଡି ସରକାରଙ୍କ ଅମଳରେ ମାହାଙ୍ଗା ବ୍ଲକର କୌଣସି ଗୋଟିଏ ରାସ୍ତାର ଅବସ୍ଥା ଭଲ ନଥିଲା ବେଳେ ତତ୍କାଳୀନ ବିଧାୟକ କେବଳ ଶିଳାନ୍ୟାସରେ ରାସ୍ତାର ଉନ୍ନତି କରାଯାଇଥିବା ଡିଣ୍ଡିମ ପିଟୁଥିଲେ । ବାସ୍ତବରେ ସଠିକ୍ ଭାବରେ ମାହାଙ୍ଗାର କୌଣସି ରାସ୍ତାର କାର୍ଯ୍ୟ କରାଯାଇନଥିଲା । ଯାହାର ଉଦାହରଣ ସ୍ୱରୂପ ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତା ଓ ମାହାଙ୍ଗା କଟିକଟା ରାସ୍ତା । ଅପରପକ୍ଷରେ ଗ୍ରାମାଞ୍ଚଳରେ ଥିବା ରାସ୍ତାଗୁଡିକର ଅବସ୍ଥା ନକହିବା ଭଲ । ବର୍ଷାଦିନେ ଯାତାୟାତ କରିବା ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ଯାହାର ଉଦାହାରଣ ପାଲଟିଛି ବାଲିପଡା ଭାୟାଁ ପାଣ୍ଡିଆ ଝାଡେଶ୍ୱରପୁର ରାସ୍ତା । ସ୍ୱାଧୀନତାର ୭୮ବର୍ଷ ପରେ ବି ଏହି ରାସ୍ତାର ଭାଗ୍ୟ ବଦଳୁନି । ଶତପଥି ସାହି ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ଝାଡେଶ୍ୱରପୁର ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ, ପାଣ୍ଡିଆ ଅଙ୍ଗନବାଡ଼ି କେନ୍ଦ୍ର ଏପରିକି ବାଲିପଡାସ୍ଥିତ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚବିଦ୍ୟାଳୟକୁ ଛାତ୍ରଛାତ୍ରୀମାନଙ୍କ ଯିବା ପାଇଁ ସମସ୍ୟା ଉପୁଜୁଛି । ଆଣ୍ଠୁଏ କାଦୁଅରେ ଛୋଟ ଛୋଟ ପିଲା କିଭଳି ସ୍କୁଲକୁ ଯିବେ । ଏଣୁ ମାହାଙ୍ଗାର ମାନ୍ୟବର ବିଧାୟକ ଶାରଦା ପ୍ରଧାନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଛି ।

## ଅସ୍ତରଙ୍ଗ ହାଇସ୍କୁଲ୍‌ରେ ବାଟାଲିୟନ୍ କମାଣ୍ଡର୍

**ଅସ୍ତରଙ୍ଗ,୪।୯/ଏନ୍ଏନ୍ଏସ୍:** ଓଡ଼ିଶା ବଟାଲିୟନ୍, ପୁରୀର କମାଇଣ୍ଡିଂ ଅଫିସର୍ କର୍ଣ୍ଣେଲ ସୁଦୀପ ସିହ୍ନା ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏଠାରେ ପହଞ୍ଚିବା ପରେ ଅସ୍ତରଙ୍ଗ ଉଚ୍ଚବିଦ୍ୟାଳୟର ଏନ୍‌ସିସି ଅଫିସର ପ୍ରିୟବ୍ରତ ପରିଡ଼ା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ପରେ ବିଦ୍ୟାଳୟର କ୍ୟାଡେଟ୍‌ମାନଙ୍କ ଦ୍ୱାରା ଗାର୍ଡ ଅଫ୍ ଅନର୍ ଦିଆଯିବା ସଙ୍ଗେ ସଙ୍ଗେ ସ୍କାଉଟିଙ୍ଗ୍ କରିଥିଲେ । ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡ଼ା ସମ୍ମାନିତ କରିଥିଲେ । କର୍ଣ୍ଣେଲ ଶ୍ରୀ ସିହ୍ନା ବିଦ୍ୟାଳୟର ଏନ୍‌ସିସି କାର୍ଯ୍ୟାଳୟ ଓ କାଗଜପତ୍ର ନିରୀକ୍ଷଣ କରିବା ପରେ କ୍ୟାଡେଟ୍‌ମାନଙ୍କ ସହିତ ଭାବ ବିନିମୟ କରି ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ । ଏହି ପରିଦର୍ଶନ ସମୟରେ କର୍ଣ୍ଣେଲ ସିହ୍ନାଙ୍କ ସହିତ ମଙ୍ଗଳା ମହାବିଦ୍ୟାଳୟର ଏନ୍‌ସିସି ଅଫିସର୍ ଲେଫ୍ଟନାଣ୍ଟ ସୂର୍ଯ୍ୟକାନ୍ତ, ଭଗବତୀ ମହାବିଦ୍ୟାଳୟର ଏନ୍‌ସିସି ଅଫିସର୍ ଲେଫ୍ଟନାଣ୍ଟ ବିନୟ ଭୂଷଣ ମହାନ୍ତି ଉପସ୍ଥିତ ଥିଲେ ।

ପୌରପରିଷଦ ଦ୍ୱାରା ନିର୍ମିତ ଭାରୀଯାନ ପ୍ରବେଶ ନିଷେଧ

# ହାଇଟ୍ ଗେଟ୍‌କୁ ନେଇ ଅଧିବାସୀଙ୍କ ଅସନ୍ତୋଷ

**ଜଟଣୀ,୪।୯/ଏନ୍ଏନ୍ଏସ୍:** ଜଟଣୀ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ ୯ ଷଣ୍ଢପୁର ମୌଜାରେ ଅନେକ ସରକାରୀ କର୍ମଚାରୀ ତଥା ସାଧାରଣ ଜନତା ସ୍ଥିତିବାନ ଜମି କିଣି ଉକ୍ତ ଜାଗାରେ ବସବାସ ପାଇଁ ଗୃହ ନିର୍ମାଣ କରୁଛନ୍ତି । ମୁଖ୍ୟରାସ୍ତାଠାରୁ ଅନ୍ତେବାସୀ କିଣିଥିବା ଜମିର ଦୂରତ୍ୱ ୨୦୦ରୁ ୨୫୦ମିଟର ହୋଇଥିବାବେଳେ ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ କିଛି ସରକାରୀ ଜାଗାରେ ଲୋକ ମଧ ଘର କରିଛନ୍ତି । ଦୁଃଖର ବିଷୟ ସ୍ଥାନୀୟ ପୌରପରିଷଦ ପକ୍ଷରୁ ଉକ୍ତ ରାସ୍ତାରେ ଭାରୀଯାନ ପ୍ରବେଶ ନିଷେଧ ହାଇଟ୍ ଗେଟ ନିର୍ମାଣ ଫଳରେ ଅନ୍ତେବାସୀଙ୍କ ଘର ନିର୍ମାଣରେ ବାଧା ସୃଷ୍ଟି ହେଉଛି । ଉକ୍ତ ରାସ୍ତା ଏବଂ ପରିସୀମା ମୁଖ୍ୟ ରାସ୍ତା ରୂପେ ପରିଗଣିତ ହେଉଥିଲେ ମଧ ପୌରପରିଷଦ କର୍ତ୍ତୃପକ୍ଷ କୌଣସି କାରଣ ନ ଥାଇ ହାଇଟ ଗେଟ୍ ନିର୍ମାଣର ଉଦ୍ଦେଶ୍ୟ ଜଣାପଡୁନାହିଁ । ପୌରପରିଷଦ କର୍ତ୍ତୃପକ୍ଷଙ୍କ ଉକ୍ତ ଆଦେଶ ଆମ୍ଭ ୱାର୍ଡ ୯ର ଅନ୍ତେବାସୀଙ୍କ ପ୍ରତି ପକ୍ଷପାତିତାକୁ ଦର୍ଶାଉଛି । ବର୍ତ୍ତମାନ ଆମ୍ଭେ ଅନ୍ତେବାସୀ ଘର ନିର୍ମାଣରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛୁ ଏବଂ ଅଧିକ ଖର୍ଚ୍ଚାନ୍ତ ହେଉଛୁ । ଉକ୍ତ ରାସ୍ତାରେ ପୌରପରିଷଦ ପକ୍ଷରୁ ହାଇଟ ଗେଟ ନିର୍ମାଣ ଆମ୍ଭ ଅନ୍ତେବାସୀମାନଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ସହରର ଅନେକ ରାସ୍ତା ଯାହାକି ସରକାରୀ ଏବଂ ଜଗନ୍ନାଥ ଜମି ମାଡିବସି ଘରଦ୍ୱାର କରିଛନ୍ତି ସେମାନଙ୍କୁ କିପରି ପୌରପରିଷଦ ଫେବର ବ୍ଲକ ପକାଇ ରାସ୍ତା ତିଆରି କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେଉଁଠି ପୌର ପରିଷଦର କମ୍ ଚଉଡ଼ା ରାସ୍ତାରେ ଗୋଦାମ ଏବଂ ବ୍ୟବସାୟୀକରଣ ସରଞ୍ଜାମ ଉଚ୍ଚକ୍ଷମତା ସମ୍ପନ୍ନ ଗାଡି ଯିବା ଆସିବାରେ ନିୟମ ନାହିଁ ଏକ ନିର୍ଦ୍ଦିଷ୍ଟ ରାସ୍ତାକୁ ଅବରୋଧ କରିବା ପୌରପରିଷଦ କର୍ତ୍ତୃପକ୍ଷଙ୍କ ହୀନ ଚକ୍ରାନ୍ତକୁ ଦର୍ଶାଉଛି ବୋଲି ମତପ୍ରକାଶ ପାଇଛି । କେତେକ ମୁଷ୍ଟିମେୟ କାଉନସିଲର ଅର୍ଥ ଆଶାରେ ଉକ୍ତ ରାସ୍ତାରେ ହାଇଟ ଗେଟ ନିର୍ମାଣ କରି ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥକୁ ଆଖି ଆଗରେ ରଖି ପ୍ରତିଶୋଧ ପରାୟଣ ହୋଇ ନାଗରିକମାନଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ଏହି ବିଷୟକୁ ନେଇ ପୌରନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିବାରେ ସେ କହିଲେ ସେଠାକାର କିଛି ଲୋକ ଭାରୀଯାନ ଯିବା ଫଳରେ ରାସ୍ତା ଖରାପ ହେଉଯାଉଛି କହି ଅଭିଯୋଗ ପରେ ଆମର କାଉନସିଲ ମାଧମରେ ବିଚାରକରି ପୌରପରିଷଦ ତରଫରୁ ହାଇଟ୍ ଗେଟ ନିର୍ମାଣ କରିଛୁ ବୋଲି କହିଥିଲେ । ତେବେ ଅନ୍ତେବାସୀମାନେ ସେମାନଙ୍କ ଅଭିଯୋଗର କୌଣସି ନିରାକରଣ ନ ପାଇ ଏକ ଲିଖିତ ଅଭିଯୋଗ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ବେଳେ ଏହାର ଏକକିତା ନକଲ ଜିଲ୍ଲାପାଳ, ନିର୍ଦ୍ଦେଶକ ଅର୍ବାନ ବିଭାଗ ଏବଂ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି ।

## ସମାଜସେବୀ ଇଂ. ଅକ୍ଷୟ ସାମଲ ସମ୍ବର୍ଦ୍ଧିତ



**କୁଆଁପାଳ,୪।୯/ଏନ୍ଏନ୍ଏସ୍:** ମାହାଙ୍ଗା ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା କଳିଙ୍ଗ ଭାରତୀ ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧକ୍ଷ ଇଂ. ଅକ୍ଷୟ କୁମାର ସାମଲଙ୍କୁ ହରିଆନାସ୍ଥିତ ଗୁଡ୍‌ଗାଁଓଠାରେ ସୈନି ସମାଜ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ସମାଜର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଛି । ଯାହାକୁ ନେଇ ମାହାଙ୍ଗା ଅଂଚଳରେ ସ୍ୱାଗତ କରାଯାଇଛି । ଇଂ. ଶ୍ରୀ ସାମଲ ପ୍ରବାସୀ ଓଡିଆଙ୍କ ପାଇଁ କୋରୋନା ସମୟରେ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ । ଓଡିଶାର ସଂସ୍କୃତି ଏପରିକି ଜଗନ୍ନାଥ ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରଚାର ପ୍ରସାର ପାଇଁ ନୂଆଦିଲ୍ଲୀଠାରେ ଜଗନ୍ନାଥ ମହୋତ୍ସବ ଆୟୋଜନ କରିଥିଲେ । ଏଥିରେ ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀ, ପୁରୀଗଜପତି ମହାରାଜ ଦିବ୍ୟସିଂହ ଦେବ ଯୋଗଦେଇଥିଲେ । ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତୀ ଅବସରରେ ଭୁବନେଶ୍ୱର ତଥା ଦିଲ୍ଲୀ ଏନ୍.ସି.ଆରଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେହିପରି ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ଜୟନ୍ତୀ ୫ଟି ରାଜ୍ୟରେ ପାଳନ ଇଂ. ଅକ୍ଷୟ ସାମଲଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା । ଏପରିକି ଗୁରୁ ଦ୍ରୋଣାଚାର୍ଯ୍ୟ ସରକାରୀ କଲେଜ ପରିସରରେ ନେତାଜୀ ସୁବାଷ ବୋଷଙ୍କ ୬ଫୁଟ୍‌ର ପ୍ରତିମୂର୍ତ୍ତୀ ସ୍ଥାପନ କରାଯିବା ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଉଦ୍‌ଘାଟକ ରୂପେ ଯୋଗଦେଇଥିଲେ । ଓଡିଆ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ ଉଦ୍ୟମ କରିଆସୁଛନ୍ତି ।

# ଚାରଣ ଜମି ଅଭାବରୁ ମଇଁଷୀ ଚାଷ ଉପରୁ ମୁହଁ ଫେରାଉଛନ୍ତି ଚାଷୀ

**କଣାସ,୪।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପତି ହୋଇଥିବାରୁ ପୂର୍ବରୁ ବ୍ଲକର ୨୮ ପଞ୍ଚାୟତରେ ଥିବା ୫୮୪ ହେକ୍ଟର ଗୋଚର ଓ ଅନାବାଦି ଜମିକୁ ଜବରଦଖଲରେ ନିଆଯାଇଥିବାରୁ ମଇଁଷୀମାନେ ଚରାବୁଲା କରି ଖାଦ୍ୟ ସଂଗ୍ରହ କରିଆସୁଥିଲେ । ଉକ୍ତ ଜମି ଗୁଡିକ ଜବରଦଖଲରେ ଥିବାରୁ ମଇଁଷୀମାନେ ଚାରାବୁଲା କରିବା ପାଇଁ ଜାଗା ପାଉନଥିବା ବେଳେ କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପତି ହୋଇଥିବାରୁ ମଇଁଷୀମାନେ ସଦାସର୍ବଦା କାଦୁଅପଙ୍କରେ ବୁଲୁଥିବା ହେତୁ ସେମାନଙ୍କୁ ବିଶେଷ କରି ବଜବଜିଆ, ସାହାଣ ରୋଗ ହେଉଥିବା ବେଳେ ନିର୍ଦ୍ଦିଷ୍ଟ ସମୟରେ ତାର ପ୍ରତିକାର ଟିକା ଦିଆଯାଉନଥିବାରୁ ମଇଁଷୀମାନେ ମୃତୁବରଣ କରୁଥିବା ହେତୁ ଚାଷୀମାନେ ମଇଁଷୀ ଚାଷ ଉପରୁ ମୁହଁଫେରାଇ ନେଉଛନ୍ତି । ଚିଲିକା ଉପକୂଳର କେତେକ ଚାଷୀ ବିପଦଜନଙ୍କ ଅବସ୍ଥାରେ ଚିଲିକା ଭିତରେ ମଇଁଷୀ ଚାରିବା ସହ ଚିଲିକା ଉପକୂଳରେ ଥିବା ଢିପ ଜାଗାରେ ମଇଁଷୀମାନଙ୍କ ସୁରକ୍ଷା ପାଇଁ ମଶା, ଡାଉଁଷ ଓ ସର୍ପମାନଙ୍କ ଦାଉରୁ ରକ୍ଷା କରିବାପାଇଁ ମଶାରୀ ଟାଣି ବାନ୍ଧି ରଖୁଛନ୍ତି । କଣାସରେ ପଶୁଚିକିତ୍ସା ପାଇଁ କଣାସଠାରେ ମୁଖ୍ୟ ପଶୁ ଚିକିତ୍ସାକେନ୍ଦ୍ର ଥିବାବେଳେ ବିଭିନ୍ନ ୧୧ଟି ସ୍ଥାନରେ ପ୍ରାଥମିକ ପଶୁଚିକିତ୍ସା କେନ୍ଦ୍ର ଖୋଲାଯାଇଥିବା ବେଳେ କଣାସ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ରରେ ମୁଖ୍ୟ ପଶୁଚିକିତ୍ସକ ପଦବୀ ଖାଲି ରହିଛି । ୧୧ଟି ବିଭିନ୍ନ ସ୍ଥାନରେ ପ୍ରାଥମିକ ପଶୁଚିକିତ୍ସା କେନ୍ଦ୍ର ମାତ୍ର ୩ଜଣ ପଶୁଚିକିତ୍ସକ ଥିବାରୁ ପଶୁମାନଙ୍କୁ ସଠିକ୍ ସମୟରେ ଚିକିତ୍ସା କରାଯାଇ ପାରୁନଥିବା ଅଭିଯୋଗ ହେଉଛି । ଏ ସଂପର୍କରେ କଣାସ ଠାରେ ଥିବା ଅତିରିକ୍ତ ପଶୁଚିକିତ୍ସକ ଅନୁପମ ଜେନାଙ୍କୁ ପଚାରିବାରୁ ବହୁତ ଚିକିତ୍ସା ପଦବୀ ଖାଲିଥିଲେ ମଧ ଯଥାସାଧ୍ୟ ଆମେ ବଜବଜିଆ ଓ ଶାହାଣ ଟିକା ପ୍ରତିବର୍ଷ ଦେଉଛୁ ବୋଲି କହିଥିଲେ ।

# ସରକାରୀ ଜମି ଜବରଦଖଲ ଅଭିଯୋଗ

**ସାକ୍ଷୀଗୋପାଳ,୪।୯/ଏନ୍ଏନ୍ଏସ୍:** ସତ୍ୟବାଦୀ ତହସିଲ ଅନ୍ତର୍ଗତ ଗବକୁଣ୍ଡ ରାୟଖଣ୍ଡି ମୌଜା ବଙ୍ଗାଳିସାହିରେ ସରକାରୀ ଜମି ଜବରଦଖଲ ନେଇ ଅଭିଯୋଗ ହୋଇଛି । ଖାତା ନଂ ୩୫୪ ପ୍ଲଟ୍ ନଂ ୩୨୪/୧୮୯୯ କିସମ ବନ୍ଧ ଜଳସେଚନ ବିଭାଗ ନିମାପଡ଼ାର ଉପଶାଖା ବଳଙ୍ଗା ଅଧିନସ୍ଥ ଏହି କେନାଲ ବନ୍ଧ ରହିଛି । ଏହି ଜମିକୁ ସ୍ଥାନୀୟ ଜଣେ ବ୍ୟକ୍ତି ଅବରୋଧ କରି ରଖିଛନ୍ତି । ଏ ସଂପର୍କରେ ବଳଙ୍ଗା ଏସ୍‌ଡିଓଙ୍କୁ ଅଭିଯୋଗ ହେଇଥିଲା । ସୂଚନାଯୋଗ୍ୟ ଯେ ଉକ୍ତ ସରକାରୀ ଜାଗାରେ ପକ୍କାଘର, ପାଇଖାନା, ଗୁହାଳ ସହ ଅବଶିଷ୍ଟ ଜାଗାରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଛଣ ଓ ଗୋବର ଗଦେଇ ରଖିଛନ୍ତି । ପାଖରେ ଥିବା ଅନ୍ୟ ପ୍ଲଟକୁ ଯିବା ପାଇଁ ସଂପୃକ୍ତ ବ୍ୟକ୍ତି ରାସ୍ତା ଛାଡୁନାହାନ୍ତି ବୋଲି ବଳଙ୍ଗାସ୍ଥିତ ଜଳସେଚନ ବିଭାଗରେ ଗତ ଏପ୍ରିଲ ମାସ ୨୫ ତାରିଖରେ ଅବଗତ କରାଯାଇଥିଲା । ଏସ୍‌ଡିଓ ଉକ୍ତ ବିଷୟକୁ ତଦନ୍ତ ନ କରିବା ଫଳରେ ଅଭିଯୋଗକାରୀ ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।

## ଆଧାର ସଂଶୋଧନକୁ ନେଇ ହୋହଲ୍ଲା

**ଟାଙ୍ଗୀ,୪।୯/ଏନ୍ଏନ୍ଏସ୍:** ସରକାରଙ୍କ ସୁଭଦ୍ରା ଯୋଜନାରେ ସାମିଲ୍ ହେବାକୁ ହେଲେ ନିଜ ନିଜ ଆଧାର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ବିଭିନ୍ନ ସ୍ଥାନରେ ଠେଲା ପେଲା ହୋ ହାଲ୍ଲା ଦେଖିବାକୁ ମିଳିଛି । ବିଶେଷକରି ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ଖୋଲା ଯାଇଥିବା ଆଧାର ସଂଶୋଧନ କେନ୍ଦ୍ରରେ । ଏଠାରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି । ଏହି ବ୍ଲକ୍‌ଟି ୨୪ଟି ପଞ୍ଚାୟତକୁ ନେଇ ଗଠନ ହୋଇଥିବା ବେଳେ ଆଧାର ସଂଶୋଧନ ପାଇଁ ସକାଳ ୮ଠାରୁ ଲମ୍ବା ଲାଇନ୍ ଲାଗିବା ସହ ଠେଲା ପେଲା ହୋହାଲ୍ଲା ହେବାକୁ ମଧ ପଛାଉ ନାହାନ୍ତି ମହିଳାମାନେ । ଏମିତି କି ଭୋକ ଉପାସରେ ଠିଆ ହୋଇ କେହି କେହି ନିରାଶ ହୋଇ ମଧ ଫେରୁଛନ୍ତି । ଏମିତି କି ୱେବସାଇଟରେ ତ୍ରୁଟି ରହୁଥିବାରୁ ନିରାଶ ହେବାକୁ ମଧ ପଡୁଛି । ଯଦି ଏକକାଳୀନ ନକରି ପ୍ରତି ବାରରେ ପଞ୍ଚାୟତ ପାଳିକରି କରାଯାଆନ୍ତା ତାହା ହେଲେ ଭିଡ଼କୁ ନିୟନ୍ତ୍ରଣ କରିବା ସହ ଆଧାର ସଂଶୋଧନକାରୀ ସୁବିଧା ପାଇପାରନ୍ତେ ବୋଲି କେତେକ ସଂଶୋଧନକାରୀ କହିଛନ୍ତି । ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହେଉଛି ।

# ନୟାଗଡ଼ର ପ୍ରଥମ ନଗରପାଳଙ୍କ ସ୍ମୃତି ସମାରୋହ



**ନୟାଗଡ଼,୪।୯/ଏନ୍ଏନ୍ଏସ୍:** ନୟାଗଡ଼ର ପ୍ରଥମ ନଗରପାଳ ତଥା ଆଧୁନିକ ନୟାଗଡ଼ ସହରର ରୂପକାର ସ୍ୱର୍ଗତ ରଘୁନାଥ ଦାସ(ନାଥବାବୁ)ଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ତାଙ୍କର ପ୍ରିୟ ନିଜ ହାତଗଢା ଏନ୍.ଏ.ସି. ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଭାରତ ସରକାରଙ୍କ ଅବସରପ୍ରାପ୍ତ ଗଣମାଧ୍ୟମ ପରାମର୍ଶଦାତା ଡ. ଉମାକାନ୍ତ ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ବରେଣ୍ୟ ଅତିଥି, ପୌରପାଳ ନିରୁପମା ଖଟେଇ ସମ୍ମାନିତ ଅତିଥି, ପ୍ରାକ୍ତନ ଉପାଧକ୍ଷ ବରିଷ୍ଠ ଓକିଲ କୃଷ୍ଣଚନ୍ଦ୍ର ପ୍ରଧାନ,ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ୍ , ଉପାଧକ୍ଷ ଗୁରୁପ୍ରସାଦ ଜେନା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ନାଥବାବୁଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସ୍କୁଲ ପରିସରରେ ନାଥବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍ମୃତି ପରିଷଦ ଆବାହକ ବିଶ୍ୱନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପ୍ରଧାନ ବକ୍ତା ଦାଶ ବେନହୁର ନିଜର ଅନୁଭବକୁ ଭିତ୍ତିକରି କମ୍ୟୁନିଷ୍ଟ ନାଥବାବୁ କିଭଳି ଦଳମତ ନିର୍ବିଶେଷରେ ନୟାଗଡ଼ ବାସୀଙ୍କ ପ୍ରିୟ ଭାଜନ ହୋଇ ଦୀର୍ଘ ୨୧ ବର୍ଷ କାଳ ନିରବଚ୍ଛିନ୍ନ ଭାବେ ନୟାଗଡ଼ର ନଗରପାଳ ହୋଇପାରିଥିଲେ, ତାହା ଉପରେ ଆଲୋକପାତ କରିଥିଲେ । ପ୍ରାକ୍ତନ ଉପାଧକ୍ଷ କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାକ୍ତନ କର୍ମଚାରୀ ହରମୋହନ ରଥ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାରଣା ଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ମୋ ସ୍କୁଲର ଅଧକ୍ଷ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନେ ବିଦ୍ୟାଳୟରେ ଅନୁଷ୍ଠିତ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲାବେଳେ ଲକ୍ଷ୍ମୀଧର ସାହୁ ଓ ପ୍ରଦୀପ୍ତ କୁମାର ଡାକୁଆ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମର ସୁପରିଚାଳନା

**ନୟାଗଡ଼,୪।୯/ଏନ୍ଏନ୍ଏସ୍:** କଲ୍ୟାଣକାରୀ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ନୟାଗଡ଼ ଜିଲ୍ଲାରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁବ ସୁନ୍ଦର ଭାବରେ ଯୋଜନାର ସୁପରିଚାଳନା କରାଯାଉଛି । ସମସ୍ତ ହିତାଧିକାରୀମାନଙ୍କ ପାଖରେ ଏହି ଯୋଜନାର ଫର୍ମ ପ୍ରାୟତଃ ପହଞ୍ଚିସାରିଲାଣି । ଏହି ଜିଲ୍ଲାର ୮ଟି ବ୍ଲକ ଯଥା-ଭାପୁରକୁ ୪୬୭୭୫, ନୟାଗଡ଼କୁ ୭୪୩୦୨, ରଣପୁରକୁ ୭୪୩୨୭, ଓଡ଼ଗାଁକୁ ୮୧୬୨୩, ନୂଆଗାଁକୁ ୪୪୬୨୦, ଦଶପଲ୍ଲାକୁ ୪୫୬୧୦, ଗଣିଆକୁ ୧୭୪୨୮ ଏବଂ ଖଣ୍ଡପଡ଼ାକୁ ୫୧୩୧୫ ସର୍ବମୋଟ ୪୩୬୦୦୦ଫର୍ମ ଯୋଗାଇ ଦିଆଯାଇଛି । ଏହି ଫର୍ମ ମଧ୍ୟରୁ ୮ ବ୍ଲକର ୮ ସିଡିପିଓଙ୍କୁ ୩୧୫୧୫୭, ଜିଲ୍ଲାର ୪୬୩ଟି ସହଜ ଜନସେବା କେନ୍ଦ୍ରକୁ ୮୯୯୦, ଜିଲ୍ଲାର ୩୪୬ଟି ମୋ ସେବା କେନ୍ଦ୍ରକୁ ୭୪୭୦, ବିଡିଓମାନଙ୍କ ପାଖରେ ୩୩୫୦, ଏନଏସି ଓ ପୌର ପରିଷଦର ନିର୍ବାହୀ ଅଧିକାରୀମାନଙ୍କୁ ୩୬୦୦, ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ୮୫୦ ସର୍ବମୋଟ ୩୩୬୪୧୭ ଫର୍ମ ବଂଟନ କରଯାଇଛି । ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ପ୍ରାୟ ସମସ୍ତ ହିତାଧିକାରୀମାନଙ୍କ ପାଖରେ ତିନିଲକ୍ଷରୁ ଉର୍ଦ୍ଧ ଫର୍ମ ପହଞ୍ଚି ସାରିଲାଣି । ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରଗୁଡ଼ିକ ହିତାଧିକାରୀ ମାନଙ୍କ ସମସ୍ତ ଦସ୍ତାବିଜ୍ ସ୍କାନ୍‌କରି ସୁଭଦ୍ରା ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହିସବୁ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପ୍ରତ୍ୟକ୍ଷ ତଦାରଖ ଓ ସମୀକ୍ଷା କରୁଛନ୍ତି । ଲକ୍ଷ ରଖିଛନ୍ତି କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବାଦ୍ ନପଡ଼ନ୍ତି । ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀମାନେ ଯେପରି ସେମାନଙ୍କର ଆଧାର ଅପ୍‌ଡେସନ ସୁବିଧାରେ କରିପାରିବେ ସେଥିପାଇଁ ନୟାଗଡ଼ ଜିଲ୍ଲାର ସମସ୍ତ ବ୍ୟାଙ୍କ, ଡାକଘର, ବ୍ଲକ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଧାର ଅପ୍‌ଡେସନ କେନ୍ଦ୍ରଗୁଡ଼ିକ ସକାଳ ୭ଘଟିକା ଠାରୁ ସନ୍ଧ୍ୟା ୭ଘଟିକା ପର୍ଯ୍ୟନ୍ତ ହିତାଧିକାରୀଙ୍କ ସୁବିଧା ଦୃଷ୍ଟିରୁ ଖୋଲା ରହିବ । ହିତାଧିକାରୀ ମହିଳାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସେ ଅଞ୍ଚଳର ଆଇ.ଆଇ.ସି. ମାନଙ୍କ ସହିତ ଯୋଗାଯୋଗ କରି ଶୃଙ୍ଖଳା ସହ କାର୍ଯ୍ୟକ୍ରମକୁ ଆଗେଇ ନେବେ । ବିଦ୍ୟୁତ୍ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ବି ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିଯିବା ଭୟରେ ବ୍ୟସ୍ତ ଓ ବିବ୍ରତ ନ ହୋଇ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅକାରୀ ଦେବଦତ୍ତ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନ୍ୟାନ୍ୟ ସଂପୃକ୍ତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ଅନୁରୋଧ କରିଛନ୍ତି । ଜିଲ୍ଲାରେ ଏ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସନ୍ତୋଷଜନକ ଭାବେ ଅଗ୍ରଗତି କରିଚାଲିଛି ।

## ବାଣପୁର ୟୁକୋ ବ୍ୟାଙ୍କ ଏଟିଏମ୍ ଅଚଳ

**ବାଣପୁର,୪।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁରସ୍ଥିତ ଏକମାତ୍ର ୟୁକୋ ବ୍ୟାଙ୍କ ଏଟିଏମ୍‌ଟି ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି । ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ବ୍ୟାଙ୍କରେ ବିଶେଷତଃ ସରକାରୀ କାରବାର ବହୁଳ ଭାବରେ ହେଉଥିବାବେଳେ ବ୍ୟବସାୟିକ ଅନୁଷ୍ଠାନ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମଧ ବର୍ଷତମାମ କାରବାର କରିଥାନ୍ତି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପରିଧି ମଧରେ ଥିବା ଏଟିଏମ୍ କେନ୍ଦ୍ର ବର୍ଷରେ ଏକାଧିକ ଦିନ ଅଚଳ ଥାଏ । ବର୍ତ୍ତମାନ ଦେଖିବାକୁ ମିଳିଛି ଦୀର୍ଘଦିନ ହେବ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଏଟିଏମ କେନ୍ଦ୍ର ସଟରରେ ତାଲା ଝୁଲୁଛି । ଫଳରେ ବହୁ ବ୍ୟାଙ୍କ ଗ୍ରାହକ ହଇରାଣ ହେଉଛନ୍ତି । ବିଶେଷତଃ ଏଟିଏମ କାର୍ଡ ପିନ୍ କୋଡ୍ ବଦଳାଇବା ଏକ ପ୍ରକାର ଅସମ୍ଭବ ହୋଇପଡିଛି । ଦୀର୍ଘଦିନ ଧରି ଏଟିଏମ୍ କେନ୍ଦ୍ର ବନ୍ଦ ରହିଥିବାରୁ ଗ୍ରାହକମାନେ ନିରାଶ ହୋଇଥିବା ଜଣାପଡ଼ିଛି । ଏ ନେଇ ବାଣପୁର ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ବାଉରୀବନ୍ଧୁ ବେହେରାଙ୍କୁ ପଚାରିବାରୁ ଏଟିଏମ୍‌ଟି ଖରାପ ଅଛି ଏବଂ ମେକାନିକ ପଠାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି ମେକାନିକ ଆସୁନଥିବାରୁ ସେ ଅସହାୟ ବୋଲି କହିଥିଲେ ।

## ବିଶ୍ୱନାଥ ତ୍ରିପାଠୀଙ୍କ ସ୍ମୃତିସଭା

**ସାକ୍ଷୀଗୋପାଳ,୪।୯/ଏନ୍ଏନ୍ଏସ୍:** ସତ୍ୟବାଦୀ ଅଞ୍ଚଳର ବିଶିଷ୍ଟ ସଂସ୍କୃତ ପଣ୍ଡିତ ତଥା ଗଣିତ ବିଶାରଦ ସ୍ୱର୍ଗତଃ ବିଶ୍ୱନାଥ ତ୍ରିପାଠୀ ଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ ନିଜ ଗ୍ରାମ ବୀରରାମଚନ୍ଦ୍ରପୁର ଗ୍ରାମର ସେବା ସମବାୟ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରଫେସର ବୃନ୍ଦାବନ ଚନ୍ଦ୍ର ରଥ ସ୍ୱର୍ଗତ ତ୍ରିପାଠୀ ଙ୍କର ପ୍ରତିଛବିରେ ମାଲ୍ୟାର୍ପଣ ଓ ପ୍ରଦୀପ ଉଜ୍ଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ । ସଂଗ୍ରାମ କେଶରୀ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ପ୍ରଫେସର ଶ୍ରୀଯୁକ୍ତ ରଥ ମୁଖ୍ୟ ବକ୍ତା ପ୍ରଫୁଲ୍ଲ କୁମାର ମିଶ୍ର ଓ ପଦ୍ମନାଭ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ଅତିଥି ମାନେ ସ୍ୱର୍ଗତ ତ୍ରିପାଠୀ ଙ୍କର ଛାତ୍ର ଜୀବନ ନାଟକରେ ଅଭିନୟ, ଆରକ୍ଷୀ ବେତାର ବିଭାଗ ରେ ସହକାରୀ ନିରୀକ୍ଷକ ଭାବେ କରିଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଓଡ଼ିଶା ଆଗମନ ସମୟରେ ଜଣେ ବିଶ୍ୱସ୍ତ ଅଧିକାରୀ ରୂପେ ପୁରୀ ସିଂହଦ୍ୱାରଠାରେ ତାଙ୍କୁ ସମ୍ମାନିତ କରିଥିଲେ । ଅବସର ପରେ ଗ୍ରାମ କୋଠ ଓ ଗ୍ରାମର ଉନ୍ନୟନ ନିମନ୍ତେ କାର୍ଯ୍ୟ କରିଥିଲେ । ବିଭୂତି ଭୂଷଣ ହୋତା, ଲକ୍ଷ୍ମୀପ୍ରସାଦ ପାଣି, ଦିଗାମ୍ବର ରଥ, ବ୍ରଜକିଶୋର ମହାପାତ୍ର, ପ୍ରଭାକର ମିଶ୍ର, ସବୁଜ ମିଶ୍ର ଓ ହିମାଂଶୁ ଶେଖର ପତି ସମେତ ଅନ୍ୟମାନେ ସ୍ୱର୍ଗତଃ ତ୍ରିପାଠୀଙ୍କ ସ୍ମୃତିଚାରଣ କରିଥିଲେ ।

**ନିତି ଭାରତୀ**

ଜଣେ ମୁକ୍ତ ସୃଜନଶୀଳ ବ୍ୟକ୍ତି ଶିକ୍ଷାର ଶେଷ ଉତ୍ପାଦ ହେବା ଉଚିତ, ଯିଏକି ଐତିହାସିକ ପରିସ୍ଥିତି ଏବଂ ପ୍ରକୃତିର ପ୍ରତିକୂଳତା ବିରୁଦ୍ଧରେ ସଂଗ୍ରାମ କରି ପାରୁଥିବ। - **ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍**

# ଗୁରୁଙ୍କ ଗରିମା



ଜୟନ୍ତ ପଟ୍ଟନାୟକ

ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ଡକ୍ଟର ଅବଦୁଲ କଲାମ୍ଙ୍କ ଜୀବନର ଘଟଣାଟିଏ। ଯେତେ ବଡ଼ ବୈଜ୍ଞାନିକ, ରାଷ୍ଟ୍ରପତି ହେଲେ ମଧ୍ୟ କଲାମ୍ ସବୁବେଳେ ଜଣେ ଗୁରୁ ବା ଶିକ୍ଷକ ହେବାକୁ ପସନ୍ଦ କରୁଥିଲେ ଏବଂ ସେଇଭଳି ଶିକ୍ଷକତା କରୁଥିବା ସମୟରେ ଅର୍ଥାତ୍, ଆଇଆଇଏମ୍, ଶିଲଂରେ ପଢ଼ାଉ ଥିବା ବେଳେ ଏକ ହାର୍ଟ ଆଟାକ୍‌ରେ ତାଙ୍କର ପରଲୋକ ହୋଇ ଯାଇଥିଲା। ଏମିତି ଏକ ସ୍ଥାନରେ ପଢ଼ାଉ ଥିବା ବେଳେ କିଛି ଛାତ୍ର ଏକ ପ୍ରକଳ୍ପ ଉପସ୍ଥାପନା କରିବାର ଥିଲା ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ, କିନ୍ତୁ ଜଣେ ଛାତ୍ରର ବିଳମ୍ବ ହେଲା ଉପସ୍ଥାପନାରେ। ତଥାପି ସେ ପ୍ରକଳ୍ପ ଉପସ୍ଥାପନାଟି ଏତେ ନିଖୁଣ ଥିଲା ଏବଂ କଲାମ୍ ସେଥିରେ ଏତେ ପ୍ରଭାବିତ ହୋଇଗଲେ ଯେ ସେ ଛାତ୍ର ଜଣଙ୍କୁ ସ୍ୱ-ସ୍ୱାକ୍ଷରରେ ପୂର୍ବତନ ରାଷ୍ଟ୍ରପତି ଲେଖା ଥିବା ଏକ ଗୋଲ୍ଡେନ୍ କାର୍ଡ ଦେବା ସହିତ ଛାତ୍ର ଜଣଙ୍କୁ ଏକ ଛାତ୍ରବୃତ୍ତି ଦେଇଥିଲେ। ଏପରି ଥିଲେ ଆଜୀବନ ଶିକ୍ଷକ ଡକ୍ଟର ଅବଦୁଲ କଲାମ୍। ଧୈର୍ଯ୍ୟ ଓ ସହନଶୀଳତା କଲାମ୍ ତାଙ୍କ ପିତାଙ୍କଠାରୁ ଶିକ୍ଷା କରିଥିଲେ। କଲାମ୍ ଯେପରି, ତାଙ୍କ ବଡ଼ଭାଇ ମଧ୍ୟ ସେହିଭଳି। ନିଜ ଅଙ୍ଗେନିଭା କଥାଟିଏ କହୁଛି। ୨୦୦୪ ଅକ୍ଟୋବରରେ ରାମେଶ୍ୱରମ୍ ଯାଇଥିଲୁ ସପରିବାର। ସେତେବେଳକୁ କଲାମ୍ ଭାରତର ୧୧ତମ ରାଷ୍ଟ୍ରପତି। ରାମେଶ୍ୱରମ୍‌ର ଦର୍ଶନୀୟ ସ୍ଥାନଗୁଡ଼ିକରେ ଆପେ ଯୋଡ଼ି ହୋଇ ଯାଇଥିଲା କଲାମ୍ଙ୍କ ପୈତୃକ ଗୃହ। ରାଷ୍ଟ୍ରପତି ଥିବା ହେତୁ ସେଠାକୁ ଯାଇଥିଲୁ। ଅତି ସାଧାରଣ ଘର ଖଣ୍ଡିଏ (ବର୍ତ୍ତମାନ ତାହାର ନବୀକରଣ କରାଯାଇଛି)। ତାଙ୍କ ବଡ଼ଭାଇ ମାଡ୍ରାସୀ ଧୋତି ଓ ଗଞ୍ଜିଟିଏ ପିନ୍ଧି ବସିଥାନ୍ତି। କଲାମ୍ଙ୍କ ମୁହଁ ସହ ସାମଞ୍ଜସ୍ୟରୁ ଚିହ୍ନିବାରେ କୌଣସି ଅସୁବିଧା ନଥିଲା। ପିଲାମାନଙ୍କ ସହିତ ଏକ ଫଟୋ ନେବାକୁ ମୁଁ ପଚାରନ୍ତେ ଖୁସିରେ ହଁ କହିଲେ ଓ ମୁଁ ଫଟୋଟିଏ ଉଠାଇ ଥିଲି, ଯାହା ଏବେ ବି ଅଛି। ମୁଁ ଆଶ୍ଚର୍ଯ୍ୟଚକିତ ଯେ ଭାରତର ରାଷ୍ଟ୍ରପତିଙ୍କ ବଡ଼ଭାଇଙ୍କ ସହିତ ଆମର ଫଟୋ ଅଛି, କାରଣ ଆପଣମାନେ ଜାଣିଥିବେ, ଆଜିକାଲି ଜଣେ ଟିକେ ବଡ଼ ହୋଇଗଲେ ନିଜକୁ କେତେ କ'ଣ ଭାବନ୍ତି!

ଆଉ ଜଣେ, ଯିଏ ପ୍ରାଚ୍ୟଗୁରୁ, ହୋଇଗଲେ ପାଶ୍ଚାତ୍ୟର ମଧ୍ୟ ଗୁରୁ ଏବଂ ଯାହାଙ୍କୁ ସାରା ବିଶ୍ୱ ମଧ୍ୟ ଗୁରୁର ସମ୍ମାନ ଦେଲା। ୧୮୮୮ ସେପ୍ଟେମ୍ବର ୫ରେ ମାଡ୍ରାସ ସନ୍ନିକଟ ସର୍ବପଲ୍ଲୀ ଗାଁରେ ଜନ୍ମ ନେଇଥିବା ଗରିବ ବ୍ରାହ୍ମଣ ପୂଜକଙ୍କ ପୁତ୍ର ରାଧାକୃଷ୍ଣନ୍ ପିଲାଦିନୁ ଅତ୍ୟନ୍ତ ଲାଜକୁଳା; ମାତ୍ର ପ୍ରଚଣ୍ଡ ମେଧାବୀ ଥିଲେ। ଯିଏ ନିଜେ ପଢ଼ିବାକୁ ରାହା ପାଉ ନଥିଲେ, ସେ ଭବିଷ୍ୟତରେ ସହସ୍ର ସହସ୍ର ପିଲାଙ୍କୁ ପଢ଼ିବାର ରାହା ଦେଖାଇଲେ। ଧୀର, ନମ୍ର ଅଥଚ ଅତ୍ୟନ୍ତ ଦୃଢ଼ମନା ରାଧାକୃଷ୍ଣନ୍ ନିତାନ୍ତ କ୍ଲିଷ୍ଟ ଦର୍ଶନ ଶାସ୍ତ୍ରକୁ ଏପରି ଆୟତ୍ତ କଲେ ଓ ଛାତ୍ରମାନଙ୍କ ଆଗରେ ଏଭଳି ପରିବେଷଣ କରୁଥିଲେ ଯେ ତାଙ୍କ ଦର୍ଶନ ଅଧ୍ୟାପନା ଶ୍ରେଣୀରେ ଅନ୍ୟ ଅନେକ ଶ୍ରେଣୀରୁ ପିଲା ଆସି ରୁଣ୍ଡ ହେଉଥିଲେ। ଚୁମ୍ବକ ଲୁହାକୁ ଟାଣେ। ଡକ୍ଟରେଟ ପାଇଲେ। ମହୀଶୂର ବିଶ୍ୱବିଦ୍ୟାଳୟରେ ମୁଖ୍ୟ ଅଧ୍ୟାପକ ହେଲେ। କଥା କମ୍ ଓ କାମ ବେଶୀର ମଣିଷ ରାଧାକୃଷ୍ଣନ୍ ଛାତ୍ରମାନଙ୍କୁ ଓ ଅନ୍ୟମାନଙ୍କୁ ଅତିଶୟ ଭଲ ପାଉଥିଲେ। ଜଣେ ଅତି ଆଦର୍ଶ ସ୍ଥାନୀୟ ମଣିଷ/ ଗୁରୁ ଥିଲେ। ଆରମ୍ଭ ହେଲା ପୁସ୍ତକ ଲେଖା- Unity in Diversity ବିବିଧତା ମଧ୍ୟରେ ଏକତା ଯାହା ପାଶ୍ଚାତ୍ୟରେ ମଧ୍ୟ ଚହଳ ପକାଇ ଥିଲା। ପ୍ରାଚ୍ୟ ଗୁରୁ ହେଲେ ପାଶ୍ଚାତ୍ୟର ମଧ୍ୟ ଗୁରୁ। ପ୍ରାଚ୍ୟର ମହାନ ସନାତନ ସଂସ୍କୃତି ଓ ପାଶ୍ଚାତ୍ୟ ସଂସ୍କୃତି ମଧ୍ୟରେ ସେତୁବନ୍ଧ ହୋଇ ରାଧାକୃଷ୍ଣନ୍ ହୋଇଗଲେ ବିଶ୍ୱର ସର୍ବଶ୍ରେଷ୍ଠ ସଦ୍‌ଗୁରୁ। ରାଧାକୃଷ୍ଣନ୍‌ଙ୍କର ବିଦ୍‌ବତ୍ତାରେ ମୁଗ୍ଧ ହୋଇ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍‌ଏଫ୍ କେନେଡି ତାଙ୍କ ବିମାନଟି ତାଙ୍କୁ ଉପହାର ଦେଇଥିଲେ ବ୍ୟବହାର କରିବାକୁ। ରାଧାକୃଷ୍ଣନ୍ ହେଲେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି, ଅଧ୍ୟାପକ ଓ କୁଳପତି ଥିବା ସମୟରେ ଅନେକ ଗରିବ, ମେଧାବୀ ଛାତ୍ରମାନଙ୍କୁ ବିବିଧ ପ୍ରକାର ସାହାଯ୍ୟ କରି ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ। ଅତି ମାତ୍ରାରେ ଛାତ୍ର ବତ୍ସଳ ଥିଲେ।

ଭାରତ ସ୍ୱାଧୀନ ହେଲା ପରେ ୧୯୪୭ରେ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରିଥିଲେ; ୧୯୪୯ରେ ତତ୍କାଳୀନ ସୋଭିଏତ ରାଷ୍ଟ୍ରସଂଘରେ ଭାରତର ରାଷ୍ଟ୍ରଦୂତ ହୋଇଥିଲେ। ୧୯୫୨ରେ ଭାରତର ଉପ-ରାଷ୍ଟ୍ରପତି, ୧୯୬୨ରେ ଦ୍ୱିତୀୟ ରାଷ୍ଟ୍ରପତି ହେଲେ ଭାରତର। ୧୯୬୭ରେ ରାଷ୍ଟ୍ରପତି ପଦରୁ ବିଦାୟ ନେଇଥିଲେ ରାଧାକୃଷ୍ଣନ୍। ଆମ ଦେଶ ସକାଶେ ତାଙ୍କର ଅମୂଲ୍ୟ ସେବା ନିମନ୍ତେ ୧୯୫୪ରେ 'ଭାରତ ରତ୍ନ'ରେ ଭୂଷିତ କରାଯାଇଥିଲା। ଭାରତର ଏଇ ପ୍ରାତଃସ୍ମରଣୀୟ ସର୍ବୋଚ୍ଚ ଗୁରୁଙ୍କ ସମ୍ମାନାର୍ଥେ ତାଙ୍କ ଅନୁମତିକ୍ରମେ ୧୯୬୨ରୁ ତାଙ୍କ ଜନ୍ମଦିନ, ସେପ୍ଟେମ୍ବର ୫ ତାରିଖକୁ 'ଗୁରୁ ଦିବସ' ଭାବେ ପାଳନ କରାଯାଉଅଛି।

'ଗୁ' ଅର୍ଥ ଅନ୍ଧକାର ଓ 'ରୁ' ଅର୍ଥ ଆଲୋକ- ଏହାର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି 'ଗୁରୁ' ଶବ୍ଦ ବା ଶିକ୍ଷକ ଯିଏ ଆମକୁ ଅନ୍ଧକାରରୁ ଆଲୋକକୁ ନେଇଯାନ୍ତି, ଅର୍ଥାତ୍ ଅଜ୍ଞାନ ରୂପକ ଅନ୍ଧାରରୁ ବାହାର କରି ଜ୍ଞାନ ରୂପକ ଆଲୋକ ସହିତ ପରିଚିତ କରାଇ ଦିଅନ୍ତି। ଆର୍ଯ୍ୟଭୂମି ଭାରତର ସନାତନ ସଂସ୍କୃତିରେ ଗୁରୁ ପରମ୍ପରାର ସୁଦୀର୍ଘ ଓ ଗୌରବାବହ ଇତିହାସ ରହିଛି। ପୁରାଣ ଯୁଗରୁ ଗୁରୁ ବିଶ୍ୱାମିତ୍ର, ବଶିଷ୍ଠ, ସାନ୍ଦିପନୀ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ପ୍ରଭୁ ପର୍ଶୁରାମ, ଆରୁଣୀ, ପାଣିନୀ, କର୍ଣ୍ଣ, ଅର୍ଜୁନ, ଏକଲବ୍ୟ ଇତ୍ୟାଦିଙ୍କଠୁ ଆରମ୍ଭ କରି ଆଧୁନିକ ଯୁଗରେ ଓଡ଼ିଆ କଥା ସାହିତ୍ୟର ଆଦ୍ୟ ସେନାପତି ଫକୀର ମୋହନଙ୍କ 'ରାଣ୍ଡି ପୁଅ ଅନନ୍ତା' ପର୍ଯ୍ୟନ୍ତ ସମୃଦ୍ଧ ଗୁରୁ ପରମ୍ପରା ରହିଛି। ଆଧୁନିକ ଭାରତରେ ଏହି ପରମ୍ପରା ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ବାଳ ଗଙ୍ଗାଧର ତିଳକ, ସ୍ୱାମୀ ବିବେକାନନ୍ଦ, ଗୁରୁ ରାମକୃଷ୍ଣ ପରମହଂସ, ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କଠୁ ଲୋକମାନଙ୍କର ରାଷ୍ଟ୍ରପତି ଡକ୍ଟର ଅବଦୁଲ କଲାମ୍ଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ। ପୂର୍ବରୁ ଆମ ଦେଶରେ ବିଭିନ୍ନ ସ୍ଥାନରେ ଗୁରୁକୁଳମାନ ଥିଲା, ଯେଉଁଠି ପ୍ରଖ୍ୟାତ ଗୁରୁମାନେ ଶିକ୍ଷାଦାନ କରୁଥିଲେ। ଏସବୁ ଜନପଦଠାରୁ ଦୂରରେ ଏକାନ୍ତ ପରିବେଶରେ, ନିର୍ଜନ ସ୍ଥାନରେ ଅବସ୍ଥିତ ଥିଲା। ଗାଁ ଗହଳିରେ ମାଟି ଅବଧାନ ସୁବିଧାଜନକ ସ୍ଥାନ ଦେଖି ତାଙ୍କର ଚାଟଶାଳୀ ପ୍ରତିଷ୍ଠା କରୁଥିଲେ। ସେଠାରେ ମଧ୍ୟ ଗାଁର ଚାହିଦାକୁ ଚାହିଁ ଶିକ୍ଷା ଦିଆ ଯାଉଥିଲା। ଶିକ୍ଷାର ଏ ପ୍ରକାର ସୁବନ୍ଦୋବସ୍ତ ଓ ଆର୍ଯ୍ୟ ସନାତନ ଧର୍ମର ଶିକ୍ଷା ସହିତ ନିବିଡ଼ ସମ୍ବନ୍ଧ ଦେଖି ବ୍ରିଟିଶ ଶିକ୍ଷାମନ୍ତ୍ରୀ ଲର୍ଡ ମାକଲେ ତତ୍କାଳୀନ ଶାସକଙ୍କୁ ବୁଝାଇ ଦେଲେ ଯେ ଭାରତୀୟ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାର ଧ୍ୱଂସ ସାଧନ ନହେଲା ଯାଏଁ ଭାରତରେ ଖ୍ରୀଷ୍ଟଧର୍ମ ପ୍ରଚାର, ପ୍ରସାର ଓ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଅସମ୍ଭବ। ତଦନୁଯାୟୀ ଗୁରୁକୁଳ ପରମ୍ପରାର ମୂଳୋତ୍ପାଟନ ସକାଶେ ବ୍ରିଟିଶ ସରକାର ଯତ୍ପରୋନାସ୍ତି ଚେଷ୍ଟା କଲେ ଓ ଆମ ଦେଶର କିଛି ଶିଖି ମନାଇଙ୍କ ମାଧ୍ୟମରେ ସେଥିରେ ସଫଳକାମ ହେଲେ। ସେ ଯାହାହେଉ, ତତ୍କାଳୀନ ଗୁରୁକୁଳ ଚାଲିଚଳଣୀ ବିଷୟରେ କିଛି ଜାଣିବା।

ଗୁରୁକୁଳରେ ଛାତ୍ରମାନେ ଆଡ୍‌ମିଶନ (ନାମଲେଖା)କୁ କୁହାଯାଉଥିଲା ଉପନୟନ। ଏହି ଉପନୟନ ସମୟରୁ ଗୁରୁ ଓ ଗୁରୁମା' ଛାତ୍ରମାନଙ୍କର ସବୁ ଦାୟିତ୍ୱ ନିଭାଉ ଥିଲେ। ଘର ସହିତ ପିଲାମାନଙ୍କର କିଛି ସମ୍ପର୍କ ନଥିଲା କହିଲେ ଚଳେ। ସମସ୍ତ ଛାତ୍ର ସମ୍ପୂର୍ଣ୍ଣ ବିନା ଶୁଳ୍କରେ ଅଧ୍ୟୟନ କରୁଥିଲେ। ଏଥି ନିମନ୍ତେ ତତ୍କାଳୀନ ରାଜା/ ମହାରାଜା ଓ ଧନୀ ବ୍ୟକ୍ତିମାନେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରୁଥିଲେ। ଗୁରୁ ଦମ୍ପତି ଓ ଛାତ୍ରମାନଙ୍କ ସମ୍ପର୍କ ଅତି ପବିତ୍ର, ସରଳ, ସୁନ୍ଦର, ସାବଲୀଳ ଥିଲା। ଗୁରୁକୁଳରେ କେବଳ ଶିକ୍ଷା ଦିଆଯାଉ ନଥିଲା; ସମାଜର/ ସଂସାରର ସମସ୍ତ ପ୍ରକାର ବ୍ୟବହାରିକ ଶିକ୍ଷା ଦିଆଯାଉଥିଲା, ଯେପରିକି ଗୁରୁକୁଳରୁ ବାହାରିବା ପରେ ଛାତ୍ରଟିଏ ସଂସାରର କୌଣସି ବି କାର୍ଯ୍ୟରେ ଅସଫଳ ନହୁଏ। ଏ ସମସ୍ତ ଆମ ପୁରାଣରେ ବିଶଦ ଭାବେ ବର୍ଣ୍ଣିତ। ପ୍ରଭୁ ଶ୍ରୀକୃଷ୍ଣ ଓ ସଖା ସୁଦାମା ପ୍ରଭୃତି ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରିବା, ଆରୁଣୀ ଗୁରୁଙ୍କ ଜମିରେ ଚାଷକାର୍ଯ୍ୟ ନିମନ୍ତେ ଜଳ ଧରି ରଖିବା, ମହାବୀର ଅର୍ଜୁନ ଗୁରୁ ଦକ୍ଷିଣା ସ୍ୱରୂପ ରାଜା ଦ୍ରୁପଦଙ୍କୁ ବାନ୍ଧି ଆଣିବା ଇତ୍ୟାଦି କିଛିଟା ଉଦାହରଣ। ସମ୍ପୂର୍ଣ୍ଣ ଅଧ୍ୟୟନ କାଳରେ ଛାତ୍ରମାନେ ତେଲ ଲଗାଇ ନଥାନ୍ତି, ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଥାନ୍ତି। ଶିକ୍ଷା ଶେଷ ହେଲା ପରେ ଗୁରୁମା' ଛାତ୍ରମାନଙ୍କ ମୁଣ୍ଡରେ ତେଲ ଲଗାଇ ଦେଇ ମୁଣ୍ଡ କୁଣ୍ଡାଇ ଦିଅନ୍ତି ଓ ନୂଆ ଲୁଗାପଟା ପିନ୍ଧାଇ ଦିଅନ୍ତି। କୃତବିଦ୍ୟ ଛାତ୍ରଟି ଗୁରୁକୁଳ ତ୍ୟାଗ କରି ସଂସାର ସାଗରରେ ପ୍ରବେଶ କରେ, ନିଜ ସାମର୍ଥ୍ୟାନୁଯାୟୀ ଗୁରୁ ଦକ୍ଷିଣା ଦେଇ।

ପୁରାଣ ଯୁଗରୁ ଆର୍ଯ୍ୟଭୂମି ଭାରତ ବିଶ୍ୱଗୁରୁ ରହି ଆସିଥିଲା। ଭାରତୀୟ ସଭ୍ୟତା ବିଶ୍ୱର ହାତ ଗଣତି କେତୋଟି ପୁରାତନ ସଭ୍ୟତା ମଧ୍ୟରୁ ଅନ୍ୟତମ। ପୁରାଣ ଯୁଗରେ ଓ ତତ୍ ପରବର୍ତ୍ତୀ ଯୁଗରେ ଭାରତ କଳା, ବିଜ୍ଞାନ, ବାଣିଜ୍ୟ, ଶିଳ୍ପ- ଏମିତି ଅନେକ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିଲା। ଅନେକ ଦେଶରୁ ବିଦ୍ୟାର୍ଥୀ ଆମ ଦେଶକୁ ଶିକ୍ଷା ଗ୍ରହଣ ନିମନ୍ତେ ଆସୁଥିଲେ। ବୁଦ୍ଧଦେବଙ୍କ ପରେ ସ୍ଥାପିତ ନାଳନ୍ଦା, ତକ୍ଷଶୀଳା ପ୍ରଭୃତି ବିଶ୍ୱବିଦ୍ୟାଳୟରୁ ଏହାର ପ୍ରମାଣ ମିଳେ। ଅବଶିଷ୍ଟ ବିଶ୍ୱ ଯେତେବେଳେ ସମ୍ପୂର୍ଣ୍ଣ ସଂଖ୍ୟା ଗଣନା ଜାଣି ନଥିଲା, ଭାରତ ସେତେବେଳେ ବିଶ୍ୱକୁ ଶୂନ୍ୟର ମହତ୍ତ୍ୱ ଶିଖାଇ ଥିଲା ଆର୍ଯ୍ୟଭଟ୍ଟଙ୍କ ମାଧ୍ୟମରେ, ଯାହାଙ୍କ ନାମରେ ଭାରତର ପ୍ରଥମ କୃତ୍ରିମ ଉପଗ୍ରହ ନାମିତ। 'ଚକ'ର ବ୍ୟବହାର ଭାରତ ଶିଖାଇଛି ବିଶ୍ୱକୁ। ସେହିଭଳି ଯୋଗ, ଆୟୁର୍ବେଦ ଅବଶିଷ୍ଟ ବିଶ୍ୱକୁ ଭାରତର ଅବଦାନ। ଚିକିତ୍ସା ବିଜ୍ଞାନରେ ଅସ୍ତ୍ରୋପଚାର ପ୍ରଥମେ ଭାରତୀୟ ମୁନି ଶୁଶ୍ରୁତ ଓ ଔଷଧର ବ୍ୟବହାର ଶିଖାଇଲେ ଋଷି ଚରକ ସମଗ୍ର ବିଶ୍ୱକୁ। କଣାଦ ନାମକ ଭାରତୀୟ ଋଷି ପୃଥିବୀରେ ପ୍ରଥମେ ପରମାଣୁ ବିଦ୍ୟା ବା କ୍ୱାଣ୍ଟମ ଥିଓରୀ ଶିଖାଇ ଥିଲେ। ଆମ ରାଜ୍ୟର ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଖାଲି ଦୁଇ ଖଣ୍ଡ କାଠିରେ ଦୂରତାର ଯେଉଁ ପ୍ରକାର ଗଣନା କରିଥିଲେ ବ୍ରିଟିଶ ଅଧିକାରୀଙ୍କ ଆଗରେ ତା'ର ପଟାନ୍ତର ନାହିଁ। ଭାରତୀୟ ଧର୍ମ ଧାରଣା, ସଂସ୍କୃତି, ପରମ୍ପରା, ଭାଇଚାରା, ବସୁଧୈବ କୁଟୁମ୍ବକମ୍‌ର ମହାନ ଉଦାହରଣ ଉଦାତ୍ତ କଣ୍ଠରେ ଜଣାଇ ଦେଇଥିଲେ ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋ ବିଶ୍ୱ ଧର୍ମ ସଂସଦରେ ୧୮୯୩ ସେପ୍ଟେମ୍ବରରେ। ବିଶ୍ୱ ହୋଇ ଯାଇଥିଲା ସ୍ତମ୍ଭୀଭୂତ। ମାତ୍ର ଭାରତୀୟମାନଙ୍କର ପ୍ରଚାର, ପ୍ରସାରରେ ଧ୍ୟାନ ନଥିଲା। ତା'ର ଫାଇଦା ନେଲେ ପାଶ୍ଚାତ୍ୟବାସୀ। ଏମିତି ଆହୁରି ରାଶି ରାଶି ଉଦାହରଣ ଅଛି, ଯାହା ପ୍ରଥମେ ଭାରତରେ ଆରମ୍ଭ ମାତ୍ର ସେସବୁର ଉଦ୍ଭାବକ/ଆବିଷ୍କାରର ଶ୍ରେୟ ନେଲେ ପାଶ୍ଚାତ୍ୟ ଗୋଷ୍ଠୀ।




ଆମ ଦେଶରେ ଗୁରୁ-ଶିଷ୍ୟ ପରମ୍ପରା ଥିଲା ଅତି ଉଚ୍ଚକୋଟୀର, ମାତ୍ର ସେଥିରେ ଧୀରେ ଧୀରେ ଘୁଣ ଲାଗିବାକୁ ଆରମ୍ଭ କଲା।

ସେଥିପାଇଁ ଅନେକ କାରଣ ଅଛି। ଆଜିକାଲି ଶିକ୍ଷକମାନଙ୍କୁ ଏତେ ପ୍ରକାରର ବାଣ୍ଟି ଦେଇଛନ୍ତି ଯେ ସେମାନେ ଗୁରୁ-ଶିଷ୍ୟ ସୁସମ୍ପର୍କ ରଖିବାକୁ ଚାହିଁଲେ ମଧ୍ୟ ସମ୍ଭବ ନୁହେଁ। ଶୁଣାଯାଉଛି, ଓଡ଼ିଶାରେ ୨୭ ବର୍ଗର ଶିକ୍ଷକ ଅଛନ୍ତି- ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ, ଆଂଶିକ ଅନୁଦାନପ୍ରାପ୍ତ, ବ୍ଲକ୍‌ଗ୍ରାଣ୍ଟ୍ ପ୍ରାପ୍ତ, ସମ୍ପୂର୍ଣ୍ଣ ସରକାରୀ, ପିଜି ଟିଚର, ଟିଜିଟି- ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ, ତାଲିମପ୍ରାପ୍ତ, ଅଣତାଲିମପ୍ରାପ୍ତ, ଠିକା ନିଯୁକ୍ତିପ୍ରାପ୍ତ ଏଥିରୁ କେତୋଟି ଦୃଷ୍ଟାନ୍ତ। ସେଥିରେ ଅନେକ ପ୍ରକାରର ଅଣଶିକ୍ଷା କାର୍ଯ୍ୟର ବୋଝ ଅଛି! ସେଥିପାଇଁ ଅଧିକାଂଶ ସମୟ ସେମାନଙ୍କର ଯାଏ ରାଜଧାନୀର ଲୋୟର ପିଏମଜିରେ ଧାରଣାରେ ବସି ଖରା, ବର୍ଷା, କାକରରେ ନିଜ ଘର ସଂସାରକୁ ପଛରେ ଛାଡ଼ି। ମାତ୍ର ଏବେ ବି କଥାଟିଏ ମନେପଡ଼େ, 'ସଦ୍‌ଗୁରୁ ଯେବେ ମାରେ ଗୋଇଠା/ ଅନ୍ଧାର ଘରେ ଜଳେ ବଇଠା।' ଅର୍ଥାତ୍ ଗୁରୁଙ୍କର ବା ସଦ୍‌ଗୁରୁଙ୍କର ମହିମା ଅବର୍ଣ୍ଣନୀୟ, ଅକଳ୍ପନୀୟ ତଥା ଅପରମ୍ପାର। ■

ମୋ: ୯୦୯୦୧୯୦୦୬୯

NITIDIN
ନିତିଦିନ

ଗୁରୁବାର , ୫ ସେପ୍ଟେମ୍ବର, ୨୦୨୪

# ଅପରାଜିତା ରାଜନୀତି

ପଶ୍ଚିମବଙ୍ଗର କୋଲକାତାସ୍ଥିତ ଆର୍‌ଜି କର ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଯେଉଁ ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟିଗଲା, ତାହା ଯେ ଉକ୍ତ କର୍ମକୁ ରୋକିବା ନିମନ୍ତେ ଦେଶରେ ପର୍ଯ୍ୟାପ୍ତ ଆଇନ୍ କାନୁନ୍ ନଥିବା ଯୋଗୁଁ ହେଲା, ସେପରି ନୁହେଁ। ସମସ୍ୟା ହେଉଛି, କୋଲକାତା ହେଉ କି ହାଥରସ୍ ବା ଉନ୍ନାଓ କି ଦେଶର ଅନ୍ୟ ଯେ କୌଣସି ସ୍ଥାନରେ ଏଭଳି ମର୍ମନ୍ତୁଦ ଘଟଣାମାନ ଘଟିବାର କାରଣ- ମହିଳାମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାରର ହିଂସାକୁ ରୋକିବା ନିମନ୍ତେ ଆଇନ୍‌ର ଦୁର୍ବଳ ପ୍ରୟୋଗ, ପୁଲିସର ନାରୀଦ୍ୱେଷୀ ତଥା ରାଜନୀତିକୃତ ମନୋଭାବ ଏବଂ ଅତ୍ୟଧିକ ସଂଖ୍ୟକ ମାମଲାର ଭାରରେ ଭାରାକ୍ରାନ୍ତ କୋର୍ଟମାନଙ୍କରେ ମାମଲା ଦିନ ପରେ ଦିନ ଗଡ଼ି ଚାଲିବା। ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ଦୁଷ୍କର୍ମ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ସହିତ ଏକ ନୂଆ କଠୋର ଆଇନ୍ ପ୍ରଣୟନ କରିବା ନିମନ୍ତେ ଅନୁରୋଧ କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦୁଇଗୋଟି ପତ୍ର ଲେଖିବା ଏକ ଉପଯୋଗୀ ପରାମର୍ଶ ହେବା ଅପେକ୍ଷା ଅଧିକତଃ ଆର୍‌ଜି କର ଘଟଣାକୁ ନେଇ ତାଙ୍କର ଚିନ୍ତାର ପରିପ୍ରକାଶ ବୋଲି କୁହାଯାଇପାରେ। ବିଶେଷକରି ସୁଶ୍ରୀ ବାନାର୍ଜୀଙ୍କର ଦ୍ୱିତୀୟ ପତ୍ର କେନ୍ଦ୍ର ସରକାରଙ୍କୁ କ୍ରୋଧାନ୍ୱିତ କରିଥିଲା ଯେହେତୁ ଏଥିରେ ସେ କେନ୍ଦ୍ର ସରକାରଙ୍କ ଉପରେ ଦୋଷାରୋପ କରିଥିଲେ ଯେ ଏହା ଗୁରୁତର ଏବଂ ସମ୍ବେଦନଶୀଳ ମାମଲାଟି ପ୍ରତି ଉପଯୁକ୍ତ ଧ୍ୟାନ ଦେଉ ନାହାନ୍ତି। ସେ ଯାହାହେଉ, ଏବେ ସୁଶ୍ରୀ ବାନାର୍ଜୀ ନିଜେ ନିଜ ରାଜ୍ୟରେ ଏକ ନୂଆ ଦୁଷ୍କର୍ମ-ବିରୋଧୀ ବିଲ୍ ଆଣିଛନ୍ତି। ମଙ୍ଗଳବାର ଦିନ ପଶ୍ଚିମବଙ୍ଗ ବିଧାନସଭାରେ ପାରିତ ଏହି ବିଲ୍‌ଟିର ପ୍ରକୃତ ମହତ୍ତ୍ୱ ପ୍ରସ୍ତାବିତ ଆଇନ୍‌ର କଠୋର ବ୍ୟବସ୍ଥାଗୁଡ଼ିକରେ ନାହିଁ, ବରଂ ତା' ପରିବର୍ତ୍ତେ ବେଶୀ ରହିଛି ଏହା ଅନୁମତି ପ୍ରଦାନ କରୁଥିବା ରାଜନୀତିକ ଭାବଭଙ୍ଗୀରେ। ଗତ ମାସର ଆର୍‌ଜି କର ହସ୍‌ପିଟାଲର ପାଶବିକ ଘଟଣାକୁ ଯଥାରୀତି ପରିଚାଳନା କରିବାରେ ଅଥମତ ହୋଇ ରାଜ୍ୟ ସରକାର ଏହି ତଥାକଥିତ ଅପରାଜିତା (ପରାଜୟ ବରଣ ନ କରିବା) ମହିଳା ଏବଂ ଶିଶୁ (ପଶ୍ଚିମବଙ୍ଗ ଅପରାଧିକ ଆଇନ୍ ସମୂହ ଏବଂ ସଂଶୋଧନ) ବିଲ୍,୨୦୨୪ ପ୍ରଚଳନ କରିବାକୁ ଆଗେଇ ଆସିଛନ୍ତି ଯାହା ଯେ କୌଣସି ବ୍ୟକ୍ତି ଦୁଷ୍କର୍ମ ଏବଂ ଗଣ-ଦୁଷ୍କର୍ମ କରନ୍ତି ତଥା ସେଥିରେ ପୀଡ଼ିତା ଯଦି ମୃତ୍ୟୁବରଣ କରନ୍ତି ବା ଗୁରୁତର ଭାବରେ ଆଘାତପ୍ରାପ୍ତ ହୁଅନ୍ତି ଭଳି ଅପରାଧରେ ଦୋଷୀ ସାବ୍ୟସ୍ତ ହେବେ, ତା'ହେଲେ ସେହି ଅପରାଧୀକୁ ମୃତ୍ୟୁଦଣ୍ଡ ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ ଆହ୍ୱାନ ଦେଇଛି। ଅତିରିକ୍ତ ଭାବରେ, ଦୁଷ୍କର୍ମ ଅପରାଧରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ପାଇଁ ବିନା ପ୍ୟାରୋଲରେ ଆଜୀବନ କାରାଦଣ୍ଡ ପ୍ରଦାନ କରିବାକୁ ଧାର୍ଯ୍ୟ କରିଛି।

ରାଜନୀତିକ ଦୃଷ୍ଟିକୋଣରୁ ବିବେଚନା କଲେ ସାମ୍ପ୍ରତିକ ପରିସ୍ଥିତିରେ ଏହା ଏକ ଉତ୍ତମ ବିଲ୍ ମନେହୁଏ। ଏକ ଅପରାଧକୁ ନେଇ ସାରା ରାଜ୍ୟରେ ଯେପରି ଭାବରେ ଅସନ୍ତୋଷ ଦେଖା ଦେଇଥିଲା, ତାକୁ ପ୍ରଶମିତ କରିବା ପାଇଁ ପଶ୍ଚିମବଙ୍ଗ ସରକାର ଢେର୍ ସଂଘର୍ଷ କରିଥିଲେ, କାରଣ ବିଗତ କେତେ ଦଶନ୍ଧି ଭିତରେ ଏଭଳି ପ୍ରତିବାଦ କ୍ୱଚିତ୍ ଦେଖା ଯାଇଛି। ପ୍ରତ୍ୟେକଟି ନୂଆ ଅଭିଯୋଗ ଏବଂ ମାମଲାକୁ ପରିଚାଳନା କରିବାରେ ଅପାରଗତା ସରକାରଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଥାଏ ତଥା ମହିଳାମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭାବମୂର୍ତ୍ତିରେ ମଧ୍ୟ ହ୍ରାସ ଘଟାଇ ଥାଏ। ଏହି ପୃଷ୍ଠଭୂମିରେ, ଉପରୋକ୍ତ ବିଲ୍‌ଟି ମହିଳାମାନଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ଏକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସୁଶ୍ରୀ ବାନାର୍ଜୀଙ୍କୁ ଅନୁମତି ପ୍ରଦାନ କରୁଛି, ପଶ୍ଚିମବଙ୍ଗର ପ୍ରମୁଖ ରକ୍ଷାକର୍ତ୍ତ୍ରୀ ଭାବରେ ତାଙ୍କର ଭାବମୂର୍ତ୍ତିକୁ ପ୍ରତିଷ୍ଠା କରିବା ସହିତ ଅନ୍ୟାନ୍ୟ ରାଜ୍ୟରେ ସମାନ ଧରଣର ଘଟଣାଗୁଡ଼ିକ କ୍ଷେତ୍ରରେ ବିଜେପିକୁ ନିନ୍ଦା କରିବା ନିମନ୍ତେ ଏକ ଅସ୍ତ୍ର ପ୍ରଦାନ କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ବିଲ୍ ବିରୋଧୀ ଦଳମାନଙ୍କୁ ସରକାରଙ୍କ ସହିତ ସ୍ୱର ମିଳାଇବାକୁ ବାଧ୍ୟ କରିଛି, ଅନ୍ୟଥା ସେମାନେ ମହିଳା-ବିରୋଧୀ ଭାବରେ ପରିଚିତ ହେବେ। ଆଉ ସେଥିପାଇଁ ବିଧାନସଭାରେ ଏହି ବିଲ୍‌ର ଚିଠା ପ୍ରସ୍ତାବ ଦଳମତ ନିର୍ବିଶେଷରେ ସର୍ବସମ୍ମତିକ୍ରମେ ପାରିତ ହୋଇଗଲା। ଆଉ ଏହା ମଧ୍ୟ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଦୀର୍ଘକାଳୀନ ମୁହାଁମୁହିଁ ଅବସ୍ଥା ନିମନ୍ତେ ମଞ୍ଚ ପ୍ରସ୍ତୁତ କରିଛି, ଯିଏକି ବିଲ୍‌ରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପାଇଁ କହିବାର ସମ୍ଭାବନା ରହିଛି, ଯେହେତୁ ଏହା କେନ୍ଦ୍ରୀୟ ଆଇନ ସହିତ ଦ୍ୱନ୍ଦ୍ୱାତ୍ମକ ହେବାର ସମ୍ଭାବନାକୁ ବହନ କରୁଛି। ଯଦି ପୂର୍ବ ଦିନମାନଙ୍କୁ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଏ, ତା'ହେଲେ ଏହା ଭଲ ଭାବେ ଜାଣିହେବ ଯେ ୨୦୧୯ରେ ଆନ୍ଧ୍ରପ୍ରଦେଶ ମହିଳାମାନଙ୍କ ବିରୁଦ୍ଧରେ କେତେକ ଅପରାଧ ନିମନ୍ତେ କଠୋର ଦଣ୍ଡ ବିଧାନ କରିବାକୁ ବାଧ୍ୟତାମୂଳକ କରି ଏକ ବିଲ୍ ପାରିତ କରିଥିଲା ଏବଂ ୨୦୨୦ରେ ମହାରାଷ୍ଟ୍ର ମଧ୍ୟ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ କ୍ଷେତ୍ରରେ ଦଣ୍ଡ ବିଧାନକୁ ପରିବର୍ଦ୍ଧିତ କରିଥିଲା, କିନ୍ତୁ ଏ ଦୁଇଟିଯାକ ବିଲ୍‌ରୁ କୌଣସି ଗୋଟିଏ ହେଲେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ଲାଭ କରିପାରି ନଥିଲା। ତେଣୁ ବର୍ତ୍ତମାନ ପଶ୍ଚିମବଙ୍ଗ କ୍ଷେତ୍ରରେ ଉପରୋକ୍ତ ବିଲ୍ ବାବଦରେ ରାଜନୀତିକ ଲଢ଼େଇ ଦୀର୍ଘକାଳୀନ ଏବଂ ଅଧିକ ତିକ୍ତତାପୂର୍ଣ୍ଣ ହେବାକୁ ଯାଉଛି।

ତେବେ ତୃଣମୂଳ ସ୍ତରରେ ଏହାର ପ୍ରଭାବ ଅଧିକ ନିଶ୍ଚୁପ୍ କରାଇ ଦେବା ଭଳି ହୋଇପାରେ। ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ସାମାଜିକ ଔଦ୍ଧତ୍ୟ, ଆଇନ୍‌ର କୋହଳ କାର୍ଯ୍ୟାନ୍ୱୟନ ଏବଂ ପ୍ରଶାସନିକ ସ୍ଥାଣୁତାର ଏକ ମାରାତ୍ମକ ସମ୍ମିଶ୍ରଣ ଯୋଗୁଁ ଯେ ସଂଘଟିତ ହେଉଛି, ଏଥିରେ କ୍ୱଚିତ୍ କେହି ଦ୍ୱିମତ ହେବେ। ଏଭଳି ଅପରାଧଗୁଡ଼ିକୁ ଦଣ୍ଡିତ କରିବା ନିମନ୍ତେ ଆଇନ୍‌ମାନ ତ ରହିଛି। ତେବେ ଯାହା ଆବଶ୍ୟକ, ତାହା ହେଉଛି- ଏହି ଆଇନ୍‌ଗୁଡ଼ିକର ନିରପେକ୍ଷ ଏବଂ ନିରନ୍ତର କାର୍ଯ୍ୟାନ୍ୱୟନ। ବିଦ୍ୟମାନ ଆଇନଗୁଡ଼ିକରେ ଯେ କୌଣସି ପ୍ରକାରର ପରିବର୍ତ୍ତନ ବ୍ୟାପକ ବିଚାର ବିମର୍ଶ ଏବଂ ସାବଧାନତାପୂର୍ଣ୍ଣ ବିବେଚନା ଦ୍ୱାରା ହେବା ଉଚିତ। ବର୍ତ୍ତମାନ ସମୟରେ ଯାହା ଆବଶ୍ୟକ, ତାହା ହେଉଛି- କଷ୍ଟକର ସଂସ୍କାର ଏବଂ ସଚ୍ଚୋଟତାପୂର୍ଣ୍ଣ ଅନୁମୋଦନ; ବିଚାରର ନ୍ୟାୟିକ ପ୍ରକ୍ରିୟାକୁ ଅତିକ୍ରମଣ କରିବା ନିମନ୍ତେ ସର୍ଟକଟ୍ ରାସ୍ତା ନୁହେଁ। ଏହି ପଦକ୍ଷେପର ଅନୁପସ୍ଥିତି ହିଁ ୨୦୧୨ ଦିଲ୍ଲୀ ଗଣ-ଦୁଷ୍କର୍ମ ପରେ ହୋଇଥିବା ସଂସ୍କାରର ପ୍ରଭାବକୁ କ୍ଷୁଣ୍ଣ କରି ଦେଇଛି। ଏହାକୁ ସ୍ୱୀକାର କରାଯିବା ଆବଶ୍ୟକ ଏବଂ ଏହା ଯଥାଶୀଘ୍ର ଦ୍ରୁତ ଗତିରେ କରାଯିବା ଆବଶ୍ୟକ। ■

# ପ୍ରଶଂସା ପାଇଁକି ନହେଉ ସମ୍ପର୍କ

ଦୁନିଆରେ ଆମେ ଅନେକ ସମ୍ପର୍କୀୟଙ୍କୁ ଭଲ ପାଇଥାଉ। ସେମାନଙ୍କ ଭିତରୁ ସମସ୍ତେ ଯେ ଆମକୁ ପ୍ରଶଂସା କରିବେ, ଭଲ ପାଇବେ ବା କିଛି ସାହାଯ୍ୟ କରିବେ- ଏହାର କିଛି ନିଶ୍ଚିତତା ନାହିଁ। କେହି ନା କେହି ଭଲ ମତାମତ ତ ଦେଇ ଥାଆନ୍ତି, କିନ୍ତୁ କେହି କେହି ନିନ୍ଦା, କୁତ୍ସା ରଟନା ବି କରି ପାରନ୍ତି। ଦୁନିଆରେ ଗଠନମୂଳକ ମତାମତ ଦେବା ଲୋକଙ୍କ ଅପେକ୍ଷା ନିନ୍ଦା କରିବା ଲୋକଙ୍କ ସଂଖ୍ୟା ଅଧିକ ଥିଲା ପରି ଲାଗେ। ନିନ୍ଦା ପ୍ରଶଂସାକୁ ଆଖିରେ ରଖିଲେ ଜୀବନରେ ଆଗକୁ ଯିବା ସମ୍ଭବ ହୋଇ ନଥାଏ। ଏ ନେଇ କାଳ୍ପନିକ କାହାଣୀଟିଏ।

ସମ୍ରାଟ୍ ଭଦ୍ରବାହୁ ଥିଲେ ଜଣେ ପ୍ରଜାବତ୍ସଳ ଶାସକ। ରାଜ୍ୟର ଶାସନ ଦାୟିତ୍ୱ ତାଙ୍କ ଉପରେ ଥିଲେ ହେଁ ଲୋକମାନଙ୍କ ଉପକାର ପାଇଁ ସେ ଉତ୍ସର୍ଗ କରିଥିଲେ ନିଜ ଜୀବନକୁ। ଆବଶ୍ୟକ ପଡ଼ିଲେ ଛଦ୍ମବେଶରେ ମଧ୍ୟ ସେ ରାତିରେ ରାଜ୍ୟ ପରିକ୍ରମା କରୁଥିଲେ। ଦିନେ ରାତିରେ ଦେଖିଲେ କିଛି ଲୋକ ଗୋଟିଏ ପିଣ୍ଡି ଉପରେ ବସି ରାଜ୍ୟ ଶାସନ ବିଷୟରେ ଆଲୋଚନା କରୁଛନ୍ତି। ସେଠାରେ ଅଟକି ଗଲେ ଭଦ୍ରବାହୁ। ଆଗ୍ରହରେ ଲୋକଙ୍କ ମତ ଶୁଣିବାକୁ ଲାଗିଲେ। ବିଳମ୍ବିତ ରାତ୍ରିରେ ଉଆସକୁ ଫେରି ଆସିଲେ। ପରଦିନ ସକାଳେ ମନ୍ତ୍ରୀଙ୍କୁ ଗତ ରାତିର ସମସ୍ତ ଘଟଣା ସମ୍ପର୍କରେ କହିଲେ। ମନ୍ତ୍ରୀ ଯେତିକି ଦୁଃଖୀ ହେଲେ, ସେତିକି ହସିଲେ। ରାଜା ଭଦ୍ରବାହୁ ମନ୍ତ୍ରୀଙ୍କ ହସର କାରଣ ପଚାରିଲେ। ମନ୍ତ୍ରୀ କହିଲେ, ମହାଭାଗ! ମୋ ଦୁଃଖ ଓ ସୁଖର କାରଣ ପରେ କହିବି। କିନ୍ତୁ ମୋର ଛୋଟ ପରାମର୍ଶଟିଏ ପାଳନ କରାଯାଉ।

ଛନ୍ଦିଶତ
ପଦାରବିନ୍ଦ

ରାଜ୍ୟ ବାହାରେ ଅନୁଷ୍ଠିତ ହେଉଥିବା ରୂପସୀ ପ୍ରତିଯୋଗିତାରେ ରାଜ୍ୟରୁ ଜଣେ ଝିଅ ଅଂଶଗ୍ରହଣ କରିବ। ସେଥିପାଇଁ ଝିଅକୁ ସଜାଇବା ଓ ତ୍ରୁଟି ଦର୍ଶାଇବା ପାଇଁ ଲୋକ ଦରକାର। ରାଜ୍ୟରେ ଏହି ଖବର ପ୍ରଚାରିତ ହୋଇଗଲା। ନିର୍ଦ୍ଦିଷ୍ଟ ଦିନରେ ଅନେକ ଲୋକ ଆସିଲେ। ଝିଅଟି ସଜା ହେବା ପୂର୍ବରୁ ଧାଡ଼ି ଲାଗିଥିଲା ତ୍ରୁଟି ଦେଖିବା ଲୋକଙ୍କର। ଅନେକ ସମୟ ପରେ ଅଳ୍ପ କେତେ ଜଣ ସଜାଇବା ପାଇଁ ଆସିଲେ। ରାଜା ଆଶ୍ଚର୍ଯ୍ୟରେ ଚାହିଁଥିଲା ବେଳେ ମନ୍ତ୍ରୀ କହିଲେ- ମହାଭାଗ, ସେଦିନ ମୋ ହସର କାରଣ ଥିଲା ଏଇଆ। ଦୁନିଆରେ ଲୋକମାନେ ବହୁତ କଥା କହନ୍ତି। ସେମାନଙ୍କ ଭିତରୁ କିଛି ଲୋକ ବୁଝି ବିଚାର କରି କହନ୍ତି, ଆଉ ଅନେକ ଲୋକ ବୁଝିବା, ବିଚାର କରିବା କ'ଣ ଜାଣନ୍ତି ନାହିଁ। କେବଳ କହିବା କଥା ବୋଲି କହି ଥାଆନ୍ତି। ଏଭଳି ଲୋକଙ୍କ କଥାକୁ ଶୁଣି ଆପଣ ମନ ଦୁଃଖ କରିଥିଲେ ବୋଲି ହସିଥିଲି। ଆଉ ମନ ଦୁଃଖ କରିଥିଲି ଏଇଥିପାଇଁ ଯେ ରାଜ୍ୟରେ ବେକାର ବସିଥିବା ଲୋକ ହିଁ ଏପରି ଅଯଥା ଆଲୋଚନାରେ ଭାଗ ନେଇ ଥାଆନ୍ତି। ଆମ ରାଜ୍ୟ ଏବେ ଅଧଃପତନ ଆଡ଼କୁ ଯାଉଛି। ସେଥିପାଇଁ ସଜାଗ ରହିବା ଉଚିତ୍। କାରଣ ଏଠାରେ କୁହାଳିଆ ବେଶି। କାମ କଲାବାଲା କମ୍। ■

# ଗୁରୁଙ୍କର ବିକଳ୍ପ ନାହିଁ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଥରେ ସାଙ୍ଗର ଝିଅ ଫୋନ୍ କରି କହିଲା ତାଙ୍କ ସ୍କୁଲରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗିତା ବିଷୟରେ। ଖୁସି ଲାଗିଲା ଶୁଣି ଯେ ପିଲାଟି ଓଡ଼ିଆ ବକ୍ତୃତାରେ ଭାଗ ନେଇଛି। ତାକୁ ବକ୍ତୃତା ପାଇଁ ଦିଆ ଯାଇଥିବା ବିଷୟଟି ଥିଲା- ସ୍ମାର୍ଟ କ୍ଲାସ୍ ଓ ଶିକ୍ଷାଦାତାଙ୍କ ଭୂମିକା ଉପରେ ନିଜର ତୁଳନାତ୍ମକ ମତ ରଖିବା। ପ୍ରଥମେ ମୁଁ ତା'ର ମତ ଜାଣିବାକୁ ଚାହିଁଲି। ତାକୁ ପଚାରିଲି, 'ଆଚ୍ଛା, ତୁ ମୋତେ ଆଗେ କହ, ତୋର ଏ ବିଷୟରେ ମତ କ'ଣ? ତୁ କ'ଣ ଭାବୁଛୁ, ଉଭୟଙ୍କ ମଧ୍ୟରୁ କିଏ ତୋତେ ବେଶୀ ପ୍ରଭାବିତ କରନ୍ତି ବା କାହାର ପାଠପଢ଼ା ତୋତେ ସହଜ, ମଜାଦାର ବା ଉତ୍ସାହଜନକ ଲାଗେ?' ଘଡ଼ିଏ ଚୁପ୍ ରହି ସେ କହିଲା, 'ମୋତେ ସ୍ମାର୍ଟ କ୍ଲାସ୍ ଭଲ ଲାଗେ, କିନ୍ତୁ ସବୁବେଳେ ସବୁ ସେଥିରେ ବୁଝି ହୁଏନା। ଆଉ ରହିଲା ସାର୍ ଆଉ ଦିଦି ପଢ଼େଇବା କଥା। ସେମାନଙ୍କଠାରୁ ପଢ଼ିବା ବେଳେ ଖାଲି ବହିରେ ଥିବା ପାଠ ନୁହେଁ, ଅନ୍ୟ ବହୁତ ଗୁଡ଼ିଏ ଜିନିଷ ବିଷୟରେ ଜ୍ଞାନ ଓ ଧାରଣା ପଢ଼ା ଚାଲିଥିବା ଭିତରେ ହିଁ ଜାଣିବାକୁ ମିଳିଯାଏ।'

ସେଇଠୁ ତାକୁ ଅଟକେଇ ଦେଇ କହିଲି, 'ବାସ୍, ତୁ ତ କେତେ ଗହନ କଥାଟିଏ କହିଦେଲୁ। ଏହାକୁ ହିଁ ପ୍ରାଞ୍ଜଳ ଭାବରେ ବୁଝେଇ ଦେଲେ ହୋଇଯିବ ତୋର ବକ୍ତୃତା। ଏବେ ମନ ଦେଇ ଶୁଣ, ମୁଁ ଯାହା କହୁଛି। ତାକୁ ହିଁ ତୋ ଭାଷାରେ ସଜେଇ କହିଦେଲେ ତୋର କାମ ସହଜ ହୋଇଯିବ।

'ଆମ ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ସାକ୍ଷାତ ଈଶ୍ୱର'ଙ୍କ ମର୍ଯ୍ୟାଦା ଦିଆଯାଇଛି। ଶିଷ୍ୟ ଜୀବନକୁ ଅନୁଶାସନ, ସଂଯମ ଓ ଶିକ୍ଷା ମାଧ୍ୟମରେ ଉତ୍ତମ ମଣିଷଟିଏରେ ପରିଣତ କରିବାର ଦାୟିତ୍ୱ ଶିକ୍ଷକଙ୍କ କାନ୍ଧରେ ଥାଏ। ଏବେ ଯୁଗ ବଦଳୁଛି। ତା' ସହିତ ସମାଜରେ ବି ପରିବର୍ତ୍ତନ ଘଟୁଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସାହାଯ୍ୟରେ ସବୁ କ୍ଷେତ୍ରରେ ନିତି ନୂଆ ନୂଆ ଉପାୟମାନ ବ୍ୟବହାର କରାଯାଉଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏବେ ଶ୍ରେଣୀଗୃହଗୁଡ଼ିକରେ କଳାପଟାର ସ୍ଥାନ ନେଇଛି ସ୍ମାର୍ଟ ବୋର୍ଡ, ଚକ୍ ଖଡ଼ିର ସ୍ଥାନ ନେଇଛି ଇ- ପେନ୍‌ସିଲ୍ ଏବଂ ଶିକ୍ଷକଙ୍କ ସ୍ଥାନ ନେଇଛି ସ୍ମାର୍ଟ କ୍ଲାସ୍। ଉନ୍ନତି କାହାକୁ ବା ଅଲୋଡ଼ା; ମାତ୍ର ଉନ୍ନତି ଆଳରେ ଶିଶୁ ଭିତରେ ବିଦ୍ୟାର ମୂଳଦୁଆକୁ ଦୃଢ଼ କରୁଥିବା ସେ କର୍ତ୍ତାକୁ ପାସୋରି ଦିଆଯାଇ ନ ପାରେ। ହୋଇପାରେ ସ୍ମାର୍ଟ କ୍ଲାସରେ ଅଳ୍ପ ସମୟ ଭିତରେ ଅଧିକ ତଥ୍ୟ ବିସ୍ତୃତ ଓ ପ୍ରାଞ୍ଜଳ ଭାବରେ ବୁଝାଯାଇପାରେ; ମାତ୍ର ସେସବୁ ତଥ୍ୟ ପିଲା ବୁଝିବାକୁ କେତେଦୂର ସକ୍ଷମ, ସେଇଠି ମନରେ ସନ୍ଦେହ ଆସେ!

ଶ୍ରେଣୀରେ ଛାତ୍ରଛାତ୍ରୀଙ୍କର କିଛି ବୁଝିବାରେ ଅସୁବିଧା ହେଲେ ଧୈର୍ଯ୍ୟର ସହ ତାକୁ ବାରମ୍ବାର ବୁଝାନ୍ତି ଗୁରୁ। କେତେବେଳେ ପିଠି ଥାପୁଡ଼ାଇ, କେବେ ଆକଟ କରି ତ କେବେ କେମିତି ଗାଳି ବି ଦିଅନ୍ତି। ବିଦ୍ୟାର୍ଥୀ ଭିତରେ ଶିକ୍ଷା ସହିତ ଉଚିତ ସଂସ୍କାର ଓ ବ୍ୟବହାରର ମଞ୍ଜି ବୁଣିଦେବା କାମ ଶିକ୍ଷକର। ହୋଇପାରେ ସ୍ମାର୍ଟବୋର୍ଡରେ ଆକର୍ଷଣୀୟ ଚିତ୍ର, ରଙ୍ଗ ଓ ବର୍ଣ୍ଣନା ଶୈଳୀ ପିଲାଙ୍କୁ ଆକୃଷ୍ଟ କରିବ; ମାତ୍ର ତାହା ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ଆବଦ୍ଧ। ଶିକ୍ଷକଙ୍କ ଭଳି ବୁଝି ନ ପାରିଲେ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ଛାତ୍ରଛାତ୍ରୀ ବୁଝି ପାରିବା ପର୍ଯ୍ୟନ୍ତ ବିଦ୍ୟା ଦାନର କଳା କେବଳ ଜଣେ ଗୁରୁ ଦ୍ୱାରା ହିଁ ସମ୍ଭବ।

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତି କଲେ ମଧ୍ୟ ଗୋଟିଏ ଯନ୍ତ୍ର କେବେହେଲେ ଜଣେ ଜୀବନ୍ତ ମଣିଷର ବୁଦ୍ଧି, ଧୈର୍ଯ୍ୟ, ସହନଶୀଳତା, ବିଚାରଧାରା ସହ ସମକକ୍ଷ ନୁହେଁ। ଆଧୁନିକତାର ବଶବର୍ତ୍ତୀ ହୋଇ ଆମେ ଶିକ୍ଷାଦାନର ଯେତେ ନୂଆ ନୂଆ ପଦ୍ଧତି ଆପଣେଇ ନେଲେ ମଧ୍ୟ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଭଳି ମାନବୀୟ ମୂଲ୍ୟବୋଧ, ସ୍ମାର୍ଟ କ୍ଲାସ୍ ଦ୍ୱାରା ପିଲାଙ୍କ ଭିତରେ ରୋପଣ କରିହେବ ନାହିଁ। ଗୋଟିଏ ଶ୍ରେଣୀରେ ଶିକ୍ଷା ଗ୍ରହଣ କରୁଥିବା ପ୍ରତ୍ୟେକ ଛାତ୍ର ବା ଛାତ୍ରୀ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଚରିତ୍ର। ଶିକ୍ଷାଦାତା ଶ୍ରେଣୀରେ ଶିକ୍ଷାଦାନ କରିବା ସମୟରେ କେବଳ ବିଦ୍ୟାଦାନ କରେନାହିଁ, ସମ କାଳରେ ପ୍ରତି ପିଲାର ବ୍ୟବହାର, ବୁଦ୍ଧି, ଧୀଶକ୍ତିକୁ ପରଖୁ ଥାଏ। ତା'ର ଠିକ୍ ଭୁଲ୍‌କୁ ଆକଳନ କରି ଉତ୍ସାହିତ କରେ ବା ସୁଧାରି ଥାଏ। ଗୁରୁଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ କେବଳ ବିଦ୍ୟା ଅର୍ଜନ କରନ୍ତି ନାହିଁ, ବରଂ ନୈତିକ ଶିକ୍ଷା ଓ ଜୀବନ ବଞ୍ଚିବାର କଳା ଶିଖନ୍ତି। ହଁ, ଏଇଟି ସତ ଯେ ସ୍ମାର୍ଟ କ୍ଲାସ୍ ପିଲାଙ୍କ ଶିକ୍ଷଣ ପଦ୍ଧତିରେ ଉନ୍ନତି ଆଣିବାରେ ସହାୟକ ହୋଇପାରେ; ମାତ୍ର ଶିକ୍ଷାଦାତା ବା ଗୁରୁଙ୍କୁ ବାଦ୍ ଦେଇ ଶିକ୍ଷାର କଳ୍ପନା ବି କରିବା ଅସମ୍ଭବ। ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ମନେ ରଖିବା ଉଚିତ ଯେ କୌଣସି ପ୍ରଯୁକ୍ତିବିଦ୍ୟା ଶିକ୍ଷକଙ୍କ ସ୍ଥାନ ନେଇ ପାରିବ ନାହିଁ, କାରଣ ବିଦ୍ୟା ଗ୍ରହଣ ପ୍ରକ୍ରିୟା ଶିକ୍ଷାଦାତାଙ୍କ ବିନା ଅସମ୍ପୂର୍ଣ୍ଣ।'



ମୋତେ ଧୈର୍ଯ୍ୟ ଧରି ଏତେ ସମୟ ଶୁଣିଲା ପରେ ସାଙ୍ଗ ଝିଅର ମୁଖମଣ୍ଡଳରେ କି ଭାବ ଥିଲା, ତାହା ତ ଫୋନ୍‌ରେ ଜାଣିବାର ସୁଯୋଗ ହିଁ ନଥିଲା, କିନ୍ତୁ ଆମ ଆଲୋଚନାରେ ତା'ର ଭାଗ ନେବାର ଉତ୍କଣ୍ଠା ଓ ସକ୍ରିୟତାରୁ ଜାଣି ପାରୁଥିଲି ମୋ ବୁଝେଇବାର କିଛି ତ ପ୍ରଭାବ ତା' ଉପରେ ପଡ଼ିଛି। ମନ ଖୁସିରେ ସେ ମୋତେ ଧନ୍ୟବାଦ ଜଣେଇ କହିଲା, 'ମାଉସୀ, ମୁଁ ଏବେ ଜାଣିଗଲି ମୋତେ କ'ଣ କହିବାର ଅଛି। ଦେଖିବ ମୋର ବକ୍ତୃତାକୁ ସମସ୍ତେ ନିଶ୍ଚୟ ପସନ୍ଦ କରିବେ। ତାକୁ ଆସୁଥିବା ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇ ମୁଁ ଫୋନ୍ ରଖିଲି। ଭାବୁଥିଲି, ପିଲାଙ୍କ ଆଗ୍ରହ ଓ ଶୁଣିବାର ଧୈର୍ଯ୍ୟ ଥିଲେ ତାଙ୍କୁ ଜଟିଳ ଲାଗୁଥିବା ବିଷୟଗୁଡ଼ିକ ସହଜରେ ବୁଝେଇ ଦିଆଯାଇ ପାରିବ, ହେଲେ ତା' ପାଇଁ ଆମ ବଡ଼ମାନଙ୍କ ପାଖରେ ବି ଯଥେଷ୍ଟ ସମୟ, ଧୈର୍ଯ୍ୟ ଓ ବୁଝେଇବାର ଜ୍ଞାନ ଥିବା ଦରକାର।

ଗୁରୁ ଶବ୍ଦ ହିଁ ଶିଷ୍ୟକୁ ଧୈର୍ଯ୍ୟ ଧରିବା ଶିକ୍ଷା ଦିଏ। ଶିଷ୍ୟର ଅନ୍ତର୍ନିହିତ ଶକ୍ତି, ତା'ର ଲୁକ୍କାୟିତ ଶକ୍ତି ସମୂହକୁ ଜାଗ୍ରତ କରନ୍ତି ଗୁରୁ। ଭାରତୀୟ ସଂସ୍କୃତିରେ ଗୁରୁଙ୍କ ନାଁ ଗର୍ବର ସହିତ ନିଆଯାଏ। ଯେ କୌଣସି ନୃତ୍ୟଶିଳ୍ପୀ କିମ୍ବା ସଙ୍ଗୀତ ଶିଳ୍ପୀଙ୍କୁ ନିଜ ପରିଚୟ ମାଗିଲେ ସେମାନେ ନିଜ ଗୁରୁଙ୍କ ନାମ ନେଇ ଶ୍ରଦ୍ଧା ଓ ସମ୍ମାନର ସହ ସେମାନେ ତାଙ୍କ ଶିଷ୍ୟ ବୋଲି ପରିଚୟ ଦିଅନ୍ତି। କହିବା ବାହୁଲ୍ୟ ଯେ ସେମାନେ ତାଙ୍କ ନାଁରେ ପରିଚୟ ପାଇବାକୁ ଗର୍ବ ଓ ଗୌରବ ମନେ କରନ୍ତି। ବାସ୍ତବରେ ଗୁରୁଙ୍କ ମାର୍ଗଦର୍ଶନ ଶିଷ୍ୟ ଜୀବନରେ ବିରାଟ ପରିବର୍ତ୍ତନ ଆଣିଥାଏ। ଗୁରୁଙ୍କ ଶିକ୍ଷା ଓ ସହଯୋଗ ବିନା ମାନବ ଜାତିର ଉନ୍ନତି ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଣୁ ଆମ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସମ୍ମାନ ଓ ମର୍ଯ୍ୟାଦା ଯେତେ ବିଶାଳ, ଶିଷ୍ୟମାନଙ୍କ ସମର୍ପଣ ଓ ତ୍ୟାଗ ସେତେ ଅତୁଳନୀୟ। ■

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

ନିତିଦିନ NITIDIN



# ରେଭେନ୍ସାରେ ଉତ୍ତେଜନା

**କଟକ,୪।୯ ।ଏନ୍ଏନ୍ଏସ୍:** ନାମ ପରିବର୍ତ୍ତନ ମନ୍ତବ୍ୟକୁ ନେଇ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ଏବେ ଅଶାନ୍ତ ହୋଇଉଠିଛି। ଦୁଇଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଆଜି ସନ୍ଧ୍ୟାରେ ବିବାଦ ଉପୁଜିଥିଲା ବେଳେ ରେଭେନ୍ସାରେ ଉତ୍ତେଜନା ଦେଖାଦେଇଥିଲା। ତେବେ ମାଲ୍‌ଗୋଦାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତକୁ ନିୟନ୍ତ୍ରଣାଧୀନ କରିଛି। ନାମ ପରିବର୍ତ୍ତନ ମନ୍ତବ୍ୟ ପ୍ରତିବାଦରେ ଆଜି ବାମ ଓ ଗଣତାନ୍ତ୍ରିକ ଦଳର ଛାତ୍ର ସଂଗଠନଗୁଡିକ ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା କରୁଥିବା ବେଳେ ସେମାନଙ୍କ ସହିତ ସାମିଲ ହୋଇନଥିବା ଜଣେ ଛାତ୍ରଙ୍କୁ ମାଡମାରିବା ନେଇ ଏହି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପ୍ରିୟ ରଞ୍ଜନ ପାଣ୍ଡବ ନାମକ ଜଣେ ଛାତ୍ର କ୍ୟାମ୍ପସ୍‌କୁ ପଶୁଥିବା ବେଳେ ତାଙ୍କୁ ସିକ୍ୟୁରିଟି ଗାର୍ଡ ଅଟକାଇ ଆଇକାର୍ଡ ଦେଖାଇବାକୁ କହିବା ସହିତ ତମ ନାମରେ ବହୁତ ଅଭିଯୋଗ ରହିଛି ବୋଲି କହିଥିଲେ। ଫଳରେ ପ୍ରିୟ ସହିତ ଗାର୍ଡଙ୍କର ଯୁକ୍ତିତର୍କ ହୋଇଥିଲା। ପ୍ରିୟ ଯୁକ୍ତି କରିଥିଲେ ଯେ ଆମେ ରେଭେନ୍ସାର ଛାତ୍ର,ମାତ୍ର ଅଣଛାତ୍ରମାନେ କ୍ୟାମ୍ପସରେ ପଶି ରାଜନୀତି କରିବା ସହିତ ଏଠାରେ ଯାବତୀୟ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏହି ଯୁକ୍ତି କାହିଁକି କଲ ବୋଲି ମଶାଲ୍ ଧରି ଆନ୍ଦୋଳନ କରୁଥିବା ଛାତ୍ରସଂଗଠନର ସଦସ୍ୟମାନେ ତାଙ୍କୁ ଏବଂ ତାଙ୍କର ଅନ୍ୟଜଣେ ସାଥୀ ବିଷ୍ଣୁଙ୍କୁ ମାରଧର କରିବାରୁ ସେଠାରେ ଗଣ୍ଡଗୋଳ ସୂତ୍ରପାତ ଘଟିଥିଲା। ତେବେ ଆନ୍ଦୋଳନକାରୀ ସଂଗଠନର କର୍ମକର୍ତ୍ତାମାନେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗଣତାନ୍ତ୍ରିକ ଭାବେ ହେଉଥିବା ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଏଭଳି ପରିସ୍ଥିତି କ୍ୟାମ୍ପସରେ ସୃଷ୍ଟି କରାଯାଉଛି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ ସନ୍ଧ୍ୟାପରେ କ୍ୟାମ୍ପସରେ ଅଣଛାତ୍ରମାନେ ପ୍ରବେଶ କରିପାରିବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗତକାଲି ଏକ ନୋଟିସରେ ଦର୍ଶାଇଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

**ବଲଙ୍ଗା,୪।୯/ଏନ୍ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅଲଣ୍ଡାପଡା ଛକଠାରେ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ ମାମଲାରେ ୧୧ମାସ ଧରି ଫେରାର ଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ବଲଙ୍ଗା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମର ଦୀପରୁ ପ୍ରଧାନ ଓ ସୁକାନ୍ତ ବେହେରା ବୋଲି ପୁଲିସ ସୂଚନା ଦେଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାର୍କଣ୍ଡପୁର ଗ୍ରାମର ବିଜୟ ବେହେରା ସାଇକେଲ ଯୋଗେ ବଜାରକୁ ଯାଉଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଆସାମୀ ପ୍ରକାଶ ବେହେରା ତାର ଦୁଇ ସହଯୋଗୀ ଦୀପରୁ ଓ ସୁକାନ୍ତଙ୍କ ସହ ଅଲଣ୍ଡାପଡା ଛକ ପୂର୍ବରୁ ବିଜୟକୁ ଖଣ୍ଡାରେ ହାଣିଥିଲେ। ଆକ୍ରମଣରେ ବିଜୟଙ୍କ ହାତ ଓ କାନରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ବିଜୟଙ୍କ ଭାଇ ପ୍ରଶାନ୍ତଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଆକ୍ରମଣକାରୀ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଦୀପରୁ ଓ ସୁକାନ୍ତ ଘରକୁ ଆସିଥିବା ନେଇ ତଦନ୍ତକାରୀ ଅଫିସର କେଦାର ଚନ୍ଦ୍ର ଦୋରାଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଗତକାଲି ବିଳମ୍ବିତ ରାତିରେ ଶ୍ରୀ ଦୋରାଙ୍କ ସହ ଅନ୍ୟ ପୁଲିସ କର୍ମଚାରୀମାନେ ସାଦା ପୋଷାକରେ ଆସାମୀଙ୍କ ଗ୍ରାମରେ ଚଢ଼ାଉକରି ଗିରଫ କରିଥିଲେ।

## ପ୍ରଥମ ପୃଷ୍ଠାରୁ

# ସରକାରଙ୍କୁ ...

ସେଠୀଙ୍କ କହିବା ମୁତାବକ ପୂର୍ବତନ ବିଧାୟକମାନେ ବହୁତ କମ୍ ପେନସନ୍ ପାଉଛନ୍ତି, ତେଣୁ ସେମାନଙ୍କ ପେନସନ୍ ବଢ଼ାଇବା ଉଚିତ୍। ସେ କହିଛନ୍ତି ଯେ, ପ୍ରଚଳିତ ବଜାର ମୂଲ୍ୟରେ ମିଳୁଥିବା ଭତ୍ତା ଅନ୍ୟ ରାଜ୍ୟ ତୁଳନାରେ କମ୍। ନେତା ଦିନ ରାତି କାମ କରି କଷ୍ଟ ପାଉଛନ୍ତି। ଜଣେ ବିଧାୟକଙ୍କର ୪ରୁ ୫ ରୋଗ ଥିବ । ସୁଗାରଠାରୁ ଆରମ୍ଭ କରି ସେମାନେ କିଡନୀ ରୋଗରେ ମଧ୍ୟ ପୀଡ଼ିତ । କିନ୍ତୁ ଏପରି ପରିସ୍ଥିତିରେ ତାଙ୍କୁ ମାତ୍ର ୨ ହଜାର ଟଙ୍କା ଭତ୍ତା ମିଳୁଛି। ଏହାସହ ବହୁ ପୂର୍ବତନ ବିଧାୟକ ଅଛନ୍ତି ଯେଉଁମାନେ କି କେବଳ ୩୦ ହଜାର ଟଙ୍କା ପେନସନ୍ ପାଉଛନ୍ତି । ଯେତେବେଳେ କି ସେମାନଙ୍କୁ ୨ରୁ ୩ ଲକ୍ଷ ଦରକାର । ଖାଲି ନିର୍ବାଚନମଣ୍ଡଳୀ ଗଲେ ୧୫ ହଜାର ତେଲ ପୋଡୁଛି ବୋଲି କହିବା ସହ ପୂର୍ବତନ ବିଧାୟକଙ୍କ ପେନସନ୍ ଓ ବର୍ତ୍ତମାନ ବିଧାୟକଙ୍କ ଭତ୍ତା ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି।

# ୭ରୁ ଉପକୂଳରେ...

ସେହିଭଳି ୭ ତାରିଖ ଗଣେଶ ପୂଜାରେ ମଧ୍ୟ ପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ୟେଲୋ ଆଲର୍ଟ ହୋଇଛି। ବିଶେଷ କରି ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁ, କେନ୍ଦ୍ରାପଡା, ଯାଜପୁର, ନୟାଗଡ, ଅନୁଗୁଳ ଏବଂ ଢେଙ୍କାନାଳକୁ ସତର୍କତା ଜାରି କରାଯାଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ବର୍ଷା ହେଲେ ମଧ୍ୟ ଗରମ ଗୁଳୁଗୁଳି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

# ହାଇକୋର୍ଟରେ...

ରସୁଲପୁର ବ୍ଲକ କୁଆଖିଆ ଥାନା ଓରାଳି ଗ୍ରାମର ସୂର୍ଯ୍ୟ ନାରାୟଣ ନୋଡାଲ ୟୁପି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସେଠୀଙ୍କୁ ଜଣେ ଶିକ୍ଷୟିତ୍ରୀ ଉଠବସ୍ ହେବା ପାଇଁ ନିର୍ଦ୍ଦେଶ ଦେଲେ। ପଢ଼ାରେ ମନୋଯୋଗୀ ହୋଇନଥିବାରୁ ଶିକ୍ଷୟିତ୍ରୀ ଉଠବସ୍ ହେବାକୁ କହିଥିଲେ। ରୁଦ୍ର ଉଠବସ୍ ହେଉଥିବା ବେଳେ ତଳେ ପଡ଼ିଯାଇ ଅସୁସ୍ଥ ହୋଇଥିଲେ। ତାଙ୍କୁ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ଏସ୍‌ସିବି ମେଡିକାଲକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଆବେଦନକାରୀ ପ୍ରବୀର କୁମାର ଦାସ ଏନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା ବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଏନେଇ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ସରକାର କୌଣସି ତଥ୍ୟ ଦେଉନାହାନ୍ତି। ଯଦ୍ୱାରା ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଅବେଦନକାରୀ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି।

# ୨୪୭ କୋଟିର...

୫୯ ହଜାର, ବୌଦ୍ଧରେ ୧୧ କୋଟି ୧ ଲକ୍ଷ ୧୨ ହଜାର, କଟକରେ ୫୦ କୋଟି ୫୫ ଲକ୍ଷ ୩୧ ହଜାର, ଦେବଗଡ଼ରେ ୭ କୋଟି ୮୨ ଲକ୍ଷ ୭୪ ହଜାର, ଢେଙ୍କାନାଳରେ ୨୮ କୋଟି ୭୬ ଲକ୍ଷ ୮୨ ହଜାର, ଗଜପତିରେ ୧୪ କୋଟି ୪୮ ଲକ୍ଷ ୨୫ ହଜାର, ଗଞ୍ଜାମରେ ୭୬ କୋଟି ୬୭ ଲକ୍ଷ ୪୫ ହଜାର, ଜଗତସିଂହପୁରରେ ୨୩ କୋଟି ୯୯ ଲକ୍ଷ ୬୭ ହଜାର, ଯାଜପୁରରେ ୪୧ କୋଟି ୬୮ ଲକ୍ଷ ୬୧ ହଜାର, ଝାରସୁଗୁଡ଼ାରେ ୧୧ କୋଟି ୫୪ ଲକ୍ଷ ୨୯ ହଜାର, କଳାହାଣ୍ଡିରେ ୪୧ କୋଟି ୬୬ ହଜାର, କନ୍ଧମାଳରେ ୧୭ କୋଟି ୯୮ ଲକ୍ଷ ୭୦ ହଜାର, କେନ୍ଦ୍ରାପଡ଼ାରେ ୩୨ କୋଟି ୮ ଲକ୍ଷ ୧୩ ହଜାର, କେନ୍ଦୁଝରରେ ୪୧ କୋଟି ୯୫ ଲକ୍ଷ ୩୨ ହଜାର, ଖୋର୍ଦ୍ଧାରେ ୩୯ କୋଟି ୬୪ ଲକ୍ଷ ୯୫ ହଜାର, କୋରାପୁଟରେ ୩୬ କୋଟି ୯୨ ଲକ୍ଷ ୫୩ ହଜାର, ମାଲକାନଗିରିରେ ୧୫ କୋଟି ୩୧ ଲକ୍ଷ ୩୬ ହଜାର, ମୟୁରଭଞ୍ଜରେ ୬୦ କୋଟି ୯୪ ଲକ୍ଷ ୯୬ ହଜାର, ନବରଙ୍ଗପୁରରେ ୩୧ କୋଟି ୬୬ ଲକ୍ଷ ୩ ହଜାର, ନୟାଗଡ଼ରେ ୨୨ କୋଟି ୨୦ ଲକ୍ଷ ୧୦ ହଜାର, ନୂଆପଡ଼ାରେ ୧୭ କୋଟି ୪୩ ଲକ୍ଷ ୫୯ ହଜାର, ପୁରୀରେ ୩୬ କୋଟି ୬୮ ଲକ୍ଷ ୬୭ ହଜାର, ରାୟଗଡ଼ାରେ ୨୫ କୋଟି ୨୭ ଲକ୍ଷ ୯୫ ହଜାର, ସମ୍ବଲପୁରରେ ୨୨ କୋଟି ୭୩ ଲକ୍ଷ ୭୧ ହଜାର, ସୋନପୁରରେ ୧୫ କୋଟି ୨୧ ଲକ୍ଷ ୮୨ ହଜାର ଓ ସୁନ୍ଦରଗଡ଼ରେ ୪୩ କୋଟି ୨୧ ଲକ୍ଷ ୨ ହଜାର ଟଙ୍କା ବଣ୍ଟାଯାଇଛି।

ସୂଚନାଯୋଗ୍ୟ, ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଗତ ଫେବ୍ରୁଆରୀ ମାସରେ ତତ୍କାଳୀନ ସରକାର ରାଜ୍ୟର ୯୫.୯୦ଲକ୍ଷ ପରିବାର (ଖାଦ୍ୟ ସୁରକ୍ଷା ହିତାଧିକାରୀ) କୁ ହଜାରେ ଟଙ୍କା ଲେଖାଏଁ ସହ ୨ଟି ଝୋଟ ବ୍ୟାଗ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ଏହା ବାବଦକୁ ମୋଟ ୧୨୩୭.୭୪କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସେତେବେଳେ ସୂଚନା ଦେଇଥିଲେ।

### ସୁଭଦ୍ରା ଯୋଜନା ଫର୍ମ ବଣ୍ଟନବେଳେ କର୍ମୀଙ୍କୁ ମାଡ଼ର ପ୍ରତିବାଦ

# ବ୍ଲକ୍ ଘେରିଲା ଅଙ୍ଗନବାଡ଼ି ସଂଘ

**ରଣପୁର,୪।୯/ଏନ୍ଏନ୍ଏସ୍:** ସୁଭଦ୍ରା ଯୋଜନାରେ ସାମିଲ୍ ହେବା ପାଇଁ ମହିଳାମାନଙ୍କ ମଧ୍ୟରେ ପ୍ରବଳ ମାତ୍ରାରେ ଉତ୍କଣ୍ଠା ଦେଖିବା ପାଇଁ ମିଳିଛି। ଏହି ଯୋଜନାରେ ଆବେଦନ ପାଇଁ ଅଙ୍ଗନବାଡି କର୍ମୀଙ୍କ ଜରିଆରେ ଫର୍ମ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ହିତାଧିକାରୀମାନଙ୍କୁ ଗ୍ରାମରେ ସୁଭଦ୍ରା ଯୋଜନା ଫର୍ମ ବାଣ୍ଟିବା ବେଳେ ଜଣେ ଯୁବକ ଉତ୍ତ୍ୟକ୍ତ ହୋଇ ଅଙ୍ଗନବାଡି କର୍ମୀଙ୍କୁ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ ରଣପୁର ବ୍ଲକ୍ ଅନ୍ତର୍ଗତ ମହତପଲା ଗ୍ରାମ ପଞ୍ଚାୟତର ଡିମିରିଆ ଗ୍ରାମର ଅଙ୍ଗନବାଡି କର୍ମୀ ମୀନାକ୍ଷୀ ବାଳା ପରିଡା ଅଙ୍ଗନବାଡି କେନ୍ଦ୍ରର କାମସାରି ହିତାଧିକାରୀମାନଙ୍କ ପାଇଁ ଦିଆଯାଇଥିବା ସୁଭଦ୍ରା ଯୋଜନା ଫର୍ମଗୁଡିକ ଗ୍ରାମରେ ବାଣ୍ଟୁଥିଲେ। ସେହି ସମୟରେ ଗ୍ରାମର ସରୋଜ କୁମାର ମହାପାତ୍ର ନାମକ ଜଣେ ଯୁବକ ଫର୍ମ ବାଣ୍ଟିବାରେ ବିଳମ୍ବ ହେଉଥିବା ଦର୍ଶାଇ ଅଙ୍ଗନବାଡି କର୍ମୀଙ୍କ ସହ ତାଙ୍କୁ ସହଯୋଗ କରିଥିବା ତାଙ୍କ ଝିଅଙ୍କୁ ମଧ୍ୟ ମାଡ଼ମାରିଥିବା ରଣପୁର ଥାନାରେ ଅଭିଯୋଗ କରିଥିଲେ। ସେହିଭଳି



ଅପରପକ୍ଷରୁ ମଧ୍ୟ ଅଙ୍ଗନବାଡି କର୍ମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଏକ ପାଲଟା ଅଭିଯୋଗ ହୋଇଥିଲା। ସ୍ଥାନୀୟ ପୁଲିସ୍ ଏଥିନେଇ ଦୁଇଟି ମାମଲା ରୁଜୁ କରିବା ସହ ସରୋଜ ମହାପାତ୍ର ଓ ଅଙ୍ଗନବାଡି କର୍ମୀଙ୍କ ଦିଅର ପ୍ରଫୁଲ୍ଲ କୁମାର ନାୟକ ଅଟକ ଥିବା ଜଣାଯାଇଛି। ଅପରପକ୍ଷରେ ଏହି ଘଟଣା ଘଟିବା ପରେ ଅଙ୍ଗନବାଡି କର୍ମୀମାନେ ନିଜର ସୁରକ୍ଷା ଦାବିକରି ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ବିଡିଓ ସୁଧୀର ନାୟକ, ତହସିଲଦାର ରବିନ ଚର୍ଚ୍ଚିଲ ମିଶ୍ର ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ଧାରଣାରତ ଅଙ୍ଗନବାଡି କର୍ମୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଠାରୁ ସୁରକ୍ଷା ପ୍ରଦାନ ଦାବୀରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରଥିଲେ। କର୍ମଚାରୀ ହିସାବରେ ସରକାରୀ ଦାୟିତ୍ୱ ତୁଲାଇବା ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ପ୍ରଶାସନ ତରଫରୁ ତ୍ୱରିତ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଆଇଆଇଟି କ୍ୟାମ୍ପସ୍‌ରୁ ବି.ଟେକ୍ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଜଟଣୀ,୪।୯/ଏନ୍ଏନ୍ଏସ୍:** ଜଟଣୀ ଅରଗୁଳସ୍ଥିତ ଆଇଆଇଟି ପରିସରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆଇଆଇଟିରେ ପଢୁଥିବା ବି. ଟେକ୍ ର ତୃତୀୟ ବର୍ଷର ଛାତ୍ରୀଙ୍କ ମୃତଦେହ କ୍ୟାମ୍ପସ୍ ପରିସରରୁ ଉଦ୍ଧାର କରାଯାଇଛି। ମୃତ ଛାତ୍ରୀ ହେଲେ ଦିଲ୍ଲୀର କ୍ରିତିକା ରାଜ(୨୧)। ତେବେ କ୍ରିତିକା କ୍ୟାମ୍ପସ୍ ହଷ୍ଟେଲରେ ରହୁଥିଲେ। କିନ୍ତୁ ଗତକାଲି ରାତିରେ ପ୍ରଶାସନିକ ଭବନ ତଳୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଛାତ୍ରୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ମାନସିକ ରୋଗ ଜନିତ ଔଷଧ ଖାଉଥିବା ପୁଲିସ କହିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଆଇଆଇଟି କ୍ୟାମ୍ପସ୍ ରେ ଥିବା ପାଞ୍ଚ ମହଲା ବିଶିଷ୍ଟ ପ୍ରଶାସନିକ ଭବନ ନିକଟରେ ଏକ ଶବ୍ଦ ହୋଇଥିଲା। ଶବ୍ଦ ଶୁଣି ପାଖରେ ନିୟୋଜିତ ଥିବା ସିକ୍ୟୁରିଟି ଗାର୍ଡ ଘଟଣାସ୍ଥଳରେ ପହଞ୍ଚି ଜଣେ ଛାତ୍ରୀ ମୁହଁମାଡ଼ି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଅନ୍ୟ ସିକ୍ୟୁରିଟିଙ୍କୁ ଅବଗତ କରାଇଥିଲେ। ଘଟଣାସ୍ଥଳରେ କର୍ତ୍ତୃପକ୍ଷ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହସ୍ପିଟାଲରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ତେବେ ଛାତ୍ରୀ ଜଣଙ୍କ ମାନସିକ ରୋଗ ଜନିତ ମେଡିସିନ୍ ଖାଉଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ତେବେ ଏହାରି ମଧ୍ୟରେ ଗତକାଲି ଛାତ୍ରୀଙ୍କ ମୃତଦେହ କ୍ୟାମ୍ପସ୍ ପରିସରରୁ ଉଦ୍ଧାର କରାଯାଇଛି। ପ୍ରଶାସନିକ ଭବନ ଉପର ମହଲା ଝରକା ବାଟେ ତଳକୁ ଡେଇଁ ପଡ଼ିଥିବା ପୁଲିସ ସନ୍ଦେହ କରୁଛି। ଶବ ଜବତକରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ୍‌କୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି ପୁଲିସ। ଛାତ୍ରୀଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# ସୁଭଦ୍ରା ଯୋଜନାର ପଞ୍ଜୀକରଣ କେନ୍ଦ୍ର ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୪।୯/ଏନ୍ଏନ୍ଏସ୍:** ମହିଳାମାନଙ୍କୁ ଶସକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲା ବେଳେ ବିଜେପି ସରକାରଙ୍କ ତରଫରୁ ଉପମୁଖ୍ୟମନ୍ତ୍ରୀ ଆଜି ସୁଭଦ୍ରା କଲ୍ ସେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ପରୀପ୍ରେକ୍ଷୀରେ ଆଜି ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସୁଭଦ୍ରା ପଞ୍ଜିକରଣ ଶୁଭାରମ୍ଭ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ପକ୍ଷରୁ ବଡକ୍ଷୀର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଦର୍ଶ ସୁଭଦ୍ରା ଯୋଜନା ପଞ୍ଜିକରଣ କେନ୍ଦ୍ର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟ ସରକାରଙ୍କ ସୁଭଦ୍ରା ପାଇଁ ଅନୁସୃତ ସରକାରୀ ୱେବ୍ ସାଇଟ୍ ମାଧ୍ୟମରେ ଏହି ଯୋଜନା ସଂପର୍କୀତ ସମସ୍ତ ତଥ୍ୟ ଜନସାଧାରଣଙ୍କ ଉପଲବ୍ଧି ହେବା ସହ ଯୋଜନା ସଂପର୍କିତ ସମସ୍ତ ସୁବିଧା ଓ ସରଳ ଭାବରେ ମହିଳାମାନେ କିପରି ସେମାନଙ୍କର ଆବେଦନପତ୍ର ପଞ୍ଜିକୃତ କରିପାରିବେ ଓ ଯୋଜନାର ସୁଫଳ ପାଇପାରିବେ ସେଥିପାଇଁ




ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚିନାରାୟଣ ବେହେରାଙ୍କ ସଂଯୋଜନାକ୍ରମେ କଟକ ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସମନ୍ୱିତ ଶିଶୁବିକାଶ ଅଧିକାରିଣୀ ସତ୍ୟଭାମା ବିଶୋଇ, ବଡକ୍ଷୀର ସରପଞ୍ଚ ହିଂମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ମିଶନଶକ୍ତି ବିପିଏମ୍ ସୁରଜ ବେହେରା,ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ତରାଇ, ପଂଚାୟତ ମିଶନଶକ୍ତି ସଭାନେତ୍ରୀ ଅମ୍ରିତା ସିଂହ, ସଂପାଦିକା ଅଞ୍ଜନା ଶତପଥି, ଏମ୍‌ବିକେ ଦେବରୂପା କର, ସିଆରପି ଲକ୍ଷ୍ମୀପ୍ରିୟା ବସ୍ତିଆ, କବିତା ମଲ୍ଲିକ, ମାନସୀ ସ୍ୱାଇଁ, କବିତା ମହାପାତ୍ର, ପ୍ରେମଲତା ବେହେରା, ଅନିତା କର, ସ୍ନେହାଞ୍ଜଳି ନାୟକ ପ୍ରମୁଖଙ୍କ ସହ ପଞ୍ଚାୟତର ସମସ୍ତ ଇ.ସି. ମେମ୍ବର, ୱାର୍ଡ ସଭ୍ୟସଭ୍ୟା ଓ ବହୁବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅନ୍‌ଲାଇନ୍ ଅର୍ଥ ହେର୍‌ଫେର୍ ଅଭିଯୋଗରେ ୨ ଭାଇ ଗିରଫ

**ଖଣ୍ଡପଡ଼ା,୪।୯/ଏନ୍ଏନ୍ଏସ୍:** ଅନ୍‌ଲାଇନ୍ ଯୋଗେ ଜାତୀୟକରଣ ବ୍ୟାଙ୍କ ଶାଖାରୁ ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଋଣ ବାବଦ ଅର୍ଥ ହେରଫେର କରିଥିବା ଅଭିଯୋଗରେ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାର କର୍ମଚାରୀମାନେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ପାଟଣା ଗ୍ରାମରେ ମଙ୍ଗଳବାର ରାତିରେ ଅଚାନକ ଚଢ଼ାଉକରି ବିରଞ୍ଚି ରାଉତଙ୍କ ଦୁଇପୁଅ ତପନ ରାଉତ (୨୮) ଓ ତା'ର ସାନଭାଇ ତୋଫାନ୍ ରାଉତ(୨୨)କୁ ଭୁବନେଶ୍ୱର ଉଠାଇନେଇଥିବା ଜଣାଯାଇଛି। ସ୍ଥାନୀୟ ନେତାଙ୍କ ବାହୁଛାୟାରେ ଥିବା ଏହି ୨ଭାଇ ଋଣ ଅର୍ଥ ହେରଫେର ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ କିଆଝର ପଞ୍ଚାୟତ ଓ ଖଣ୍ଡପଡ଼ା ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ବାଲିପାଟଣା,୪।୯/ଏନ୍ଏନ୍ଏସ୍:** ବାଲିପାଟଣା ପ୍ରେସ କ୍ଲବ୍‌ର ସଦସ୍ୟ ତଥା ସାମ୍ବାଦିକ ରଘୁନାଥ ଭୋଳଙ୍କ ମାତା କୁନ୍ତଳା ଭୋଳଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ ସାନମାଛପୁର୍ ଗ୍ରାମର ସ୍ୱର୍ଗତ ଗନ୍ଧର୍ବ ଭୋଳଙ୍କ ପତ୍ନୀ କୁନ୍ତଳା ଭୋଳ(୬୭) ଗତ କିଛିଦିନ ହେବ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିନ୍ତୁ ଆଜି ଭୋର୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଥିଲା। ଆଜି ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶବ ସତ୍କାର ସମୟରେ ତାଙ୍କର ପୁଅ, ବୋହୂ, ନାତିନାତୁଣୀ ଏବଂ ଝିଅଜ୍ୱାଇଁ ଉପସ୍ଥିତ ଥିଲେ। କୁନ୍ତଳାଙ୍କ ଦେହାନ୍ତ ଖବର ଶୁଣିବା ପରେ ବାଲିପାଟଣା ପ୍ରେସ କ୍ଲବ ପକ୍ଷରୁ ଶୋକ ପ୍ରାର୍ଥନା କରାଯାଇଥିଲା।

# ଶୌଚହେବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

**ମାହାଙ୍ଗା,୪।୯/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଷଙ୍ଗ ପଂଚାୟତ ବଇଁଚୁଆ ଗ୍ରାମର ବୃଦ୍ଧ ବ୍ରଜକିଶୋର ବିଶ୍ୱାଳ (୮୫) ନିଜ ଗାଁ ବିଲ ଦଣ୍ଡାକୁ ଶୌଚ ହେବାକୁ ଯାଇଥିବା ସମୟରେ ସେଠାରେ କାଦୁଅରେ ପଡିଯାଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ପ୍ରକାଶ ଯେ ବ୍ରଜକିଶୋର ଆଜି ସକାଳ ସମୟରେ ଗାଁ ନିକଟ ବିଲ ଦଣ୍ଡାକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ କାଦୁଅରେ ପଡିଯିବା ଫଳରେ ସେଠାରେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଘରକୁ ନେଇ ଆସିଥିଲେ। ସେତେବେଳେକୁ ତାଙ୍କର ମୃତ ହୋଇସାରିଥିଲା। ଏ ନେଇ ପରିବାର ପକ୍ଷରୁ ମାହାଙ୍ଗା ଥାନାକୁ ଲିଖିତ ଭାବେ ଜଣାଇଥିଲେ। ଖବର ପାଇ ମାହାଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲ ପଠାଇଥିବା ଜଣାଯାଇଛି।

# ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ବଲଙ୍ଗା,୪।୯/ଏନ୍ଏନ୍ଏସ୍:** ବଲଙ୍ଗା ସମ୍ଭୁଭାରତୀ ପାଟଣା ଗ୍ରାମର ଆଜି ମଧ୍ୟାହ୍ନରେ ମହିଳା ରଶି ଲଗାଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ସୂଚନା ମୁତାବକ ନିରଞ୍ଜନ ସେନାପତି ବୈଦିକ ରୀତିରେ ନୟାଗଡ଼ କଣ୍ଟିଲୋ ଗ୍ରାମରେ ସନ୍ତୋଷୀ ସେନାପତିଙ୍କୁ ୧୪ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦୁଇଟି ଝିଅ ଶୁଭଶ୍ରୀ ସେନାପତି(୧୦) ଓ ତନୁଶ୍ରୀ(୧୨) ଥିବାବେଳେ ଆଜି ମଧ୍ୟାହ୍ନରେ ଘରେ କେହି ନଥିବାର ସୁଯୋଗ ନେଇ ଘର ଭିତରେ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଶାଶୁ ଓ ନଣନ୍ଦ ଘରକୁ ଆସି ସନ୍ତୋଷୀଙ୍କୁ ନ ପାଇ ଖୋଜାଖୋଜି କରିବାରେ ଗୋଟିଏ ଘରର କବାଟ ଭିତରୁ ବନ୍ଦଥିବା ଦେଖି ଡାକିଥିଲେ। ଭିତରୁ କୌଣସି ଉତ୍ତର ନ ମିଳିବାରୁ ସ୍ଥାନୀୟ ଥାନାରେ ଖବର କରିଥିଲେ। ବଲଙ୍ଗା ଥାନା ଏଏସ୍‌ଆଇ ସୁପ୍ରଭା ସାହୁ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଶବ ଜବତ କରିବା ସଙ୍ଗେ ସଙ୍ଗେ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ।

# ଚକ୍ଷୁଦାନ ସଚେତନତା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୪।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସ ମିଳିତ ଆନୁକୂଲ୍ୟରେ ଚକ୍ଷୁଦାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କନ୍ଦଖାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରନ୍ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରାଧ୍ୟାପକ ଡ଼ଃ ପ୍ରଭାତ କୁମାର ଆଚାର୍ଯ୍ୟ, ଅଧ୍ୟାପକ ମଧୁସୂଦନ ସାହୁ, ଗୋପାଳ କୃଷ୍ଣ ଚଟପାଧ୍ୟୟ, କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପିକା ସ୍ମିତା ମହାରଣା, ଚନ୍ଦନା ନାୟକ, ମୁଖ୍ୟ କିରାଣୀ ଦିଲ୍ଲୀପ କୁମାର ଦଳେଇ, ସୁକାନ୍ତ କୁମାର ଜେନା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଚକ୍ଷୁଦାନ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇ ଚକ୍ଷୁଦାନ ମହାପୁଣ୍ୟର ନାରା ଦେଇ ଆଖପାଖ ଅଞ୍ଚଳ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ସଭା ଶେଷରେ ଚକ୍ଷୁଦାନ ନିମନ୍ତେ ଶପଥପାଠ ଅନୁଷ୍ଠିତ ହୋଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ନୟାଗଡ଼ ଚିନିକଳ ପୁନଃରୁଦ୍ଧାର ନିମନ୍ତେ ବୈଠକ

**ନୟାଗଡ଼,୪।୯/ଏନ୍ଏନ୍ଏସ୍:** ନୟାଗଡ଼ ପାଣିପୋଇଲାସ୍ଥିତ ନୟାଗଡ଼ ଚିନି କଳକୁ ପୁନଃରୁଦ୍ଧାର କରିବା ନିମନ୍ତେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚିନି କଳର ପୁନଃରୁଦ୍ଧାର ନିମନ୍ତେ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ବର୍ଷୀୟାନ ମୁରବୀ ହାଡ଼ିବନ୍ଧୁ ପରିଜାଙ୍କ ପରଲୋକ

**ବାଲିଅନ୍ତା,୪।୯/ଏନ୍ଏନ୍ଏସ୍:** ପାହାଳ ଥାନା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ବିଶିଷ୍ଟ ତଥା ଜଣାଶୁଣା ବର୍ଷୀୟାନ ମୁରବୀ ହାଡିବନ୍ଧୁ ପରିଜାଙ୍କର ଆଜି ଅପରାହ୍ନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପରିଜାଙ୍କର ପରଲୋକ ଖବର ପ୍ରସାରିତ ହେବା ପରେ ଶେଷ ଦର୍ଶନ ନିମନ୍ତେ ବିଭିନ୍ନ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶିଷ୍ଟ ପାଲାଗାୟକ ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ନୀଳାମ୍ବର ଦାସ ପ୍ରେମାନନ୍ଦ ପରିଜା, ସବୁଦିନ ଟିଭିର ଅଧ୍ୟକ୍ଷ ହୃଦାନନ୍ଦ ସାହୁ, ମୁଖ୍ୟ ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ର, ସାମାଜିକ ସଂଗଠନ ମିରାମ୍ବିକାର ଅଧ୍ୟକ୍ଷ ଜୀବନଜ୍ୟୋତି ବାରିକ, ସାମ୍ବାଦିକ ଗୁରୁପ୍ରସାଦ ମହାପାତ୍ର, କିଶୋର କୁମାର ଭୋଇ, ନବକିଶୋର ଭୋଇ, ସୌମ୍ୟରଞ୍ଜନ ଭୋଇ, ଜଗନ୍ନାଥପୁର ଅଞ୍ଚଳର ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତା ପ୍ରମୁଖ ଶେଷଦର୍ଶନ କରିବା ସହିତ ଆମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ପରିଜା ଜଣେ ପରୋପକାରୀ, ମିଷ୍ଟଭାଷୀ ଧର୍ମ ପରାୟଣ ବ୍ୟକ୍ତି ଭାବରେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଜଗନ୍ନାଥପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପାହାଡ଼ରୁ ଚୋରାରେ ମୋରମ ଚାଲାଣ, କାର୍ଯ୍ୟାନୁଷ୍ଠାନ ଦାବି

**ଖଣ୍ଡପଡ଼ା,୪।୯/ଏନ୍ଏନ୍ଏସ୍:** ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ଅଧୀନ ଖଳିସାହି ପଞ୍ଚାୟତର ଇଚ୍ଛାପୁର ଗ୍ରାମ ନିକଟରେ ଥିବା ପାହାଡ଼ରୁ ମାଫିଆମାନେ ଅବାଧରେ ଆଖପାଖ ଅଞ୍ଚଳକୁ ଚୋରାରେ ମୋରମ ଚାଲାଣ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଚୋରାରେ ମୋରମ ଚାଲାଣ ଯୋଗୁଁ ପାହାଡ଼ ଓ ତତ୍‌ସଂଲଗ୍ନ ସଂରକ୍ଷିତ ଜଙ୍ଗଲ ସମୟାନୁକ୍ରମେ କ୍ଷୟ ହେବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ପରିବେଶବିତ୍‌ମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାଫିଆମାନେ ଅବାଧରେ ମୋରମ ଚାଲାଣ କରି ମୋଟା



ଅଙ୍କର ଅର୍ଥ ଆୟ କରୁଥିବା ବେଳେ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସରକାର ରାଜସ୍ୱ ହରାଉଥିବା ଜଣାପଡିଛି। ଲଘୁଖଣିଜ ସଂପଦର ଚୋରା ଚାଲାଣ ରୋକିବା ନିମନ୍ତେ ରାଜ୍ୟ ସରକାର କଡାକଡି ଆଇନ କାନୁନ ପ୍ରଣୟନ କରିଥିଲେ ହେଁ ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷ ଏଥିପ୍ରତି ସଂପୂର୍ଣ୍ଣ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଉକ୍ତ ପାହାଡରୁ ମୋରମ ଚାଲାଣ ଯୋଗୁଁ ପାହାଡର ପାଦ ଦେଶରେ ଥିବା ବୃକ୍ଷରାଜିଗୁଡିକ ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ଖଣ୍ଡପଡା ତହସିଲ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଇଚ୍ଛାପୁର ଗ୍ରାମର ଜନସାଧାରଣ ଦାବି କରିଛନ୍ତି। ଅଭିଯୋଗ ସଂପର୍କରେ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେଥିପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି ଭାରପ୍ରାପ୍ତ ତହସିଲଦାର ରାଜାରାମ ଛତ୍ରିଆ।

# ପୁରୀରେ ହେବ ଆର୍ମି ନିଯୁକ୍ତି ରାଲି

**ପୁରୀ, ୪।୯/ଏନ୍‌ଏନ୍‌ଏସ୍ :** ଚଳିତବର୍ଷ ଅକ୍ଟୋବର ମାସରେ ପୁରୀ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଭାରତୀୟ ଆର୍ମି ପକ୍ଷରୁ ନିଯୁକ୍ତି ରାଲିର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଅନୁଷ୍ଠିତ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଏହି ରାଲିରେ ଶାରୀରିକ ପରୀକ୍ଷାରେ ଉପସ୍ଥିତ ହେବେ। ଏହି ରାଲିକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ଣରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଉଥିବା ଦାୟିତ୍ୱ ସଠିକ ଭାବେ ନିର୍ବାହ କରିବାକୁ ଅନୁରୋଧ କରିଥିଲେ। ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଶିବିର, ଅଗ୍ନି ନିର୍ବାପକ ବ୍ୟବସ୍ଥା, ରହଣି ବ୍ୟବସ୍ଥା, ନେଟ୍ ବ୍ୟବସ୍ଥା, ବ୍ୟାରିକେଟ୍ ଓ ଟେଣ୍ଟ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ସୂଚନା ପ୍ରଦାନ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଆର୍ମି ରିକ୍ରୁଟିମେଣ୍ଟ ବୋର୍ଡର ମେଜର୍ ହେମେନ୍ଦ୍ର ସିଂ ଓ ସାଥି, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ନିଯୋଜନ ଅଧିକାରୀ ସୁବାଷ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

# ନଭେମ୍ବର ୧୫ରୁ ୨୨ ବାଲିଯାତ୍ରା

**କଟକ,୪।୯/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ନଭେମ୍ବର ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା

## ଏଥର ଅଧିକ ଆକର୍ଷଣୀୟ ହେବ




ସଭାଗୃହଠାରେ ବୁଧବାର ଅନୁଷ୍ଠିତ ପ୍ରଥମ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ୍ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଚିତ୍ତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଗତବର୍ଷର ଭୁଲତ୍ରୁଟିକୁ ସୁଧାରିବାକୁ ପ୍ରୟାସ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ବୈଠକରେ ଯୋଗଦେଇ ଏଡିସିପି ଅନିଲ କୁମାର ମିଶ୍ର ପାର୍କିଂ ସ୍ଥାନରୁ ଯାତ୍ରୀମାନଙ୍କୁ ଯାତ୍ରାପଡ଼ିଆ ପର୍ଯ୍ୟନ୍ତ ଯାତାୟାତକୁ ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ବାଲିଯାତ୍ରାର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ପରବର୍ତ୍ତି ପର୍ଯ୍ୟାୟରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯିବ। ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ ଓ ଉପଜିଲ୍ଲାପାଳ କଟକ ସଦର ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ବିଜେପି ପକ୍ଷରୁ ପ୍ରାଥମିକ ସଦସ୍ୟତା ଅଭିଯାନ

**ଖୋର୍ଦ୍ଧା,୪।୯/ଏନ୍‌ଏନ୍‌ଏସ୍:** ଜିଲ୍ଲା ବିଜେପି ପକ୍ଷରୁ ପ୍ରାଥମିକ ସଦସ୍ୟତା ଅଭିଯାନ ନେଇ ଖୋର୍ଦ୍ଧା ତଳସାହି ପାର୍ବତୀ କଲ୍ୟାଣ ମଣ୍ଡପଠାରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବିଜେପି ପକ୍ଷରୁ ଆହୁତ ଏହି ସମ୍ମିଳନୀରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଲେ, ପ୍ରତି ୬ ବର୍ଷରେ ଥରେ ବିଜେପି ପକ୍ଷରୁ ପ୍ରାଥମିକ ସଦସ୍ୟତା ଅଭିଯାନ ହୋଇଥାଏ। ଭାରତୀୟ ଜନତା ପାର୍ଟି ଏକ ରାଷ୍ଟ୍ରୀୟ ପାର୍ଟି। ଏହି ଦଳ ରାଷ୍ଟ୍ରର ଚିନ୍ତାଧାରା ଉପରେ ପର୍ଯ୍ୟବେସିତ। ଜାତୀୟତାବାଦ, ଦେଶ ଭକ୍ତି, ରାଷ୍ଟ୍ରୀୟ ଚେତନାକୁ ଜାଗ୍ରତ କରୁଥିବା ଏହି ଦଳର ବିଚାରଧାରା ହିଁ ଅନ୍ୟ ରାଜନୈତିକ ଦଳଠାରୁ ଭିନ୍ନ ପରିଚୟ ଦେଇଥାଏ। ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ କରୁଥିବା ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର ହେଉଛି 'ସେବା ହିଁ ସଂଗଠନ' ଏବଂ ସଂଗଠନର ଆତ୍ମା ହେଉଛି ପ୍ରାଥମିକ ସଦସ୍ୟତା। ଗତ ୩ ତାରିଖ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିଥିଲେ। ପ୍ରାଥମିକ ସଦସ୍ୟତା ପାଇଁ ଚାରିଗୋଟି ମାଧ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ମିସ୍ କଲ୍ ( ୮୮୦୦୦୦୨୦୨୪), ନମୋ ଆପ୍, କ୍ୟୁଆର୍ କୋର୍ଡ, ଅଫଲାଇନ୍ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ। ଏହି ଅଭିଯାନରେ ସମାଜର ସବୁ ବର୍ଗର ଓ ସବୁସ୍ତରର ଲୋକ ସାମିଲ ହୋଇପାରିବେ ସୂଚନା ଦେଇଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବିଶ୍ୱରଞ୍ଜନ ବଡ଼ଜେନା, ଅଜୟ ମିଶ୍ର ଯୋଗଦେଇଥିଲେ।




# ମହାନଦୀକୁ ଡେଇଁ ବ୍ୟବସାୟୀ ନିଖୋଜ

**କଟକ,୪।୯/ଏନ୍‌ଏନ୍‌ଏସ୍ :** ଅନ୍‌ଲାଇନ୍ ଟ୍ରେଡିଂ ମାଧ୍ୟମରେ ଅର୍ଥ ରୋଜଗାର କରିବା ନିଶା ଏବେ ପ୍ରାଣଘାତୀ ହୋଇଛି। ଅନ୍‌ଲାଇନ୍ ଟ୍ରେଡିଂରେ ଲକ୍ଷଲକ୍ଷ ଟଙ୍କା ହରାଇବା ଯୋଗୁଁ ଜଣେ ବ୍ୟବସାୟୀ ମାନସିକ ସନ୍ତୁଳନ ହରାଇ ଶେଷରେ ମହାନଦୀରେ ଡେଇଁ ନିଖୋଜ ହୋଇଥିବା ଜଣାପଡ଼ିଛି। ନୟାସଡ଼କ ଅଞ୍ଚଳର ଅନୁପ ଅଗ୍ରୱାଲା (୫୧) ଗତକାଲି ଧବଳେଶ୍ୱର ମନ୍ଦିରକୁ ଯାଉଛନ୍ତି ବୋଲି କହି ଘରୁ ଯାଇଥିଲାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରିନଥିଲେ। ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିବାକୁ ଧବଳେଶ୍ୱରକୁ ଯାଉଥିଲାବେଳେ ମହାନଦୀର ମଧୁସେତୁ ଉପରେ ତାଙ୍କର ଦୁଇଚକିଆ ଗାଡ଼ି ଥିବା ଦେଖିଥିଲେ। ଏନେଇ ଖବର ପାଇ ପୁଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ ମାତ୍ର ତାଙ୍କର ପତ୍ତା ମିଳି ନାହିଁ। ତେବେ ମୃତକଙ୍କ ପରିବାର ସୂତ୍ରରୁ ପ୍ରକାଶ ଯେ ଅନ୍‌ଲାଇନ୍‌ରେ ଟ୍ରେଡିଂ କରୁଥିଲେ। କିଛିଦିନ ସେ ବେଶ୍ ଲାଭବାନ ହୋଇଥିଲେ ବି ପର ମୁହୂର୍ତ୍ତରେ ପ୍ରାୟ ୧୦ଲକ୍ଷ ଟଙ୍କା କ୍ଷତି ହୋଇଥିଲା। ଫଳରେ ସେ ମାନସିକ ଭାରସାମ୍ୟ ହରାଇ ମହାନଦୀକୁ ଡେଇଁ ପଡ଼ିଛନ୍ତି। ସୂଚନାଯୋଗ୍ୟ ଗତକାଲି ମହାନଦୀ ବ୍ୟାରେଜ୍ ଉପରୁ ମହାନଦୀକୁ ଡେଇଁ ଭୁବନେଶ୍ୱର ଭିଭିଏସ୍ ନଗରର ମୃତ୍ୟୁଞ୍ଜୟ ମାଣିକ ନିଖୋଜ ହୋଇଥିବାବେଳେ ତାଙ୍କର ପତ୍ତା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ,୪।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୯୦ ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ୭୪ବ୍ୟକ୍ତିଗତ, ୫ ଗ୍ରାମ ସମସ୍ୟା ସମ୍ପର୍କିତ, ୧୧ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କିତ ଆବେଦନ ରହିଥିଲା। ତତ୍‌କ୍ଷଣାତ୍ ଗୋଟିଏ ଅଭିଯୋଗର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡିକ ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସିଡିଏମ୍‌ଓ ଡା. ରୂପ ଭାନୁ ମିଶ୍ର, ଅଭିଯୋଗ ପ୍ରକୋଷ୍ଠ ଡେପୁଟି କଲେକ୍ଟର ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ଶୁଣାଣିରେ ଯୋଗଦେଇଥିଲେ।

# ବାର୍ଡ ଫ୍ଲୁ ସ୍ଥିତି ସମୀକ୍ଷାକଲେ କେନ୍ଦ୍ରୀୟ ଟିମ୍



**ପୁରୀ,୪।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାରେ କୁକୁଡ଼ାଙ୍କୁ ବାର୍ଡଫ୍ଲୁ ପଜେଟିଭ୍ ଚିହ୍ନଟ ହେବା ପରେ ରାପିଡ୍ ଆକ୍ସନ୍ ଟିମ୍ ପକ୍ଷରୁ କୁକୁଡାମରା ଅଭିଯାନ ଜାରି ରହିଛି। ଜିଲ୍ଲାର ପିପିଲି, ନିମାପଡ଼ା, ଡେଲାଙ୍ଗ, ସତ୍ୟବାଦୀ, କଣାସ ଭଳି ବ୍ଲକ୍‌ରେ ଫାର୍ମଗୁଡିକୁ ବିଶୋଧନ କରାଯାଇ ସଂକ୍ରମିତ କୁକୁଡ଼ାଗୁଡ଼ିକୁ ମାରି ଜନବସତିଠାରୁ ଦୂରରେ ପୋତାଯାଉଛି। ତେବେ ଜିଲ୍ଲାରେ ଅଧିକ ସଂକ୍ରମଣ ବଢ଼ିବା ଆଶଙ୍କା ପରେ ପ୍ରାଣି ଚିକିତ୍ସା ବିଭାଗର କେନ୍ଦ୍ରୀୟ ଟିମ୍ ଜିଲ୍ଲାର ବିଭିନ୍ନ ସଂକ୍ରମିତ ଅଞ୍ଚଳରେ ପହଞ୍ଚି ବାର୍ଡଫ୍ଲୁ ସ୍ଥିତି ସମୀକ୍ଷା କରିଥିଲେ। ପୁରୀ ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାରେ ବ୍ୟପୁଥିବା ବାର୍ଡଫ୍ଲୁ ସଂକ୍ରମଣ କିଭଳି ପ୍ରତିହତ କରାଯିବ, ସମସ୍ତ ବିଭାଗ ଓ କୁକୁଡ଼ା ଫାର୍ମଗଡ଼ିକ କିଭଳି ସତର୍କତା ଅବଲମ୍ବନ କରିବେ, ସଂକ୍ରମିତ ଅଞ୍ଚଳଠାରୁ ୧୦କିଲୋମିଟର ଦୂରତା ମଧ୍ୟରେ ଥିବା କୁକୁଡ଼ାଗୁଡିକୁ ବାହାରକୁ ବିକ୍ରି ନ କରିବା ଏବଂ ବାର୍ଡଫ୍ଲୁ ରୋଗର ନିରାକରଣ ବିଷୟରେ ଆଲୋଚନା କରାଯାଇଥିବା ଆନିମଲ୍ ହିମ୍ୟୁନିଟି ଅଫିସର ଅଭିଜିତ ମିତ୍ର ପ୍ରକାଶ କରିଥିଲେ।

# ସମୁଦ୍ର ସ୍ନାନବେଳେ ପର୍ଯ୍ୟଟକଙ୍କ ମୃତ୍ୟୁ

**ପୁରୀ,୪।୯/ଏନ୍‌ଏନ୍‌ଏସ୍:** ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରରେ ସ୍ନାନବେଳେ ଅସାବଧାନତା ବଶତଃ ଜଣେ ପର୍ଯ୍ୟଟକ ସମୁଦ୍ର ଲହଡ଼ିରେ ଭାସିଯାଇ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ପର୍ଯ୍ୟଟକ ପଶ୍ଚିମବଙ୍ଗ ବାଙ୍କୁଡ଼ା ନିତ୍ୟାନନ୍ଦପୁରର ସୁଶାନ୍ତ ଅଧିକାରୀ (୫୪)। ସୂଚନା ମୁତାବକ ମୃତ ପର୍ଯ୍ୟଟକ ପରିବାର ସହ ବୁଧବାର ସମୁଦ୍ରରେ ସ୍ନାନ କରୁଥିବାବେଳେ ଲହଡ଼ିରେ ଭାସିଯାଇଥିଲେ। ତାଙ୍କୁ ପରିବାର ଲୋକମାନେ ଉଦ୍ଧାର କରି ମେଡିକାଲ ଆଣିଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲ ପୁଲିସ ସହାୟତା କେନ୍ଦ୍ର ପକ୍ଷରୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ

**ପୁରୀ,୪।୯/ଏନ୍‌ଏନ୍‌ଏସ୍:** କିଛିଦିନ ତଳେ ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ପ୍ରସ୍ତାବକୁ ବିରୋଧ କରି ଛାତ୍ର ସଙ୍ଗଠନ ପକ୍ଷରୁ ପୁରୀ ସାମନ୍ତଚନ୍ଦ୍ର ଶେଖର ମହାବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏହା ପଛରେ ସାମ୍ପ୍ରଦାୟିକ ଓ ସଂଖ୍ୟାଲଘୁ ବିରୋଧୀ ମନୋଭାବ ସ୍ପଷ୍ଟ ବୋଲି ଭାରତର ଛାତ୍ର ଫେଡେରେସନ୍ ପକ୍ଷରୁ କୁହାଯାଇଛି। ଅତୀତରେ କେନ୍ଦ୍ର ସରକାର ଯେପରି ସାଂପ୍ରଦାୟିକ ମନୋଭାବ ରଖି ଅନେକ ସହର ଓ ରେଳଷ୍ଟେସନ ନାମ ପରିବର୍ତ୍ତନ କରି ଦେଶରେ ହିନ୍ଦୁ ମୁସଲମାନ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରିଛନ୍ତି, ଓଡ଼ିଶାରେ କେନ୍ଦ୍ରମନ୍ତ୍ରୀ ସେହି ଧରଣର ପ୍ରୟାସ କରୁଛନ୍ତି ବୋଲି ଏସ୍‌ଏଫ୍‌ଆଇ ଅଭିଯୋଗ କରିଛି।



ଟି.ଇ. ରେଭେନ୍ସା ନାମରେ ୧୮୬୮ ମସିହାରରେ ପ୍ରତିଷ୍ଠିତ ଏହି ପୁରୁଣା ଶିକ୍ଷାନୁଷ୍ଠାନ ଓଡ଼ିଶାର ଅନେକ ରାଜନୈତିକ ଓ ସାଂସ୍କୃତିକ ଇତିହାସର ମୂକସାକ୍ଷୀ। ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପଛରେ ବହୁ ଐତିହ୍ୟ ଓ ଗୌରବ ରହିଛି। ଓଡ଼ିଶାରେ ଆଧୁନିକ ଶିକ୍ଷା ପ୍ରସାର କ୍ଷେତ୍ରରେ ଟି.ଇ. ରେଭେନ୍ସାଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିଲା। ଦେଶରେ ଶିକ୍ଷାର ବ୍ୟୟଭାର ହ୍ରାସ ଯୋଗୁଁ ଛାତ୍ର ବୃତ୍ତି ସଂଖ୍ୟା ଓ ପରିମାଣ ହ୍ରାସଘଟୁଛି, ଶିକ୍ଷକ ପଦବୀ ଖାଲିପଡୁଛି, ଗୁଣାତ୍ମକ ଶିକ୍ଷା ଓ ଗବେଷଣା ଗୁରୁତର ଭାବେ ବାଧା ପାଉଛି। ଗତ ୧୦ବର୍ଷର ଶାସନରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ଗୋଟେ ହେଲେ ଉଚ୍ଚମାନର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ବ୍ୟର୍ଥ ହୋଇଥିବା ବିଜେପି ସରକାର ଶସ୍ତା ଲୋକପ୍ରିୟତା ଓ ହୀନ ରାଜନୈତିକ ଫାଇଦା ପାଇଁ ଏଭଳି ପ୍ରସ୍ତାବ ଦେଇଛନ୍ତି। ଗତ ଦଶନ୍ଧିରେ ଶିକ୍ଷା ବ୍ୟୟ ହ୍ରାସ ସହ ଛାତ୍ରବୃତ୍ତି, ଗବେଷଣା, ପତ୍ରପତ୍ରିକା, ସେମିନାର୍ ବାବଦରେ ବ୍ୟୟ କମିଛି। ବହୁ ଉଚ୍ଚ ଶିକ୍ଷାନୁଷ୍ଠାନ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏନେଇ ସାମନ୍ତଚନ୍ଦ୍ର ଶେଖର ମହାବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭରେ ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ଜିଲ୍ଲା ଆବାହକ ଚନ୍ଦନ ସାହୁ, ଛାତ୍ର ନେତା ମାନସ ରଞ୍ଜନ ଦଳବେହେରା, ରାକ୍ଷୀ ସ୍ୱାଇଁ, ଅମ୍ବିକା ପ୍ରିୟଦର୍ଶିନୀ, ଦିପାଞ୍ଜଳୀ ବେହେରା, ପ୍ରିୟଙ୍କା ଦେଓ, ଶ୍ରାବଣୀ ଦାସ, ସିଦ୍ଧାନ୍ତ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଯାଞ୍ଚ୍ କଡ଼ାକଡ଼ି

**ପୁରୀ,୪।୯/ଏନ୍‌ଏନ୍‌ଏସ୍:** ବିଶ୍ୱ ମାନଚିତ୍ରରେ ଶ୍ରୀକ୍ଷେତ୍ରର ପରିଚୟ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ସେହି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଦୈନିକ ପ୍ରାୟ ୩୦ହଜାରରୁ ଅଧିକ ପର୍ଯ୍ୟଟକ ଓ ଭକ୍ତ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ପ୍ରାୟତଃ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ ସାରିବା ପରେ ପୁରୀର ସ୍ୱର୍ଣ୍ଣିମ ବେଳାଭୂମିର ମଜା ଉଠାଇବା ପାଇଁ ପର୍ଯ୍ୟଟକ ପୁରୀ ଆସୁଛନ୍ତି। ଯେତିକି ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି ସେତିକି ଟ୍ରାଫିକ୍ ସମସ୍ୟା ମଧ୍ୟ ବଢୁଛି। ଅନେକ ସମୟରେ ପର୍ଯ୍ୟଟକମାନେ ଗାଡ଼ି ପାର୍କିଙ୍ଗକୁ ନେଇ ହଇରାଣ ହରକତ ହେଉଛନ୍ତି। ବିଶେଷକରି ଛୁଟି ଦିନଗୁଡ଼ିକରେ ବେଳାଭୂମି ମାର୍ଗରେ ଟ୍ରାଫିକ ଜାମ୍ ସମସ୍ୟା ଦେଖିବାକୁ ମିଳୁଛି। ସମ୍ପ୍ରତି ପୁରୀକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖିନ୍ନ ନହେବେ ସେ ନେଇ ତତ୍ପର ହୋଇଛି ପୁରୀ ପୁଲିସ ପ୍ରଶାସନ। ବେଆଇନ ପାର୍କିଙ୍ଗକୁ ରୋକିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଯାନବାହାନ ଯାଞ୍ଚ କରାଯାଇ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନ୍ୟପଟେ ପୁରୀ ସିଟି ଡିଏସ୍ପି ପ୍ରଶାନ୍ତ କୁମାର ସାହୁ ଓ ଟ୍ରାଫିକ୍ ଥାନା ଅଧିକାରୀଣି ସଙ୍ଗୀତା ଦାସ ନିଜେ ବୁଲି ଟ୍ରାଫିକ ସମସ୍ୟା ତଦାରଖ କରୁଛନ୍ତି। ଅନେକ ସ୍ଥାନରେ ବେଆଇନ ପାର୍କିଙ୍ଗ କରିଥିବା ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।



ନିତିଦିନ NITIDIN

DISPLAY CLASSIFIED

Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

Odisha's Most Reliable Nursing Institution Since Last 22 Years
FIRST TIME IN ODISHA FREE INTEGRATED COACHING FOR AIIMS/ OSSSC/JIPMER/ESIC/NURSING OFFICER EXAM
ANM ELG.- +2, DURATION- 2 YRS.
GNM ELG.- +2, DURATION- 3 YRS.
DMLT / DMRT ELG.- +2 SC., DURATION- 2 YRS.
B.Sc Nursing ELG.- +2 (PCB), DURATION- 4 YRS.
P.B.B.Sc Nursing ELG.- GNM PASS, DURATION- 2 YRS.
M.Sc Nursing DURATION- 2 YRS.
Recognised by D.M.E.T., Govt. of Odisha
100% PLACEMENT ASSISTANCE Smart Class Room Practical at SCB Medical College www.dgeiodisha.com
DHANESWAR GROUP OF EDUCATIONAL INSTITUTIONS
BHUBANESWAR COLLEGE OF NURSING & DHANESWAR SCHOOL AND COLLEGE OF NURSING
RECOGNISED BY GOVT. OF ODISHA, INDIAN NURSING COUNCIL, OUHS
UTTAMAPUR, BALIKUDA, CUTTACK Contact 9348896738 9938100766

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P. Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR.
Few seats Available
GNM
ELIGIBILTY 40% (35% FOR SC/ST) IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହଁନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

## ସ୍ୱାସ୍ଥ୍ୟ

# ସକାରାତ୍ମକ ଚିନ୍ତାଧାରା

ସକାରାତ୍ମକ ଚିନ୍ତାଧାରାର ଅର୍ଥ ଜୀବନର ଆହ୍ୱାନଗୁଡ଼ିକୁ ସକାରାତ୍ମକ ଦୃଷ୍ଟିକୋଣ ସହିତ ସମ୍ମୁଖୀନ ହେବା। ଏହାର ଅର୍ଥ ଜୀବନର ନକାରାତ୍ମକ ଦିଗଗୁଡ଼ିକୁ ଅଣଦେଖା କରି ସେଗୁଡ଼ିକ ଉପରେ ପରଦା ପକାଇ ଦୁନିଆକୁ ରଙ୍ଗିନ ଚଷମାରେ ଦେଖିବା। ସକାରାତ୍ମକ ଚିନ୍ତାଧାରା ଅର୍ଥାତ ଆଶାବାଦୀ ରହିବା। ଏହିପରି ମନୋଭାବ କୌଣସି ପରିସ୍ଥିତିରେ ଖୁବ୍ ଭଲ ଦିଗଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଅଭ୍ୟାସ ଅଟେ। ଏହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବହୁତ ବଡ଼ ପ୍ରଭାବ ପକାଇଥାଏ। ଏହାର ଅର୍ଥ ନୁହେଁ ଯେ ଆପଣ ବାସ୍ତବିକତାକୁ ଅଣଦେଖା କରି ସମସ୍ୟାଗୁଡ଼ିକୁ ହାଲୁକା ଭାବରେ ଗ୍ରହଣ କରିବେ।



### ଆଶାବାଦୀ ବ୍ୟାଖ୍ୟାତ୍ମକ ଶୈଳୀ:

ଆଶାବାଦୀ ବ୍ୟାଖ୍ୟାତ୍ମକ ଶୈଳୀର ଲୋକମାନେ ଖୁବ୍ ଭଲ ଘଟଣା ଘଟିଲେ ଏହାର ଶ୍ରେୟ ନିଜକୁ ଦେଇଥାନ୍ତି ଓ ଖରାପ ପରିଣାମ ପାଇଁ ବାହାରର ଶକ୍ତିଗୁଡ଼ିକୁ ଦାୟୀ କରିଥାନ୍ତି। ସେମାନେ ନକାରାତ୍ମକ ଘଟଣାଗୁଡ଼ିକୁ ଅସ୍ଥାୟୀ ଓ ଅସାମାନ୍ୟ ବୋଲି ଭାବନ୍ତି।

### ନିରାଶାବାଦୀ ବ୍ୟାଖ୍ୟାତ୍ମକ ଶୈଳୀ:

ନିରାଶାବାଦୀ ଲୋକମାନେ ସାଧାରଣତଃ କୌଣସି ଘଟଣା ଘଟିଲେ ନିଜକୁ ଦାୟୀ କରିଥାନ୍ତି। କିନ୍ତୁ ସଫଳ ପରିଣାମ ପାଇଁ ନିଜକୁ ପର୍ଯ୍ୟାପ୍ତ ଶ୍ରେୟ ଦେବାରେ ବିଫଳ ହୋଇଥାନ୍ତି। ସେମାନେ ନକାରାତ୍ମକ ଘଟଣାଗୁଡ଼ିକୁ ଉପେକ୍ଷିତ ଓ ସ୍ଥାୟୀ ଘଟଣା ଭାବରେ ଗ୍ରହଣ କରିନିଅନ୍ତି। ଏହା ସହିତ ନିଜ ନିୟନ୍ତ୍ରଣ ବାହାରେ ଘଟୁଥିବା ଘଟଣାଗୁଡ଼ିକ ପାଇଁ ସେମାନେ ନିଜକୁ ଦାୟୀ କରନ୍ତି ଓ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାଗୁଡ଼ିକୁ ନିଜ ଜୀବନର ନିରନ୍ତର ଅଂଶବିଶେଷ ଭାବରେ ମାନି ମନର ସ୍ଥିତି ଉପରେ ହାନିକାରକ ପ୍ରଭାବ ପକାଇଥାନ୍ତି।

ମହିଳାମାନେ କୌଣସି ପରିବାରର ସୁଖମୟ ଅଂଶ। ତେଣୁ ଯଦି ସେମାନେ କୌଣସି କାରଣରୁ ଜୀବନରେ ଅସନ୍ତୁଷ୍ଟ ରହୁଛନ୍ତି ବା ନକାରାତ୍ମକ ଚିନ୍ତାଧାରା ସେମାନଙ୍କ ଉପରେ ଚାପ ପକାଉଛି ତେବେ ପରିବାରର ସୁଖ ସଂକଟରେ ପଡ଼ିପାରେ। ତେଣୁ ମା' ହୁଅନ୍ତୁ ଅବା ପତ୍ନୀ ସେମାନଙ୍କର ନିଜସ୍ୱ ଏକ ଜୀବନ ଥାଏ। ଜୀବନରେ ସକାରାତ୍ମକ ଚିନ୍ତାଧାରା ରଖିବା ମହିଳାମାନଙ୍କ ପାଇଁ ବହୁତ ଜରୁରୀ ହୋଇଥାଏ। କିନ୍ତୁ ପରିସ୍ଥିତି କାରଣରୁ ଆଜି ଅଧିକାଂଶ ମହିଳା ସଂଘର୍ଷ କରୁଛନ୍ତି। ଅଫିସ୍, ଘର ପରିବାର, ପିଲାମାନଙ୍କର ଦାୟିତ୍ୱକୁ ନେଇ ମନରେ ଅନେକ ପ୍ରକାରର ଦ୍ୱିବିଧା ରହୁଛି ଓ ଏପରି ସ୍ଥଳେ ନକାରାତ୍ମକ ଶକ୍ତିରୁ ନିଜକୁ କିପରି ରକ୍ଷା କରିବେ ତାହା ସେମାନଙ୍କ ପାଇଁ କୌଣସି ଆହ୍ୱାନ ଠାରୁ କମ୍ ହୋଇ ରହିନାହିଁ। ଏଥିପାଇଁ ମହିଳାମାନେ ଧ୍ୟାନ କରିବା ଉଚିତ। ଏହା ଦ୍ୱାରା ମାନସିକ ଶାନ୍ତି ମିଳିବାରେ ସାହାଯ୍ୟ ମିଳିବ। ତେଣୁ ନିୟମିତ ଭାବରେ ଧ୍ୟାନ କରିଲେ ମନରେ ସକାରାତ୍ମକ ଶକ୍ତିର ସଂଚାର ହେବ ଓ ଆପଣ ନିଜକୁ ଉର୍ଜାରେ ଭରପୂର ଥିବାର ଅନୁଭବ କରିବେ। ତେଣୁ ଖରାପ ଚିନ୍ତାକୁ ମନରୁ ହଟାଇ ଆଗକୁ ସଠିକ୍ ଯୋଜନାର ସହିତ କାମ କରିପାରିବେ। ନିଜ ଚିନ୍ତାରେ ପରିବର୍ତ୍ତନ କରାଇ ଆଜି ଠାରୁ ନୂଆ ଦୃଷ୍ଟିରେ ଦୁନିଆକୁ ଦେଖନ୍ତୁ। ନିଜର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ଧ୍ୟାନ ରଖିବା ବହୁତ ଜରୁରୀ। ପଜିଟିଭ୍ ଚିନ୍ତାଧାରାର ଲୋକମାନଙ୍କ ସହିତ ରୁହନ୍ତୁ। ସକାଳୁ ଉଠିବା ମାତ୍ରେ ଘରର ସବୁ ଲୋକଙ୍କ ସହିତ ଏକ ସ୍ମିତହାସ୍ୟର ସହିତ ସାକ୍ଷାତ କରନ୍ତୁ। ଆଇନା ସମ୍ମୁଖରେ ସ୍ମିତହାସ୍ୟର ସହିତ ନିଜକୁ ଦେଖନ୍ତୁ। ଏହା ଆପଣଙ୍କ ଭିତରେ ଏକ ପଜିଟିଭ୍ ଭାଇବ୍ସର ଅନୁଭବ ଦେବ।

## ଖାଦ୍ୟଶାଳ

# ଛୋଲିଆ ପନିର୍



**ଆବଶ୍ୟକ ସାମଗ୍ରୀ**-ସବୁଜ ଚଣା-୨୫୦ ଗ୍ରାମ, ପନିର୍-୨୫୦ ଗ୍ରାମ, ଟମାଟୋ-୧ଟି, ଲାଲ୍ ଲଙ୍କା-୨ଟି, ଖଣ୍ଡେ ଅଦା, ରସୁଣ-୬ କଳି, ପିଆଜ-୧ଟି, ଦେଶୀ ଘିଅ-୨ ଚାମଚ, ତେଜପତ୍ର-୪ଟି, ଡ଼ାଲଚିନି, ଜାଭିତ୍ରୀ, ଗୁଜୁରାତି-୨ଟି, କାଶ୍ମୀର ମିର୍ଚ୍ଚ-୧ ଚାମଚ, ଗରମ ମସଲା-୧ ଚାମଚ, ହିଙ୍ଗୁ-ଏକ ଚୁଟ୍‌କି, ହଳଦୀ ପାଉଡର୍-୧ ଚାମଚ, ଲୁଣ-ସ୍ୱାଦ ଅନୁସାରେ, ଧଣିଆ ପତ୍ର।

**ପ୍ରଣାଳୀ**-ପ୍ରଥମେ ସବୁଜ ଚଣାକୁ ଧୋଇ ପାଣି ନଦେଇ ମିକ୍ସିରେ ଦରଦରା କରି ପେଷିବେ। ଟମାଟୋରୁ ଅଲଗା ପ୍ୟୁରି ବାହାର କରିବେ। ଅଦା, ରସୁଣ, ଲାଲ୍ ଲଙ୍କା ଓ ପିଆଜକୁ ଏକା ସହିତ ମିଶାଇ ପେଷ୍ଟ ପ୍ରସ୍ତୁତ କରିବେ। ପନିର୍‌କୁ ଚାରିକୋଣିଆ କରି କାଟି ରଖନ୍ତୁ। କଡ଼ାଇରେ ଦେଶୀ ଘିଅ ଗରମ କରି ସେଥିରେ ତେଜପତ୍ର, ଡ଼ାଲଚିନି, ଜାଭିତ୍ରୀ, ଛୋଟ ଗୁଜୁରାତିକୁ ଭାଙ୍ଗି ପକେଇବେ, ହିଙ୍ଗୁ ଓ ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡର୍ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ ଟମାଟୋ ପ୍ୟୁରି ପକାଇ ମସଲାରୁ ଘିଅ ଛାଡ଼ିବା ପର୍ଯ୍ୟନ୍ତ ଭାଜିବେ। ଏବେ କାଶ୍ମିରୀ ମିର୍ଚ୍ଚ ଓ ପନିର୍ ଖଣ୍ଡ ପକାନ୍ତୁ। ପେଷି ରଖିଥିବା ସବୁଜ ଚଣାର ପେଷ୍ଟକୁ ଏହି ମିଶ୍ରଣରେ ପକାଇ ଲୁଣ ଦେଇ ମିଶାଇ ଦିଅନ୍ତୁ। ଆବଶ୍ୟକ ଅନୁସାରେ ପାଣି ଢ଼ାଳି କିଛି ସମୟ ପାଇଁ ଫୁଟିବା ପାଇଁ ଛାଡ଼ିଦେବେ। ଗରମ ମସଲା ପକାଇ ଆଉ ଟିକେ ଫୁଟାନ୍ତୁ। ମସଲା ଫୁଟିଯିବା ପରେ ଶେଷରେ ଏକ ଚାମଚ ଘିଅ ଓ ଧଣିଆ ପତ୍ର ପକାଇ ମିଶେଇ ଦିଅନ୍ତୁ। କିଛି ସମୟ ପାଇଁ ଘୋଡ଼େଇ ଦେବେ ଯେପରି ମସଲା ତରକାରି ସହିତ ମିଶିଯିବ। ଏବେ ପ୍ରସ୍ତୁତ ହୋଇଗଲା ଛୋଲିଆ ପନିର୍। ଏହାକୁ ଗରମ ଗରମ ରୁଟି, ପରଟା ସହିତ ଖାଇବାକୁ ଦିଅନ୍ତୁ।

## ନାରୀ ପ୍ରେରଣା



**ଗୁରୁ ଗୋବିନ୍ଦ ଦୋଉ ଖଡ଼େ, କାକେ ଲାଗୁ ପାୟ, ବଲିହାରୀ ଗୁରୁ ଆପ୍‌ନେ, ଗୋବିନ୍ଦ ଦିୟୋ ବତାୟ। –ସନ୍ଥ କବୀର ଦାସ।**

ଏହାର ଅର୍ଥ ଯଦି ଆପଣଙ୍କ ସମ୍ମୁଖରେ ଭଗବାନ ଓ ଗୁରୁ ଦୁଇ ଜଣ ସାରା କେବେ ଛିଡ଼ା ହୋଇଯିବେ ତେବେ ପ୍ରଥମେ ଗୁରୁଙ୍କର ପାଦ ସ୍ପର୍ଶ କରିବା ଉଚିତ କାରଣ ଗୁରୁ ହିଁ ସେହି ବ୍ୟକ୍ତି ଯିଏ ଭଗବାନଙ୍କ ସହିତ ଆମର ପଚିଚୟ କରାଇଥାଆନ୍ତି। ଏକ ଶିକ୍ଷିତ ସମାଜର ବିକାଶ ଓ ତା'ର ଉନ୍ନତି ପାଇଁ ଆମ ସମସ୍ତଙ୍କ ଜୀବନରେ ଜଣେ ଉତ୍ତମ ଗୁରୁ ବା ପଥପ୍ରଦର୍ଶକଙ୍କର ଆବଶ୍ୟକତା ଥାଏ। ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ସହିତ ନୈତିକ ମୂଲ୍ୟଗୁଡ଼ିକୁ ବୁଝେଇବା ଓ ସେମାନଙ୍କୁ ସଫଳତାର ଦିଗ ଆଡ଼କୁ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିଥାନ୍ତି। ଶିକ୍ଷକମାନଙ୍କୁ ସମାଜରେ ଏକ ସମ୍ମାନିତ ଆଦର୍ଶ ରୂପରେ ଦେଖାଯାଏ। ମାତାପିତାଙ୍କ ପରେ ଶିକ୍ଷକ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଜୀବନର ସଠିକ୍ ମାର୍ଗର ଚୟନ କରିବା ଦିଗରେ ଆମକୁ ସାହାଯ୍ୟ କରିଥାନ୍ତି। ଭଗବାନ ଆମକୁ ଗୁରୁ ଭାବରେ ଏକ ଉପହାର ଦେଇଛନ୍ତି। ଭଗବାନ ପୂରା ବ୍ରହ୍ମାଣ୍ଡର ନିର୍ମାଣ କରିଥିବା ବେଳେ ଜଣେ ଶିକ୍ଷକ ଏକ ଉତ୍ତମ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିଥାନ୍ତି। ଶିକ୍ଷା ଦେବାର ଯାଦୁ ମାଧ୍ୟମରେ ସାଧାରଣ ପିଲାଙ୍କର ଜୀବନଶୈଳୀ ଓ ସେମାନଙ୍କୁ ଜ୍ଞାନ, କୌଶଳ ଓ ବ୍ୟବହାରରେ ଉନ୍ନତ କରେଇବାର ଗୁରୁ ଦାୟିତ୍ୱ ବହନ କରିଥାନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ। ଆଜି ପୂରା ଦେଶରେ ପାଳନ କରାଯାଉଛି ଗୁରୁ ଦିବସ। ଏହି କ୍ରମରେ ଜାଣିବା ଅଲୱରର ଜଣେ ଶିକ୍ଷୟିତ୍ରୀ ଆଶା ସୁମନଙ୍କ ବିଷୟରେ ଯିଏ ଝିଅମାନଙ୍କୁ ପାଠ ପଢ଼େଇବା ସହିତ ଆତ୍ମରକ୍ଷାର କୌଶଳ ପ୍ରଦାନ କରିବା ଦିଗରେ କାମ କରୁଛନ୍ତି।



# ଆଶା ସୁମନ

ଆଶା ସୁମନ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଜଣେ ଶିକ୍ଷୟିତ୍ରୀ। ଆଶା ଖରଖଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ଝିଅମାନଙ୍କୁ ଆତ୍ମରକ୍ଷାର ପ୍ରଶିକ୍ଷଣ ଦେବା ସହିତ ପିଲାମାନଙ୍କର ପାଠପଢ଼ା ପାଇଁ କେତେକ ଭିଡିଓ କଣ୍ଟେଣ୍ଟ୍ ବି ସେ ପ୍ରସ୍ତୁତ କରନ୍ତି। ଏ ପର୍ଯ୍ୟନ୍ତ ପୂରା ରାଜସ୍ଥାନର ୩୦,୦୦୦ରୁ ଅଧିକ ଝିଅମାନଙ୍କୁ ସେ ଆତ୍ମରକ୍ଷା କୌଶଳରେ ପ୍ରଶିକ୍ଷିତ କରାଇ ସାରିଲେଣି। ତେବେ ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ପାଇଁ ଏକ ଘଟଣା ତାଙ୍କୁ ପ୍ରେରିତ କରିଥିଲା। ପାଖାପାଖି ନଅ ବର୍ଷ ପୂର୍ବରୁ ଜଣେ ମୂକ-ବଧିର ଝିଅ କ୍ଷେତକୁ ଯାଇଥିବା ସମୟରେ ସାମୂହିକ ଦୁଷ୍କର୍ମର ଶିକାର ହୋଇଥିଲା। ଏହି ଖବର ପୂରା ଗ୍ରାମରେ ପ୍ରଚାର ହେବା ପରେ ଲୋକମାନେ ଭୟଭୀତ ହୋଇଯାଇଥିଲେ। ଏହି ଘଟଣା ବିଷୟରେ ଆଶା ସୁମନ ତା'ପରଦିନ ସକାଳେ ଜାଣିଲେ। ଯେଉଁ ଝିଅଟି ଦୁଷ୍କର୍ମର ଶିକାର ହୋଇଥିଲା ସେ ତାଙ୍କ ସ୍କୁଲର ଛାତ୍ରୀ ଥିଲା। ଗ୍ରାମରେ ପଞ୍ଚାୟତ ବସିଲା। ଝିଅର ଘରେ ପୋଲିସ୍‌ମାନେ ଥିଲେ ଓ ବିଭିନ୍ନ ପ୍ରକାରର ପ୍ରଶ୍ନର ସମ୍ମୁଖୀନ ହୋଇ ସେ ଆହୁରି ବ୍ୟତିବ୍ୟସ୍ତ ହେଉଥିଲା।



ଏହି ଘଟଣାଟି ଆଶାଙ୍କ ମନକୁ ବିଚଳିତ କରିଥିଲା ଓ ସେହିଠାରେ ସେ ଝିଅମାନଙ୍କ ପାଇଁ କିଛି ନା କିଛି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହିଠାରେ ପୀଡ଼ିତା ସହିତ ବସି ଝିଅମାନଙ୍କୁ ଆତ୍ମରକ୍ଷାର କୌଶଳଗୁଡ଼ିକ ବିଷୟରେ ଶିକ୍ଷା ଦେବା ପାଇଁ ସେ ସ୍ଥିର କଲେ। ତେବେ ଘଟଣାର କିଛି ଦିନ ପରେ ବି ଲୋକମାନେ ନିଜ ପିଲାମାନଙ୍କୁ ସ୍କୁଲକୁ ଯିବାକୁ ଦେଇନଥିଲେ। ପୂର୍ବରୁ ସେ କ୍ଷେତ୍ରରେ ଲୋକମାନେ ଶିକ୍ଷାର ମହତ୍ତ୍ୱକୁ କମ୍ ବୁଝୁଥିବା ବେଳେ ଏହି ଘଟଣା ପରେ ଲୋକମାନେ ଭୟଭୀତ ଓ ସଚେତନ ହୋଇ ଝିଅମାନଙ୍କୁ ସ୍କୁଲ୍ ଯିବାକୁ ବାରଣ କରୁଥିଲେ। କିନ୍ତୁ ଏହି ଘଟଣା ପରେ ଯେଉଁ ଲୋକମାନେ ଝିଅମାନଙ୍କୁ ସ୍କୁଲକୁ ଯିବାକୁ ଅନୁମତି ଦେଇଥିଲେ ସେମାନେ ମଧ୍ୟ ବାରଣ କଲେ। ରାଷ୍ଟ୍ରୀୟ ଅପରାଧ ବ୍ୟୁରୋ(ଏନ୍‌ସିଆର୍‌ବି)ର ଆକଳନ ଅନୁସାରେ ରାଜସ୍ଥାନରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧର ଗମ୍ଭୀର ସମସ୍ୟା ସବୁ ରହିଛି। ରାଜସ୍ଥାନରେ ଦୁଷ୍କର୍ମ ଓ ଦୁଷ୍କର୍ମ ପାଇଁ ପ୍ରୟାସର ସଂଖ୍ୟା




ଅନ୍ୟ ରାଜ୍ୟ ତୁଳନାରେ ଅଧିକ। ଏଥିପାଇଁ ସ୍କୁଲ୍ ଶେଷ ହେବା ପରେ ଆଶା ଘଣ୍ଟା ଘଣ୍ଟା ଧରି ଓ ଛୁଟି ଦିନଗୁଡ଼ିକରେ ମଧ୍ୟ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ପ୍ରତ୍ୟେକ ସେସନ୍‌କୁ ଛଅ ଦିନରେ ବିଭାଜିତ କରାଯାଇଥିଲା। ଦିବ୍ୟାଙ୍ଗ ଝିଅମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ସେ ଭିନ୍ନ କୌଶଳଗୁଡ଼ିକୁ ଫଲୋ କରୁଥିଲେ। କାରଣ ସେମାନେ କେବଳ ସ୍ପର୍ଶ କରିଲେ ହିଁ କାହାକୁ ଅନୁଭବ କରିପାରୁଥିଲେ। କିନ୍ତୁ ଅନ୍ୟମାନେ ଅପରାଧୀକୁ ଦେଖିବା ମାତ୍ରେ ବା ଏପରିକି କଥାବାର୍ତ୍ତା ଶୁଣିଲେ ବିପଦ ଆସୁଥିବା ବିଷୟରେ ଜାଣିପାରୁଥିଲେ। ତେଣୁ ଏସବୁ ମଧ୍ୟରେ ସ୍କୁଲ୍‌କୁ ପିଲାମାନଙ୍କୁ ପୁଣି ଥରେ ଆଣିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ଘର ଘର ବୁଲି ସେମାନଙ୍କ ପରିବାରର ଲୋକମାନଙ୍କୁ ବୁଝେଇଥିଲେ। ଛାତ୍ରୀମାନେ ଏକା ସହିତ ସ୍କୁଲ୍‌କୁ କିପରି ଆସିବେ, ପିଲାମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତା କ'ଣ ରହିଛି ଆଦି ବିଷୟରେ ଆଶା ଅଭିଭାବକମାନଙ୍କୁ ବୁଝାଇଥିଲେ। ଝିଅମାନଙ୍କୁ ପୁଣି ଥରେ ସ୍କୁଲ୍‌କୁ ଆଣିବା ପାଇଁ ଆଶାଙ୍କୁ ଦୁଇ ମାସ ସମୟ ଲାଗିଯାଇଥିଲା। ତେବେ ଆଶା କିଛି ଠୋସ୍ ସମାଧାନ ଚାହୁଁଥିଲେ ଯେଉଁଥିଲେ ଝିଅମାନଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ।

ଏହା ଘଟିବାର ତୁରନ୍ତ ପରେ ସେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମରକ୍ଷା ସହିତ ସ୍ପର୍ଶ ଓ ଖରାପ ଅର୍ଥରେ ସ୍ପର୍ଶ କରିବା ସମ୍ପର୍କରେ ବୁଝାଇଥିଲେ। ଏହି ପ୍ରଶିକ୍ଷଣ ସେ ତାଙ୍କ କ୍ଲାସ୍‌ରୁ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ନୂଆ ଶିଖରକୁ ସ୍ପର୍ଶ କରିଥିଲା ଯେତେବେଳେ ଆଶାଙ୍କୁ ଅନ୍ୟ ସରକାରୀ ସ୍କୁଲ୍ ଓ ଗ୍ରାମୀଣ କ୍ଷେତ୍ରର ସ୍କୁଲ୍‌ଗୁଡ଼ିକରେ ଡ଼ାକି ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ କହିଥିଲେ। ୨୦୧୫ରୁ ଆଶା ପୂରା ରାଜସ୍ଥାନର ୩୦,୦୦୦ରୁ ଅଧିକ ଝିଅଙ୍କୁ ପ୍ରଶିକ୍ଷିତ କରାଇସାରିଲେଣି। ଏମାନଙ୍କ ମଧ୍ୟରୁ ୨୦୦ ଜଣ ଦିବ୍ୟାଙ୍ଗ ଛାତ୍ରୀ ଅଛନ୍ତି। ତେବେ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ପାଇଁ ଆଶା କୌଣସି ପିଲାଙ୍କ ପାଖରୁ ଅର୍ଥ ନିଅନ୍ତି ନାହିଁ। କେବଳ ପିଲାମାନେ ତାଙ୍କ ପିତା କିମ୍ବା ଭାଇମାନଙ୍କ ଠାରୁ କୌଣସି ପ୍ରକାରର ସାହାଯ୍ୟ ନନେଇ ନିଜେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରତିଜ୍ଞା କଲେ ତାହାକୁ ଆଶା ଗୁରୁଦକ୍ଷିଣା ଭାବରେ ଗ୍ରହଣ କରନ୍ତି। ଆଶାଙ୍କ ଅନୁସାରେ ପ୍ରତି ମହିଳା ନିଜର ପୃଷ୍ଠଭୂମିକୁ ଖାତିର ନକରି ସୁରକ୍ଷା କୌଶଳର ନିୟମଗୁଡ଼ିକୁ ଜାଣିବା ସହିତ ସେଗୁଡ଼ିକୁ ବିକଶିତ କରିବା ଉଚିତ। ୨୦୨୧ରେ ଆଶାଙ୍କର ଏହି ଉପଲବ୍ଧି ପାଇଁ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗହଲୋତଙ୍କ ତରଫରୁ ରାଜ୍ୟ ସ୍ତରୀୟ ଶିକ୍ଷକ ପୁରସ୍କାର ସମାରୋହରେ ଆଶାଙ୍କୁ ସମ୍ମାନିତ କରାଯାଇଥିଲା। ୨୦୨୩ରେ ତାଙ୍କୁ ଆମ୍ବେଦକର ମହିଳା ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି। ଏହା ସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ଦିବସ ଦିନ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର ୨୦୨୩ରେ ଆଶାଙ୍କୁ ସମ୍ମାନିତ କରିଥିଲେ।

ଆଶାଙ୍କର ଏହି ପ୍ରୟାସ ପାଠ୍ୟକ୍ରମର ବିକାଶ, ସାମୁଦାୟିକ ଆଉଟ୍‌ରିଚ୍ ଓ ମହିଳା ସଶକ୍ତିକରଣ ପର୍ଯ୍ୟନ୍ତ ବ୍ୟାପିସାରିଛି। ମହିଳା ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ପାଇଁ ଆଶା ୫୦,୦୦୦ରୁ ଅଧିକ ମହିଳାଙ୍କ ସହିତ ସିଧା କଥାବାର୍ତ୍ତା କରି ଝିଅମାନଙ୍କୁ ଆତ୍ମରକ୍ଷାର ପ୍ରଶିକ୍ଷଣ ଦେଉଛନ୍ତି ଯେଉଁ କାରଣରୁ ସେମାନଙ୍କର ସୁରକ୍ଷାରେ ବୃଦ୍ଧି ହୋଇଛି। ତେବେ ତାଙ୍କର ଉଲ୍ଲେଖନୀୟ ଉପଲବ୍ଧି ମଧ୍ୟରେ ଦିବ୍ୟାଙ୍ଗ, ମୂକ-ବଧିର ଝିଅମାନଙ୍କୁ ପ୍ରଶିକ୍ଷଣ ଦେବାର ସମର୍ପଣ ଭାବନା ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ସେ ୨୫୦ ଜଣରୁ ଅଧିକ ମୂକ-ବଧିର ଝିଅଙ୍କୁ ଆତ୍ମରକ୍ଷା ଓ ମାର୍ଶାଲ୍ ଆର୍ଟରେ ପ୍ରଶିକ୍ଷଣ ଦେଇସାରିଲେଣି। ଏହା ସହିତ ହଜାର ହଜାର ଝିଅ, ଗୃହିଣୀମାନଙ୍କ ସହିତ ଉଭୟେ ପୁରୁଷ ଓ ମହିଳା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ସେ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ଏହି ସବୁ ଉପଲବ୍ଧି ପରେ ମୋର ଆତ୍ମବିଶ୍ୱାସ ଅନେକଟା ବୃଦ୍ଧି ପାଇଛି। ଏବେ ମୁଁ ମୋର ନିଜର ସୁରକ୍ଷା କରିପାରିବି ବୋଲି ମୋର ମଧ୍ୟ ବିଶ୍ୱାସ ରହିଛି ବୋଲି ଆଶା କହନ୍ତି। ତେବେ ଆତ୍ମରକ୍ଷାର ପ୍ରଶିକ୍ଷଣ ଦ୍ୱାରା ଶରୀର ପ୍ରତି ସଚେତନତା, ଜରୁରୀକାଳୀନ ପ୍ରତିକ୍ରିୟା, ପ୍ରାସଙ୍ଗିକ କାନୁନ ବିଷୟରେ ଜ୍ଞାନ ଓ ସହାୟତା ଏଜେନ୍ସି, ହେଲ୍ପ ଲାଇନ୍ ଓ ଜୀବନରକ୍ଷକ ଟେକ୍‌ନିକ୍‌ଗୁଡ଼ିକ ସମ୍ପର୍କରେ ତଥ୍ୟ ସାମିଲ ରହିଛି।

## ସୌନ୍ଦର୍ଯ୍ୟ



# ନକଲି ହୋଇପାରେ ଆଦିବାସୀ ହେୟାର୍ ଅଏଲ୍

ବଜାରରେ ଏ ସମୟରେ କେତେ ପ୍ରକାରର ହେୟାର୍ ଅଏଲ୍ ମିଳୁଛି ଯେଉଁଥିରୁ ଅନ୍ୟତମ ଆଦିବାସୀ ହେୟାର୍ ଅଏଲ୍। ପ୍ରାକୃତିକ ଜଡ଼ିବୁଟିର ମିଶ୍ରଣରେ ଏହି ତେଲ ତିଆରି ହୋଇଥାଏ। ଏହା କେଶର ଅନେକଗୁଡ଼ିଏ ସମସ୍ୟାର ସମାଧାନ କରିଥାଏ ବୋଲି ମହିଳାମାନେ କହନ୍ତି। କିନ୍ତୁ ବଜାରରେ ଏହାର ନକଲି ତେଲ ମିଳୁଛି ଯାହା ଆପଣଙ୍କ କେଶର କ୍ଷତି କରିପାରେ। ସୋସିଆଲ୍ ମିଡିଆରେ ଏହି ତେଲର ବିଜ୍ଞାପନ ଆପଣମାନେ ଦେଖୁଥିବେ ଓ ପ୍ରମୋଟ କରୁଥିବା ସେଲେବ୍ସ ଏହି ତେଲକୁ କେଶ ପାଇଁ ସଞ୍ଜିବନୀ ବୁଟି ବୋଲି କହିବାର ଶୁଣୁଥିବେ। ସେଥିପାଇଁ ଘରେ କିଛି ପ୍ରାକୃତିକ ଜିନିଷ ସାହାଯ୍ୟରେ ଆଦିବାସୀ ହେୟାର୍ ଅଏଲ୍ ତିଆରି କରିପାରିବେ। ଘରେ ତିଆରି କରିଥିବା ତେଲ କେବଳ କେଶ ଝଡ଼ିବା ଯେ ରୋକିପାରିବ ତାହା ନୁହେଁ ରୁପି ସମସ୍ୟାରୁ ମଧ୍ୟ ମୁକ୍ତି ଦେବ।

**ଆବଶ୍ୟକ ସାମଗ୍ରୀ**-ନଡ଼ିଆ ତେଲ, ମେଥି ଦାନା, ଭୃଙ୍ଗରାଜ ପତ୍ର, ଅଁଳା, ନିମ୍ବ ପତ୍ର, ବ୍ରାହ୍ମୀ, ଭିଟାମିନ୍-ଇ କ୍ୟାପ୍‌ସୁଲ୍।

ପ୍ରଣାଳୀ-ପ୍ରଥମେ ମେଥି ଦାନା, ଭୃଙ୍ଗରାଜ ପତ୍ର, ଅଁଳା, ନିମ୍ବ ପତ୍ର ଓ ବ୍ରାହ୍ମୀକୁ ଧୋଇ ଶୁଖେଇଦେବେ। ପରେ ଏସବୁକୁ ମିଶାଇ ମିକ୍ସିରେ ପାଉଡର୍ କରି ଦିଅନ୍ତୁ। ଏକ ପ୍ୟାନ୍‌ରେ ନଡ଼ିଆ ତେଲ ଢ଼ାଳି ଗରମ କରିବେ। ଗରମ ତେଲରେ ଜଡ଼ିବୁଟିର ପାଉଡର୍ ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ। ଯଦି ଭିଟାମିନ୍-ଇ କ୍ୟାପ୍‌ସୁଲ୍‌ର ବ୍ୟବହାର କରିବାକୁ ଚାହୁଁଥିବେ ତେବେ ଏଥିରେ କ୍ୟାପ୍‌ସୁଲ୍‌କୁ ଭାଙ୍ଗି ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଥଣ୍ଡା କରି କାଚ ବୋତଲରେ ଭରି ରଖିବେ।

**କିପରି ବ୍ୟବହାର କରିବେ**- ଆଦିବାସୀ ତେଲକୁ ସପ୍ତାହରେ ଦୁଇ ଥର କେଶ ଓ ସ୍କାଲ୍‌ପରେ ମାଲିସ୍ କରିବେ। ଏହି ତେଲକୁ ରାତିସାରା ଲଗାଇ ସକାଳୁ ମୁଣ୍ଡ ସାମ୍ପୁ କରିଦେବେ। ଲାଭ-କେଶ ଝଡ଼ିବା ହ୍ରାସ ପାଇବ, କେଶ ମୂଳ ମଜଭୁତ ହେବ, ରୁପି ଦୂର କରିବ, କେଶକୁ ନରମ ଓ ଚମକଦାର କରିବ, ପ୍ରାକୃତିକ ଉପାୟରେ କେଶକୁ ତେଲ ପ୍ରଦାନ କରିବ।

**ଧ୍ୟାନ ରଖନ୍ତୁ**-ନିଜ ପସନ୍ଦ ଅନୁସାରେ କେଶ ସମ୍ବନ୍ଧୀୟ ଆବଶ୍ୟକ ଅନ୍ୟ ଜଡ଼ିବୁଟିର ମଧ୍ୟ ବ୍ୟବହାର କରିପାରିବେ। ଏହି ତେଲକୁ ଫ୍ରିଜରେ ରଖି ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର କରିହେବ। ତେବେ କିଛି ଅଧିକ ସମସ୍ୟା ହେଲେ ବିଶେଷଜ୍ଞଙ୍କର ପରାମର୍ଶ ନିଅନ୍ତୁ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: କୌଣସି ଅଭିନ୍ନ ମିତ୍ରଙ୍କ ସହିତ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ ନୂଆ ମିତ୍ର ମିଳିବେ। ବ୍ୟାପାରରେ ସାଥିର ସହଯୋଗ ପାଇବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ। ରାଜନୀତିରେ ବର୍ଚ୍ଚସ୍ୱ ବଢ଼ିବ।

**ବୃଷ**: କାରାବାସରୁ ମୁକ୍ତି ମିଳିବ। ପୁରୁଣା ମକଦ୍ଦମାରେ ବିଜୟୀ ହେବେ। ବ୍ୟାପାରରେ ନୂଆ ଅନୁବନ୍ଧ ହେବ। ବ୍ୟାପାରିକ ଯାତ୍ରାରେ ଯାଇପାରନ୍ତି। ଭୂମି, ବାହନ ଆଦିରୁ ଧନ ଲାଭ ହେବ। ବେରୋଜଗାରଙ୍କୁ ରୋଜଗାର ମିଳିବ।

**ମିଥୁନ**: ଆପଣଙ୍କ ପ୍ରଭାବ ବୃଦ୍ଧି ହେବ। ପଦୋନ୍ନତି ସହିତ ଦାୟିତ୍ୱ ବଢ଼ିବ। ବ୍ୟାପାରରେ ଉନ୍ନତି ଯୋଗ ରହିଛି। ରୋଜଗାରର ତଲାସ ପୂରା ହେବ। ରାଜନୀତିରେ ନୂଆ ସହଯୋଗୀ ଲାଭକାରୀ ସିଦ୍ଧ ହେବେ।

**କର୍କଟ**: ଅକାରଣ ବାଦବିବାଦ ହୋଇପାରେ। ବ୍ୟାପାରରେ ବିଘ୍ନ ଦୂର ହେବ। ମାର୍ଗରେ ବାହନ ସମସ୍ୟା ହେବ। ନୂଆ କାମ ଆରମ୍ଭ କରିପାରନ୍ତି। ଅନିଚ୍ଛା ସତ୍ତ୍ୱେ ଯାତ୍ରା କରିପାରନ୍ତି। ଆର୍ଥିକ ସ୍ଥିତି ଦୁର୍ବଳ ରହିବ।

**ସିଂହ**: ଅପମାନ ବା ମାନହାନି ହୋଇପାରେ। ବ୍ୟାପାରରେ ଆମଦାନୀ କମ୍ ହେବ। ମିତ୍ରଙ୍କ ସହିତ ସାକ୍ଷାତ ହୋଇପାରେ। ରାଜନୀତିରେ ସକ୍ରିୟତା ବଢ଼ିବ। ମଧୁରବାଣୀ ଓ ସରଳ ବ୍ୟବହାର ପାଇଁ ପ୍ରଶଂସା ମିଳିବ।

**କନ୍ୟା**: ଅନିଚ୍ଛା ସତ୍ତ୍ୱେ ଯାତ୍ରା କରିବାକୁ ପଡ଼ିପାରେ। କାର୍ଯ୍ୟ ବିଳମ୍ବ ଯୋଗ ରହିଛି। ରୋଜଗାର ତଲାଶ ଜାରି ରହିବ। ବିଦେଶ ଯାତ୍ରା ଯୋଗ ରହିଛି। ଷଡ଼ଯନ୍ତ୍ରରେ କେହି ଫସାଇପାରେ।

**ତୁଳା**: ଚାକିରିରେ ପଦୋନ୍ନତି ଯୋଗ ରହିଛି। କମ୍ପାନୀ ଲୋକଙ୍କ ପାଇଁ ଶୁଭ ସମାଚାର ମିଳିବ। ରାଜନୀତିରେ ପଦ ପ୍ରାପ୍ତ କରିପାରନ୍ତି। କୋର୍ଟ କଚେରି ମାମଲାରେ ନିର୍ଣ୍ଣୟ ଆପଣଙ୍କ ପକ୍ଷରେ ଯିବ। ଖେଳକୁଦରେ ସଫଳତା ଓ ସମ୍ମାନ ମିଳିବ।

**ବିଛା**: ଆଜି ଦିନଟି ସୁଖ ଓ ଉନ୍ନତିଦାୟକ ରହିବ। ଅଟକିଥିବା କାମ ସମ୍ପୂର୍ଣ୍ଣ ହେବ। ଅଧିକ ପରିଶ୍ରମ ଲାଭ ଦେବ। ଭୂମି, ବାହନ ଆଦି କ୍ରୟ ବିକ୍ରୟ ପାଇଁ ସମୟ ଅନୁକୂଳ। ନୂଆ ସମ୍ପତ୍ତି କିଣିପାରନ୍ତି।

**ଧନୁ**: ରୋଜଗାର ମିଳିପାରେ। ନୂଆ ଉଦ୍ୟୋଗ ଆରମ୍ଭ କରିପାରନ୍ତି। ଚାକିରି ମିଳିବାର ସମ୍ଭାବନା ରହିଛି। ଦୁଗ୍ଧ ବ୍ୟାପାରୀଙ୍କୁ ସଫଳତା ମିଳିବ। ପଦୋନ୍ନତି ଯୋଗ ରହିଛି। ବିଦେଶ ଯିବାର ଅବସର ପାଇବେ।

**ମକର**: କାର୍ଯ୍ୟକ୍ଷେତ୍ର ସଂଘର୍ଷପୂର୍ଣ୍ଣ ରହିବ। ଏହାର ପ୍ରଭାବ ପ୍ରତିକୂଳ ହୋଇପାରେ। ବୁଦ୍ଧି ବିବେକ ଦ୍ୱାରା କାମ କରନ୍ତୁ। ଅନ୍ୟ ଉପରେ ନିର୍ଭର ନକଲେ ଭଲ। ସମାଜରେ ମାନ-ପ୍ରତିଷ୍ଠା ପ୍ରତି ସଜାଗ ରହିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ରହିବ।

**କୁମ୍ଭ**: କୌଣସି ଶୁଭ ସମାଚାର ପାଇବେ। ପଦୋନ୍ନତି ସହିତ ଇଚ୍ଛା ମୁତାବକ ସ୍ଥାନ ପାଇବେ। ନୂଆ କାର୍ଯ୍ୟ ଯୋଜନା ଆରମ୍ଭ ହୋଇପାରେ। ଅନାବଶ୍ୟକ ବାଦ ବିବାଦ ଠାରୁ ଦୂରରେ ରହିଲେ ଭଲ। ଅଟକିଥିବା କାମ ପୂରା ହେବ।

**ମୀନ**: ସନ୍ତାନ ପକ୍ଷରୁ ଶୁଭ ସମାଚାର ମିଳିବ। ନୂଆ ମିତ୍ର ମିଳିବେ। ବୌଦ୍ଧିକ କାର୍ଯ୍ୟରେ ସଫଳତା ଓ ସମ୍ମାନ ମିଳିବ। ବ୍ୟାପାରରେ ଆୟ ବୃଦ୍ଧି ପାଇଁ ପ୍ରୟାସ ସଫଳ ରହିବ। ମିତ୍ରଙ୍କ ସହିତ ମତଭେଦ ହୋଇପାରେ।

ନିତିଦିନ NITIDIN



# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା ଦାବି



**ବାରିପଦା,୪।୯/ଏନ୍ଏନ୍ଏସ୍:** ନବ ଓଡ଼ିଶାର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜର ପୂର୍ବତନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମଦିନ ଡିସେମ୍ବର ୧୭ ତାରିଖକୁ ସରକାରୀ ଛୁଟି ଘୋଷଣା କରାଯିବା ନିମନ୍ତେ ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହିପରି ଜିଲ୍ଲାର ଜନ ପ୍ରତିନିଧି ଭାବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କୁ ମଧ ଦାବିପତ୍ର ଡାକ ଯୋଗେ ପ୍ରଦାନ କରାଯାଇଛି । ମୟୂରଭଞ୍ଜର ସାଧାରଣ ଜନତା ଦୀର୍ଘ ବର୍ଷ ହେବ ମହାରାଜାଙ୍କ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା କରାଯିବା ପାଇଁ ଦାବି କରି ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି । ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସଂଗଠନ ସମ୍ପାଦକ ପିତାମ୍ବର ମଲ୍ଲିକ, ଆଇନଜୀବୀ ଅରବିନ୍ଦ ଦାସ, ସତ୍ୟବାନ ପାଲ, ଲିଙ୍ଗରାଜ ମିଶ୍ର, ପ୍ରଦୀପ କୁମାର ପଲେଇ, ଅରୁଣ କୁମାର ମହାପାତ୍ର, ଇନ୍ଦୁମତି ମହାନ୍ତି ଓ ଲୋକନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧାରୁ ଅଚଳହେଲା ମେସିନ୍

# ସୁଭଦ୍ରା ଯୋଜନା ପାଇଁ ଆବେଦନ କରିବାକୁ ଆସି ଶତାଧିକ ହନ୍ତସନ୍ତ



**କାମାକ୍ଷାନଗର,୪।୯/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ପାଇଁ ଆଧାର କେନ୍ଦ୍ରରେ ଜମୁଛି ଭିଡ଼ । ଆଧାର କାର୍ଡ ସହ ବ୍ୟାଙ୍କ ପାସବୁକ ଲିଙ୍କ, ବାୟୋମେଟ୍ରିକ ପାଇଁ ଲମ୍ବାଧାଡ଼ିରେ ଲାଇନ୍‌ରେ ଛିଡ଼ା ହୋଇଥିଲେ ଲୋକ । କିନ୍ତୁ ଅଧାରୁ ଖରାପ ହେଲା ଆଧାରକେନ୍ଦ୍ର ମେସିନ୍ । ଫଳରେ କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟକୁ ସୁଭଦ୍ରା ଯୋଜନା ପାଇଁ ଆଧାର ଲିଙ୍କ କରିବାକୁ ଆସି ନିରାଶ ହୋଇ ଫେରିଛନ୍ତି ଦୂରଦୂରାନ୍ତର ମହିଳା । ସକାଳୁ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ାହୋଇ ଶତାଧିକ ଲୋକ ବିରକ୍ତି ଭାବ ପ୍ରକାଶ କରି ନିରାଶର ସହ ଫେରିଛନ୍ତି ।

କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଆଧାରକେନ୍ଦ୍ର ଉପରେ କାମାକ୍ଷାନଗର ବ୍ଲକ ସମେତ ପଡ଼ୋଶୀ କଙ୍କଡାହାଡ଼ ବ୍ଲକର ଅନେକ ପଞ୍ଚାୟତ ନିର୍ଭର କରୁଛନ୍ତି । ହଠାତ୍ ମେସିନ୍ ଖରାପ ଯୋଗୁଁ ଲୋକେ ହନ୍ତସନ୍ତ ହୋଇଛନ୍ତି । ସକାଳୁ ଅଖିଆଅପିଆ ତଥା ନିଜ ଜରୁରୀକାମ ଛାଡ଼ି ଆଧାର ଲିଙ୍କ୍ ପାଇଁ ଆସିଥିବା ମହିଳାମାନେ ଅସୁବିଧାର ସାମ୍ନା କରିଥିବା କହିଛନ୍ତି । ସେହିପରି ସରକାର ଆଧାର ଲିଙ୍କ ପାଇଁ କୌଣସି ଟଙ୍କା ଦେବା ପାଇଁ ବିଧିବଦ୍ଧ ଭାବେ ମନା କରିଥିଲେ ମଧ ଆଧାର କେନ୍ଦ୍ରରେ ୧୫୦ ଟଙ୍କା ନିଆଯାଉଥିବା ଅଭିଯୋଗ କରିଛନ୍ତି ଲୋକେ । ଆଧାର କେନ୍ଦ୍ରରେ ଅବ୍ୟବସ୍ଥା ଖବର ପାଇ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ମେସିନ ସଜାଡ଼ିବା ସହ ଆଧାରଲିଙ୍କ୍ କାର୍ଯ୍ୟରେ ସହଯୋଗ ପାଇଁ ଲୋକମାନଙ୍କୁ ବୁଝାସୁଝା କରାଇଥିଲେ ।

# ପ୍ରେମରେ ପ୍ରତାରଣା, ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ



**ସୋର,୪।୯/ଏନ୍ଏନ୍ଏସ୍:** ପ୍ରେମରେ ଧୋକ୍କା ଖାଇ ଆତ୍ମହତ୍ୟା ଉଦ୍ୟମ କରି ଜଣେ ଯୁବକ ହାତ କାଟି ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସୂଚନା ଆନୁସାରେ, ଖଇରା ଥାନା ଅଞ୍ଚଳର ରଞ୍ଜନ ତ୍ରିପାଠୀ (୨୭) ଗତ ୪ ବର୍ଷ ତଳେ ମୁମ୍ବାଇରେ କାମ କରୁଥିବା ବେଳେ ଭଦ୍ରକ ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ଗତ କିଛି ଦିନ ତଳେ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା । ଆଜି ସନ୍ଧ୍ୟାରେ ରଞ୍ଜନ ବାଲେଶ୍ୱରରୁ ଫେରିବାବେଳେ ବାରିକପୁର ନିକଟରେ ମାନସିକ ଭାରସାମ୍ୟ ହରାଇ ଏକ ନୂଆ ବ୍ଲେଡ୍ କିଣି ହାତକୁ ବାରମ୍ବାର କାଟିଥିଲେ । ଏହା ଦେଖି ସାଙ୍ଗରେ ଥିବା ଅନ୍ୟ ଦୁଇଜଣ ବନ୍ଧୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି ।

# ନୂତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



**ଯାଜପୁର,୪।୯/ଏନ୍ଏନ୍ଏସ୍:** ସୋମବାର ପୂର୍ବାହ୍ନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାମିନୀ ରଞ୍ଜନ ପଟ୍ଟନାୟକ ଯାଜପୁରରେ ଯୋଗଦାନ କରିଛନ୍ତି । ଶ୍ରୀ ପଟ୍ଟନାୟକ ପୂର୍ବରୁ ଜଗତସିଂହପୁର ଜିଲ୍ଲାରେ ଭରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଶ୍ରୀ ପଟ୍ଟନାୟକ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ନିଜ ଯୋଗଦାନ ପତ୍ର ପ୍ରଦାନ କରିଥିଲେ । ପରେ ସେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକୃଷ୍ଣ ଜେନା, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥି ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସାକ୍ଷାତ କରିଥିଲେ । ସଂସ୍କୃତି ଅଧିକାରୀ ସୋନାଲୀ ବେହେରା ଶ୍ରୀ ପଟ୍ଟନାୟକଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

# ସୁଭଦ୍ରା ଫର୍ମ ନିଅଣ୍ଟ ଆଶଙ୍କା

**ଭଣ୍ଡାରିପୋଖରୀ,୪।୯/ଏନ୍ଏନ୍ଏସ୍:** ଆସନ୍ତା ୪ତାରିଖ ଦିନ ସୁଭଦ୍ରା ଯୋଜନା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ଭଣ୍ଡାରିପୋଖରୀ ବ୍ଲକର ଆଶାୟୀ ହିତାଧିକାରୀମାନେ ଏବେ ଯୋଜନାରେ ସାମିଲ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଆଶାୟୀ ହିତାଧିକାରୀମାନେ ମୋବାଇଲରେ ଆଧାର ସଂଯୋଗ ପାଇଁ ଆଧାର କେନ୍ଦ୍ରକୁ ଦୌଡୁଛି ତ ପୁଣି କିଏ ଜମା ଖାତା ଠିକ୍ କରିବା ପାଇଁ ବ୍ୟାଙ୍କ ଦୌଡୁଛନ୍ତି । ବିଭିନ୍ନ ସ୍ଥାନକୁ ପ୍ରଶାସନ ପକ୍ଷରୁ ସୁଭଦ୍ରା ଫର୍ମ ପଠାଇ ଦିଆଯାଇଛି । ବ୍ଲକ ଅଞ୍ଚଳର ୪୫ହଜାର ମହିଳା ଏହି ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କୁ ଜଣାଯାଇଥିଲା । ବିଶେଷ କରି ୨୧ରୁ ୬୦ବର୍ଷର ବିବାହିତ ମହିଳାମାନେ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ନିର୍ଦ୍ଦେଶ ରହିଥିଲା । ଏହି ହିସାବରେ ଆବଶ୍ୟକୀୟ ଫର୍ମ ସରକାର ଯୋଗାଇ ଦେଇଥିଲେ । ବ୍ଲକ ଅଧିନସ୍ଥ ୨୪୦ଗୋଟି ଅଙ୍ଗନବାଡିରେ ଫର୍ମ ଉପଲବ୍ଧ ହେଉଥିବା ବେଳେ ଆବେଦନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଏବେ ଆକଳନ ହେଉଛି । ତେଣୁ ଯେତିକି ଫର୍ମ ଆସିଛି ତାହା ସମସ୍ତ ହିତାଧିକାରୀ ପାଇବା ସମ୍ଭବ ନୁହେଁ । ତେଣୁ ଆବଶ୍ୟକ ଅନୁଯାୟୀ ସରକାରଙ୍କୁ ପୁଣି ପ୍ରଶାସନ ଫର୍ମ ପାଇଁ ଦିନେ ଦୁଇଦିନ ମଧ୍ୟରେ ତଥ୍ୟ ପ୍ରଦାନ କରିବେ । ଏହି ଯୋଜନାର ସଫଳ ରୂପାୟନ ପାଇଁ ବିଡିଓଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀମାନେ ପରିଚାଳନା ପାଇଁ ରହିଛନ୍ତି । ଏହାଛଡ଼ା ମିଶନ ଶକ୍ତି ବିଭାଗ ଅଧିକାରୀ ବିଭିନ୍ନ ଜନସେବା କେନ୍ଦ୍ର ପରିଦର୍ଶନ କରି ଅନ୍‌ଲାଇନ୍‌ରେ କେଉଁଠି ସୁବିଧା ଅସୁବିଧା ଦେଖା ଦେଉଛି ତାହାକୁ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ନାଆମୀ କଂଗ୍ରେସ ସଭାପତିଙ୍କ ପରଲୋକ

**ଭଣ୍ଡାରିପୋଖରୀ,୪।୯/ଏନ୍ଏନ୍ଏସ୍:** ଭାରତୀୟ ଜାତୀୟ କଂଗ୍ରେସ ନାଆମୀ ପଞ୍ଚାୟତ ଶାଖାର ସଭାପତି ଦୁଃଖିଶ୍ୟାମ ବିଶ୍ୱାଳଙ୍କର ମଙ୍ଗଳବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କର ୫୯ ବର୍ଷ ବୟସ ହୋଇଥିଲା । ସେ ଗତ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ବୁଧବାର ସକାଳେ ତାଙ୍କ ନାଆମୀ ସ୍ଥିତ ବାସଭବନରେ ମରଦେହ ପହଞ୍ଚିବା ପରେ କଂଗ୍ରେସ କର୍ମୀ, ସ୍ଥାନୀୟ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏକ ଶୋଭାଯାତ୍ରାରେ ତାଙ୍କ ମରଦେହକୁ ମଞ୍ଜୁରୀରୋଡ଼ ବଜାର ସମେତ ନାଆମୀ ଅଞ୍ଚଳ ପରିକ୍ରମା କରାଯିବା ପରେ ଅନ୍ତିମସଂସ୍କାର କରାଯାଇଥିଲା । ପୁତ୍ର ଦୟାନିଧି ମୁଖାଗ୍ନି ପ୍ରଦାନ କରିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି



**ବାରିପଦା,୪।୯/ଏନ୍ଏନ୍ଏସ୍:** ଦୀର୍ଘ ବର୍ଷର ଆନ୍ଦୋଳନ ପରେ ୧୯୯୮ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ଆଦିବାସୀ ଅଞ୍ଚଳରେ ପ୍ରଥମ କରି ବାରିପଦାରେ ପ୍ରତିଷ୍ଠିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ (ବର୍ତ୍ତମାନର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ) ରାଜ୍ୟର ଚତୁର୍ଥ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହି ବିଶ୍ୱ ବିଦ୍ୟାଳୟ ଦୀର୍ଘ ୨୬ବର୍ଷ ପରେ ମଧ ସ୍ୱୟଂ ସମ୍ପୂର୍ଣ୍ଣ ହେବା ଆଶା ମଉଳି ଯାଇଛି । କାରଣ ଅଦ୍ୟାବଧି ଏହି ବିଶ୍ୱବିଦ୍ୟାଳୟକୁ ରାଜନୀତି ଫାଇଦା ପାଇଁ ବାରମ୍ବାର ପକ୍ଷ ଛେଦନ କରାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟରେ ରହିଥିବା ବାସ୍ତବ ସମସ୍ୟାକୁ ସମାଧାନ କରିବାକୁ ଉଦ୍ୟମ କରାଯାଉ ନଥିବା ଅଭିଯୋଗ ହୋଇଆସୁଛି । ଏଣୁ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିତୋଳିବା ପାଇଁ ଆଜି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଯଥାଶୀଘ୍ର ଖାଲି ଥିବା ପଦବୀଗୁଡ଼ିକ ପୂରଣ କରାଯିବା, ଅତି କମ୍‌ରେ ୫୦ଟି ନୂତନ ଅଣଶିକ୍ଷକ ପଦବୀ ସୃଷ୍ଟି କରି ନିଯୁକ୍ତି ପ୍ରଦାନ କରାଯିବା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ୨ୟ କ୍ୟାମ୍ପସରୁ ଧରଣୀଧର ବିଶ୍ୱବିଦ୍ୟାଳୟକୁ ଯାଇଥିବା ବିଭାଗଗୁଡ଼ିକୁ ଫେରସ୍ତ ସହ ଦ୍ୱିତୀୟ କ୍ୟାମ୍ପସ ନାମରେ ଖର୍ଚ୍ଚ ହୋଇଥିବା ୭୦କୋଟି ଟଙ୍କାକୁ ସରକାର ବର୍ତ୍ତମାନ ବାରିପଦା ସ୍ଥିତ କ୍ୟାମ୍ପସକୁ ଭରଣା କରାଯିବା, ନାକ୍ ଟିମ୍ ଦ୍ୱାରା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଏ ଗ୍ରେଡ଼ ପାଇଥିବା ସତ୍ତ୍ୱେ ଦୂର ଓ ନିରନ୍ତର ଶିକ୍ଷା ପାଇଁ ସ୍ଥାୟୀ ଶିକ୍ଷକ ପଦବୀ ନଥିବାରୁ ନାମଲେଖା ପାଇଁ ଅନୁମତି ମିଳିପାରୁନାହିଁ । ଏଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବା, ମୟୂରଭଞ୍ଜର ଆଦିମ ଜନଜାତି ମାଙ୍କଡ଼ିଆ, ଖଡ଼ିଆ, ବାଥୁଡି ପ୍ରମୁଖଙ୍କ ପାଇଁ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନଗ୍ରୀଡ଼ ସୋଲାର୍ ଲାଇଟ୍ ବ୍ୟବସ୍ଥା କରାଯିବା ଆଦି ଦାବି କରାଯାଇଛି ।

# ପରଲୋକରେ ସୋର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ବରିଷ୍ଠ ମୋହରିର

**ସୋର,୪।୯/ଏନ୍ଏନ୍ଏସ୍:** ସୋର ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ମୋହରିର ଖନ୍ତାପଡ଼ା ପଦାଗାଁ ଗ୍ରାମର ନିଶାକର ଦାସଙ୍କର ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଗତ ୧୯୭୦ ମସିହାଠାରୁ ସୋର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମୋହରିର ଭାବେ କାର୍ଯ୍ୟ କରୁଥିବା ବେଳେ ଆଜି କାର୍ଯ୍ୟାଳୟକୁ ଆସୁଥିବା ବେଳେ ଘରେ ଦେହ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ବାଲେଶ୍ୱର ସ୍ଥିତ ଜ୍ୟୋତି ହସ୍‌ପିଟାଲରେ ଭର୍ତ୍ତି କରି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ହଠାତ ତାଙ୍କର ହୃଦ୍‌କ୍ରିୟା ବନ୍ଦ ହୋଇଯାଇଥିଲା ।



ତାଙ୍କ ବିୟୋଗରେ ସୋର ସବରେଜିଷ୍ଟ୍ରାର୍ ମଧୁରୀ ବେହେରା, ବରିଷ୍ଠ କିରାଣୀ ବିଦ୍ୟାଧର ଜେନା, କାର୍ଯ୍ୟାଳୟର କର୍ମଚାରୀ ଏବଂ ମୋହରିର ରମାକାନ୍ତ ନାୟକ, ଗଣେଶ ପ୍ରସାଦ ବେହେରା, ବାରେନ୍ଦ୍ର ଜେନା, କାଶୀନାଥ ନାୟକ ଓ ଦାମୋଦର ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଥିଲେ ।

## ସୁଭଦ୍ରା ଯୋଜନା ପାଇଁ ଜନସେବା କେନ୍ଦ୍ରରେ ଅସମ୍ଭାଳ ଭିଡ଼

# ଆଧାରରେ ଫୋନ ନମ୍ବର ସଂଯୋଗ ପାଇଁ ୩ ଶହ ଟଙ୍କା



**ତାଲଚେର,୪।୯/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଦରଖାସ୍ତ ଆବେଦନ ପାଇଁ ତାଲଚେର ଅଞ୍ଚଳରେରେ ରହିଥିବା ଜନସେବା କେନ୍ଦ୍ରରେ ମହିଳାମାନଙ୍କର ଅସମ୍ଭାଳ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି । ଏହି ଯୋଜନାରେ ଦରଖାସ୍ତ ଆବେଦନ କରିବାକୁ ହେଲେ ହିତାଧିକାରୀଙ୍କୁ ସେମାନଙ୍କ ଆଧାର ନଂ- ମୋବାଇଲ ନଂ ସଂଯୁକ୍ତ ହେବା ଆବଶ୍ୟକ । ଯେଉଁ ମହିଳାଙ୍କ ଆଧାର ସହ ଫୋନ ନମ୍ବର ସଂଯୋଗ ହୋଇନି ଏହି କାର୍ଯ୍ୟ କରିବାକୁ ସେମାନେ ଜନସେବା କେନ୍ଦ୍ରଗୁଡ଼ିକରେ ଭିଡ଼ ଜମାଉଛନ୍ତି । ତେବେ ଗୋଟିଏ ଆଧାର ନମ୍ବରରେ ଫୋନ୍ ନମ୍ବର ସଂଯୋଗ କରିବା ପାଇଁ ଜନସେବା କେନ୍ଦ୍ର ପକ୍ଷରୁ ଶହେରୁ ୩ଶହଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି ଓ ଏହି ପ୍ରାପ୍ୟ ପାଇଁ ରସିଦ୍ ପ୍ରଦାନ କରାଯାଉ ନାହିଁ । ଉଭୟ ସରକାର ଗରିବ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଜନସେବା କେନ୍ଦ୍ର ସେମାନଙ୍କୁ ଶୋଷଣ କରୁଛନ୍ତି । ତାଲଚେର ଟାଉନ୍‌ଠାରୁ ଆରମ୍ଭ କରି ହାଟତୋଟା, ଶର୍ମାଛକ, କଚେରୀ ସାମ୍ନା, ବ୍ଲକ କାର୍ଯ୍ୟାଳୟ, ହାଣ୍ଡିଧୁଆଁ ସମେତ ଅଧିକାଂଶ ଗାଁ ଗଣ୍ଡାରେ ମହିଳାଙ୍କ ଭିଡ଼ ମହିଳାଙ୍କୁ ଯେତିକି କଷ୍ଟ ପ୍ରଦାନ କରୁନାହିଁ ସେମାନଙ୍କ ଠାରୁ ନିଆଯାଉଥିବା ଟଙ୍କା ଓ ଘରଦ୍ୱାରା ଛୁଆପିଲାଙ୍କୁ ଛାଡ଼ି ଦିନ ତମାମ୍ ଖରାତରାରେ ଲାଇନ୍‌ରେ ଛିଡ଼ା ହୋଇ ଅପେକ୍ଷା କରିବା ଅତ୍ୟନ୍ତ ଦୁଃଖ ଦାୟକ ବୋଲି ମହିଳାମାନେ ଏହା ପ୍ରକାଶ କରିଛନ୍ତି । ଏପରିକି ଉକ୍ତ କେନ୍ଦ୍ରଗୁଡ଼ିକ ପକ୍ଷରୁ ମହିଳାମାନଙ୍କୁ ପାନୀୟଜଳ ଟୋପେ ଯୋଗାଇ ନଦେବା ପରିତାପର ବିଷୟ ହୋଇଛି । ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିଜେପିର ସଦସ୍ୟତା ଅଭିଯାନ




**କେନ୍ଦୁଝର,୪।୯/ଏନ୍ଏନ୍ଏସ୍:** ସାରା ଭାରତରେ ଆରମ୍ଭ ହୋଇଛି ବିଜେପିର ସଦସ୍ୟତା ଅଭିଯାନ । ପ୍ରଧାନମନ୍ତ୍ରୀଙ୍କ ସଦସ୍ୟତା ଗ୍ରହଣ ପରେ ଓଡ଼ିଶା ପ୍ରଦେଶରେ ମଧ ମୁଖ୍ୟମନ୍ତ୍ରୀଙ୍କୁ ସଦସ୍ୟତା କରାଇଥିଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେହିପରି କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟଠାରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲାରେ କିଭଳି ସଦସ୍ୟତା ଅଭିଯାନର ରୂପରେଖ ରହିବ ଏବଂ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରାଯିବ ସେନେଇ ସୂଚନା ଦେଇଛନ୍ତି ସାଂସଦ ଅନନ୍ତ ନାୟକ । ଜିଲ୍ଲାର ପ୍ରତି ବୁଥ୍‌ରୁ ଆରମ୍ଭକରି ଜିଲ୍ଲା ପର୍ଯ୍ୟନ୍ତ କିଭଳି ସଦସ୍ୟତା କାର୍ଯ୍ୟକ୍ରମକୁ ସଫଳ କରାଯିବ ସେ ସମ୍ବନ୍ଧରେ ବୁଥ୍ କମିଟିରୁ ଜିଲ୍ଲା କମିଟିର ଏକ କର୍ମଶାଳା ହୋଇଯାଇଥିବା କହିଛନ୍ତି ସାଂସଦ ଅନନ୍ତ ନାୟକ । ବର୍ତ୍ତମାନ ବିଜେପି ସର୍ବାଧିକ ସଦସ୍ୟତା ବିଶିଷ୍ଟ ରାଜନୈତିକ ଦଳର ହୋଇସାରିଛି । ପୂର୍ବ ସଦସ୍ୟତା କାର୍ଯ୍ୟକ୍ରମରେ ଦଳ ଓଡ଼ିଶାରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟ କରି ରାଜ୍ୟରେ ସରକାର ଗଢ଼ିବାରେ ସଫଳ ହୋଇପାରିଛି, ତେଣୁ ବିଜେପିରେ ସଦସ୍ୟତା ହିଁ ସଂଗଠନ ବୋଲି କହିଛନ୍ତି ସାଂସଦ ଅନନ୍ତ ନାୟକ । ଜିଲ୍ଲାରେ ସଂଗଠନର ସଦସ୍ୟତା ପ୍ରଥମ ପର୍ଯ୍ୟାୟରେ ଗତ ୨ ତାରିଖରଠାରୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ରେ ସାଂସଦଙ୍କ ସହିତ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କେନ୍ଦୁଝର ଲୋକସଭା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜବରଦଖଲ ଉଚ୍ଛେଦ ଦାବି

**ମୁଷାଟିକିରି,୪।୯/ଏନ୍ଏନ୍ଏସ୍:** ବରୀ ତହସିଲ ବାଲିଆ ସର୍କଲ ବାଲିଆ ଗ୍ରାମ ରାସ୍ତାଘାଟ, ହାଟପେଣ୍ଠକୁ ଜବରଦଖଲ ।ରୀ ନିଜ ଅକ୍ତିଆରରେ ରଖିଛନ୍ତି । ଅନାବାଦି ଗୋଚର ଜମି, ସର୍ବସାଧାରଣ ରାସ୍ତାକୁ ମାଡ଼ିବସିବା ଫଳରେ ଗମନାଗମନ କ୍ଷେତ୍ର ରେ ସବୁ ସମୟରେ ଅଚଳାବସ୍ଥା ଲାଗିରହୁଛି । ବାରମ୍ବାର ବିଭାଗୀୟ ରାଜସ୍ୱ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ଫଳ ମିଳୁନାହିଁ । ଅଭିମନ୍ୟୁ ସାମନ୍ତ ସିଂହାର କଲେଜ ଛକଠାରେ ଅନାବାଦି କିସମ ଜମିରେ ଶତାଧିକ ବେଆଇନ ଘର ନିର୍ମାଣ, ବାଲିଆ ହାଟ ଛକରୁ ମା' ଜଞ୍ଜାଳୀ ସର୍ଭିସିଂ ସେଣ୍ଟର ପର୍ଯ୍ୟନ୍ତ ଘର ନିର୍ମାଣ ଓ ରାସ୍ତା ଅବରୋଧ ହୋଇଥିବାରୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବରୀ ତହସିଲଦାର ବେଆଇନ ଜବରଦଖଲମାନଙ୍କୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଦାବି ହେଉଛି । ଏହି ରାସ୍ତାରେ ଗୋଳକୁଣ୍ଡ, ସ୍ୱାଇଁ ଖଣ୍ଡ ବାଲିଆ, ଇଶାଣପୁର, ଧାରପୁର, ସାହୁପଡ଼ା ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି ।

# ଅଘୋଷିତ ବିଦ୍ୟୁତ୍‌କାଟ, ଜନଜୀବନ ଅସ୍ତବ୍ୟସ୍ତ

**ଜଗତସିଂହପୁର,୪।୯/ଏନ୍ଏନ୍ଏସ୍:** ଜଗତସିଂହପୁର ଟାଟା ବିଦ୍ୟୁତ ବିଚାରାଧିନ ଆଳିପିଙ୍ଗଳ ଫଡର୍‌ରେ ବାରମ୍ବାର ଦୈନନ୍ଦିନ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ କାଟ ହେଲେ ଟାଟା ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ପୂର୍ବରୁ ବିଦ୍ୟୁତ ଉପଭୋକ୍ତାଙ୍କୁ ଅବଗତ କରିବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି । କିନ୍ତୁ ଟାଟା କର୍ତ୍ତୃପକ୍ଷ ଦୈନନ୍ଦିନ ୫ଘଣ୍ଟାରୁ ୬ଘଣ୍ଟା ପର୍ଯ୍ୟନ୍ତ ମନମୁଖୀ ଭାବେ ବିଦ୍ୟୁତକାଟ କରିଚାଲି ଥିଲେ ହେଁ ଏଥିପ୍ରତି କାହାର ନିଘା ନଥିବାରୁ ଅଭିଯୋଗ ହୋଇଛି । ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଆଳିପିଙ୍ଗଳ ଓ ସିଠାଲୋ ଫିଡର ଉପରେ ନିର୍ଭର କରୁଥିବା ୪ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ଦୈନନ୍ଦିନ ନାହିଁ ନଥିବା ଅସୁବିଧା ରେ ସମ୍ମୁଖୀନ ହେଉଥିବା ଘଟଣା ଆଳିପିଙ୍ଗଳ କ୍ୟାମ୍ପରେ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାର ବାରମ୍ବାର ଅଭିଯୋଗ ହୋଇଆସୁଛି । ହେଲେ ଏ ପର୍ଯ୍ୟନ୍ତ ଟାଟା କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଟାଟା କର୍ତ୍ତୃପକ୍ଷ ବାରମ୍ବାର କାହିଁକି ଉପଭୋକ୍ତାମାନଙ୍କୁ ନ ଜଣାଇ ମନମୁଖୀ ଭାବେ ଦୈନିକ ୫ଘଣ୍ଟାରୁ ୬ଘଣ୍ଟା ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ କାଟ କରିଚାଲିଛନ୍ତି । ଜଗତସିଂହପୁର ବିଧାୟକଙ୍କ ପକ୍ଷରୁ ନିରପେକ୍ଷ ତଦନ୍ତ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

ଅପରପକ୍ଷେ ଆଜି ଟାଟା ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ମନମୁଖୀ ଭାବେ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରିଥିଲେ । ପୂର୍ବରୁ କୌଣସି ଉପଭୋକ୍ତାଙ୍କୁ ସୂଚନା ପ୍ରଦାନ କରିନଥିଲେ । ଯାହାଫଳରେ ଆଜି ସକାଳ ୮ଟାରୁ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଏହି ଫିଡର୍ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ପାଇପ୍ ଲାଇନ୍ ଯୋଗେ ପାନୀୟ ଜଳ ପାଇପାରିନଥିଲେ । ବିଶେଷକରି ବିଦ୍ୟୁତ କାଟ ଯୋଗୁଁ ପାନୀୟ ଜଳ ଟିକେ ପାଇବା ପାଇଁ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି । ଖାଲି ସେତିକି ନୁହେଁ ଅଘୋଷିତ ବିଦ୍ୟୁତ କାଟ୍ ଓ ପ୍ରଚଣ୍ଡ ଗୁଳୁଗୁଳି ହେଉଥିବାରୁ ଛାତ୍ରଛାତ୍ରୀମାନେ ୨ଟା ପର୍ଯ୍ୟନ୍ତ ଶ୍ରେଣୀ ଗୃହରେ ବସି ପାଠ ପଢ଼ିବା କଷ୍ଟକର ହୋଇପଡୁଛି । ସାମାନ୍ୟ ଟିକେ ବର୍ଷା ପବନ ହେଲେ କି ଘଡ଼ଘଡ଼ି ଓ ବିଜୁଳି ମାରିଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେବା ଆଳିପିଙ୍ଗଳ ଫିଡରରେ ନିତିଦିନିଆରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଟାଟା ବିଭାଗର ସହକାରୀ ଯନ୍ତ୍ରୀ ଦୀପକ କୁମାର ସାହୁଙ୍କୁ ପଚାରିଲେ ଉତ୍ତର ମିଳେ ଉପଭୋକ୍ତାଙ୍କୁ ନଜଣାଇ ଜରୁରୀ କାର୍ଯ୍ୟରେ ଆମେ ୫/୬ଘଣ୍ଟା ବିଦ୍ୟୁତ କାଟ କରିପାରିବୁ । ତେବେ ଟାଟା ବିଭାଗର ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିଲେ ସେ କୁହନ୍ତି ମୁଁ ଜାଣି ନାହିଁ କାହିଁକି ବିଦ୍ୟୁତ କାଟ ହୋଇଛି । ଉପଭୋକ୍ତାଙ୍କୁ ନ ଜଣାଇ କାହିଁକି ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ କାଟ ହୋଇଛି । ବୁଝିକରି କହୁଛି ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ କାଟ ହେଲେ ଉପଭୋକ୍ତାଙ୍କୁ ଅବଗତ କରାଯିବା କଥା । ତେବେ କେଉଁଭଳି ଭାବେ ଟାଟା ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀ ସାହୁ ଆଜି ସକାଳ ୮ଟାରୁ ଦିବା ୨ଟା ପର୍ଯ୍ୟନ୍ତ ମନମୁଖୀ ଭାବେ ବିଦ୍ୟୁତ ଉପଭୋକ୍ତାଙ୍କୁ ନଜଣାଇ ଦୀର୍ଘ ୬ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରିଛନ୍ତି । ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

# ଶଟ୍ ପୁଟ୍‌ରେ ସଚିନ୍ ଖିଲାରୀଙ୍କୁ ରୌପ୍ୟ

## ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ: ୪ ସ୍ୱର୍ଣ୍ଣ, ୮ ରୌପ୍ୟ ଏବଂ ୧୦ ବ୍ରୋଞ୍ଜ୍ ସହ ମୋଟ୍ ୨୧ ପଦକ





**ପ୍ୟାରିସ୍,୪।୯/ଏଜେନ୍ସି:** ପ୍ୟାରିସ୍ ପାରାଲିମ୍ପିକ୍ସର ସପ୍ତମ ଦିନ ବୁଧବାର ସଚିନ୍ ସରଜେରାଓ ଖିଲାରୀ ପୁରୁଷ ଶଟ୍‌ପୁଟ୍ ଏଫ୍୪୬ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି। ଏହି ରୌପ୍ୟ ପଦକ ଜିତିବା ସହ ସଚିନ୍ ୪୦ ବର୍ଷ ମଧ୍ୟରେ ପାରାଲିମ୍ପିକ୍ ଶଟ୍‌ପୁଟ୍ ପଦକ ଜିତିବାରେ ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟ୍ ହୋଇଛନ୍ତି। ସଚିନ୍ ଏସୀୟ ରେକର୍ଡ ୧୬.୩୨ ମିଟର ଥ୍ରୋ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। କାନାଡାର ଗ୍ରେଗ୍ ଷ୍ଟିୱର୍ଟ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କ୍ରୋଏସିଆର ଲୁକା ବାକୋଭିଚ୍‌ଙ୍କୁ ବ୍ରୋଞ୍ଜ୍ ପଦକ ମିଳିଛି। ଏହା ପୂର୍ବରୁ ସଚିନ୍ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ୨୦୨୪ରେ ଏସୀୟ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୩୪ ବର୍ଷୀୟ ଖିଲାରୀ ଦ୍ୱିତୀୟ ପ୍ରୟାସରେ ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ୧୬.୩୦ ମିଟରର ନିଜ ଏସୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏହି ରେକର୍ଡ ୨୦୨୪ ମେ'ରେ ଜାପାନରେ ଆୟୋଜିତ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ସ୍ୱର୍ଣ୍ଣ ଜିତିବା ଅବସରରେ କରିଥିଲେ।

ବୁଧବାର ସଚିନ୍ ରୌପ୍ୟ ପଦକ ଜିତିଥିଲେ ମଧ୍ୟ ମହିଳା ଟେବଲ୍ ଟେନିସ୍‌ରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ମହିଳା ସିଙ୍ଗଲ୍ସ କ୍ଲାସ୍-୪ କ୍ୱାର୍ଟର୍ ଫାଇନାଲ୍‌ରେ ଟୋକିଓ ରୌପ୍ୟ ପଦକ ବିଜେତା ଭାବିନାବେନ ପଟେଲ୍ ୧୨-୧୪, ୯-୧୧, ୧୧-୮, ୬-୧୧ରେ ଚୀନ୍‌ର ଜୋଉ ୟିଙ୍ଗ୍‌ଙ୍କଠାରୁ ହାରିଯାଇଛନ୍ତି।




ସଚିନ୍‌ଙ୍କ ରୌପ୍ୟ ବିଜୟ ସହ ଭାରତର ପଦକ ସଂଖ୍ୟା ୨୧ରେ ପହଞ୍ଚିଛି, ଯାହା ପାରାଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଭାରତୀୟ ଖେଳାଳି ୬ଷ୍ଠ ଦିନ ମଙ୍ଗଳବାର ୫ ପଦକ ଜିତିଥିଲେ। ସମସ୍ତ ପଦକ ଆଥ୍‌ଲେଟିକ୍ସରୁ ଆସିଥିଲା। ମହିଳା ୪୦୦ ମିଟରରେ ସର୍ବପ୍ରଥମେ ଦୀପ୍ତି ଜିଭାଞ୍ଜି ବ୍ରୋଞ୍ଜ୍ ପଦକ ଜିତିଥିଲେ। ବିଶ୍ୱ ଚାମ୍ପିଅନ୍ ଦୀପ୍ତି ୫୫.୮୨ ସେକେଣ୍ଡ୍ ସହ ତୃତୀୟ ସ୍ଥାନରେ ରହିଥିଲେ। ଟ୍ରାକ୍ ଇଭେଣ୍ଟ୍‌ରେ ପଦକ ଜିତିବାରେ ପ୍ରୀତି ପାଲ୍‌ଙ୍କ ପରେ ଦୀପ୍ତି ଦ୍ୱିତୀୟ ଭାରତୀୟ ଆଥ୍‌ଲେଟ୍। ଏହାପରେ ପୁରୁଷ ଏଫ୍୪୬ କାଟାଗୋରୀର ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଅଜିତ୍ ସିଂହ ରୌପ୍ୟ ଓ ସୁନ୍ଦର ସିଂହ ଗୁର୍ଜର୍ ବ୍ରୋଞ୍ଜ୍ ପଦକ ଦେଇଥିଲେ। ଅଜିତ୍ ୬୫.୬୨ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବିଶ୍ୱ ରେକର୍ଡଧାରୀ (୬୮.୬୦ମି.) ସୁନ୍ଦର ସିଂହ ମାତ୍ର ୬୪.୯୬ ମିଟର ଜାଭେଲିନ୍ ଫିଙ୍ଗି ବ୍ରୋଞ୍ଜ୍ ଜିତିଥିଲେ। ଜାଭେଲିନ୍ ଥ୍ରୋ'ରେ ରିଙ୍କୁ (୬୧.୫୮ମି.) ପଞ୍ଚମ ସ୍ଥାନରେ ଫିନିଶ୍ କରିଥିଲେ।

ସେହିପରି ପୁରୁଷ ଟି-୪୨ କାଟାଗୋରୀ ହାଇଜମ୍ପ ଇଭେଣ୍ଟ୍‌ରେ ଶରଦ କୁମାର ରୌପ୍ୟ ଏବଂ ମାରିୟାପ୍ପାନ୍ ଥାଙ୍ଗାଭେଲୁ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଶରଦ ୧.୮୮ ମିଟର ଏବଂ ଥାଙ୍ଗାଭେଲୁ ୧.୮୫ ମିଟର ଜମ୍ପ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟ୍‌ର ସ୍ୱର୍ଣ୍ଣ ପଦକ ଆମେରିକାର ଇଜରା ଫ୍ରେଜ୍ (୧.୯୪ମି.)ଙ୍କୁ ମିଳିଥିଲା। ଭାରତର ଶୈଳେଶ କୁମାର (୧.୮୫ ମି.) ଚତୁର୍ଥ ସ୍ଥାନରେ ରହିଥିଲେ।

# ରାଜସ୍ଥାନ ରୟାଲ୍ସ ମୁଖ୍ୟ କୋଚ୍ ହେବେ ଦ୍ରାବିଡ୍



**ମୁମ୍ବାଇ,୪।୯/ଏଜେନ୍ସି:** ଟିମ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଆଇପିଏଲ୍ ଫ୍ରାଞ୍ଚାଇଜି ଟିମ୍ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ହେବାକୁ ଯାଉଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ ଫ୍ରାଞ୍ଚାଇଜି ସହ ତାଙ୍କର ଡିଲ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଟିମ୍‌ର ଜଣେ ଅଧିକାରୀ କହିଛନ୍ତି। ସେ ଖୁବ୍‌ଶୀଘ୍ର ମୁଖ୍ୟ କୋଚ୍ ପଦକ ଗ୍ରହଣ କରିବେ। ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ଅକ୍ସନ୍ ପୂର୍ବରୁ ଖେଳାଳି ରିଟେନ୍‌ସନ୍ ପରି ପ୍ରସଙ୍ଗରେ ଟିମ୍ ସହିତ କାର୍ଯ୍ୟ ଆରମ୍ଭ କରିବେ। ଅବଶ୍ୟ ଫ୍ରାଞ୍ଚାଇଜି ପକ୍ଷରୁ ଏ ନେଇ କୌଣସି ଆଧିକାରିକ ବୟାନ ଆସିନାହିଁ। ଟିମ୍ ଇଣ୍ଡିଆରେ ଦ୍ରାବିଡ୍‌ଙ୍କ କୋଚିଂ ଷ୍ଟାଫ୍ ଟିମ୍‌ର ସଦସ୍ୟ ବିକ୍ରମ ରାଠୋର ମଧ୍ୟ ରୟାଲ୍ସ ସହିତ ଚୁକ୍ତି ସ୍ୱାକ୍ଷର କରିପାରନ୍ତି। ସେ ଟିମ୍ ଇଣ୍ଡିଆର ବ୍ୟାଟିଂ କୋଚ୍ ଥିଲେ। ସେହିପରି ୨୦୨୧ରୁ ରୟାଲ୍ସର କ୍ରିକେଟ୍ ନିର୍ଦ୍ଦେଶକ ଥିବା କୁମାର ସାଙ୍ଗକାରା ତାଙ୍କ ଭୂମିକା ବଜାୟ ରଖିବେ।

ନିଜ କୋଚିଂରେ ଟିମ୍ ଇଣ୍ଡିଆକୁ ଚଳିତ ବର୍ଷ ଜୁନ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ୍ କରାଇଥିବା ଦ୍ରାବିଡ୍ ପୂର୍ବରୁ ରାଜସ୍ଥାନ ରୟାଲ୍ସରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଥିଲେ। ଆଇପିଏଲ୍ ୨୦୧୨ ଓ ୨୦୧୩ ସିଜନ୍‌ରେ ସେ ଟିମ୍‌ର କ୍ୟାପ୍‌ଟେନ୍ ଥିଲେ। ଏହା ବ୍ୟତୀତ ୨୦୧୪ ଓ ୨୦୧୫ରେ ସେ ଟିମ୍ ନିର୍ଦ୍ଦେଶକ ଓ ମେଣ୍ଟର ମଧ୍ୟ ଥିଲେ।

# ତାହିର ଜମାନ୍ ପାକିସ୍ତାନ ହକି ଟିମ୍ ମୁଖ୍ୟ କୋଚ୍

**ଇସ୍‌ଲାମାବାଦ,୪।୯/ଏଜେନ୍ସି:** ପୂର୍ବତନ କ୍ୟାପ୍‌ଟେନ୍ ତାହିର୍ ଜମାନ୍‌ଙ୍କୁ ଏସିଆନ୍ ଚାମ୍ପିଅନ୍‌ସ ଟ୍ରଫି ପୂର୍ବରୁ ପାକିସ୍ତାନ ହକି ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ସେ ଚୀନ୍‌ର ହୁଲୁନ୍‌ବୁଇର୍‌ରେ ଟିମ୍ ସହ ଯୋଗଦେବେ। ଟୁର୍ଣ୍ଣାମେଣ୍ଟ୍ ସେପ୍ଟେମ୍ବର ୮ରୁ ଆରମ୍ଭ ହେବାକୁ ଥିବା ଏବଂ ରୋଲାଣ୍ଟ ଓଲ୍ଟମାନ୍ସ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ର ଶର୍ଟ-ଟର୍ମ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ଏପରି ଜରୁରୀ ନିଯୁକ୍ତି କରିବାକୁ ପଡ଼ିଛି। ଗତ ଦୁଇଟି ଅନ୍ତର୍ଜାତୀୟ ଇଭେଣ୍ଟ୍‌ରେ ପାକିସ୍ତାନକୁ କୋଚିଂ ଦେଇଥିବା ଓଲ୍ଟମାନ୍ସ ସିଧା ଚୀନ୍‌ରେ ଟିମ୍ ସହ ଯୋଗ ଦେବାକୁ କାର୍ଯ୍ୟକ୍ରମ ଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ସେ ଦୀର୍ଘକାଳୀନ ଚୁକ୍ତି ପାଇଁ ଦାବି କରି ଏଥିରୁ ଓହରି ଯାଇଥିଲେ। ପିଏଚ୍‌ଏଫ୍ ଅଧିକାରୀଙ୍କ ଅନୁସାରେ ଟୁର୍ଣ୍ଣାମେଣ୍ଟ୍ ପାଇଁ ତାହିର ଜମାନ୍‌ଙ୍କୁ ମୁଖ୍ୟ କୋଚ୍ ଏବଂ ଜିଶାନ୍‌ଙ୍କୁ ଟିମ୍ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ନିଜ ସମୟରେ ଜଣେ ଲୋକପ୍ରିୟ ଖେଳାଳି ଥିବା ତାହିର ଜମାନ୍ ପାକିସ୍ତାନ ଜୁନିୟର୍ ଟିମ୍‌ର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି ଏବଂ ତାଙ୍କ ନିକଟରେ କୋଚିଂରେ ମାଷ୍ଟର ଡିଗ୍ରୀ ମଧ୍ୟ ରହିଛି। ଜମାନ୍ ୧୯୯୨ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ବିଜେତା ଟିମ୍‌ର ସଦସ୍ୟ ଥିଲେ।

### ୟୁଏସ୍ ଓପନ୍: ପ୍ରଥମ ଥର ଅନ୍ତିମ-୪ରେ ନଭାରୋ

# ସେମିରେ ହାରିଲେ ବୋପନ୍ନା-ସୁତ୍‌ଜିୟାଦି

**ନ୍ୟୁୟର୍କ,୪।୯/ଏଜେନ୍ସି:** ଭାରତର ରୋହନ ବୋପନ୍ନା ଓ ଇଣ୍ଡୋନେସିଆର ଏଲ୍‌ଡିଲା ସୁତ୍‌ଜିୟାଦିଙ୍କ ଯୋଡ଼ି ୟୁଏସ୍ ଓପନ୍ ମିକ୍ସଡ୍ ଡବଲ୍ସ ସେମିଫାଇନାଲ୍ ମ୍ୟାଚ୍‌ରେ ପରାଜିତ ହୋଇଛି। ଏହି ଯୋଡ଼ିକୁ ଆମେରିକାର ଟେଲର୍ ଟାଉନ୍‌ସେଣ୍ଡ ଓ ଡୋନାଲ୍ଡ ୟଙ୍ଗ୍ ୬-୩, ୬-୪ରେ ମାତ୍ ଦେଇ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଆମେରିକାର ଟେନିସ୍ ଷ୍ଟାର୍ ଏମା ନଭାରୋ ସ୍ପେନ୍‌ର ପାଉଲା ବେଡ଼ୋସାଙ୍କୁ ୬-୨, ୭-୫ ସିଧା ସେଟ୍‌ରେ ହରାଇ କ୍ୟାରିୟର୍‌ର ପ୍ରଥମ ଗ୍ରାଣ୍ଡ୍‌ସ୍ଲାମ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ଦ୍ୱିତୀୟ ସିଡ୍ ଏରିନା ସାବାଲେଙ୍କାଙ୍କୁ ଭେଟିବେ। ବେଲ୍‌ରୁଷ ଷ୍ଟାର୍ ସାବାଲେଙ୍କା ୭ମ ସିଡ୍ ଚୀନ୍‌ର ଝେଙ୍ଗ୍ କିନ୍‌ୱେନ୍‌ଙ୍କୁ ୬-୧, ୬-୨ରେ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଚତୁର୍ଥ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ବିପର୍ଯ୍ୟୟର ଶିକାର ହୋଇଛନ୍ତି। ତାଙ୍କୁ ଆମେରିକାର ଟେଲର ଫ୍ରିଟ୍‌ଜ ହରାଇ ଅନ୍ତିମ-୪ରେ ସ୍ଥାନ ପକ୍କା କରିଛନ୍ତି।



ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ୧୩ଶ ସିଡ୍ ଏମା ନଭାରୋ ପ୍ରଥମ ସେଟ୍ ୨୯ ମିନିଟ୍‌ରେ ଜିତିଥିଲେ। ମାତ୍ର ଦ୍ୱିତୀୟ ସେଟ୍‌ରେ ୨୬ତମ ସିଡ୍ ବେଡୋସା ୫-୧ର ଅଗ୍ରଣୀ ହାସଲ କରିଥିଲେ। ତେବେ ନଭାରୋ ଲଗାତାର ୬ ପଏଣ୍ଟ ଜିତି ଅନ୍ତିମ-୪ରେ ସ୍ଥାନ ସୁନିଶ୍ଚିତ କରିଛନ୍ତି। ନଭାରୋ ଚତୁର୍ଥ ରାଉଣ୍ଡ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ କୋକୋ ଗଫ୍‌ଙ୍କୁ ହରାଇଥିଲେ। ଏହା ପୂର୍ବରୁ ନଭାରୋ ୟୁଏସ୍ ଓପନ୍ ମୁଖ୍ୟ ଡ୍ର'ରେ କୌଣସି ମ୍ୟାଚ୍ ଜିତିନଥିଲେ। ପୁରୁଷ ସିଙ୍ଗଲ୍ସରେ ଦ୍ୱାଦଶ ସିଡ୍ ଟେଲରୀ ଫ୍ରିଟ୍‌ଜି ଚତୁର୍ଥ ସିଡ୍ ଜ୍ୱେରେଭ୍‌ଙ୍କୁ ୭-୬, ୬-୩, ୬-୪, ୭-୬ରେ ମାତ୍ ଦେଇଛନ୍ତି। ଏହି ମୁକାବିଲା ୩ ଘଣ୍ଟା ୨୬ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ସେମିଫାଇନାଲ୍‌ରେ ଆମେରିକୀୟ ଷ୍ଟାର୍‌ଙ୍କ ସାମ୍ନା ନିଜ ଦେଶର ଫ୍ରାନ୍ସିସ୍ ଟିୟାଫୋଙ୍କ ସହ ହେବ। ଟିୟାଫୋଙ୍କ ବିପକ୍ଷ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରୁ ବୁଲ୍‌ଗେରିଆର ଗ୍ରିଗୋର ଦିମିତ୍ରୋଭ୍ ଚତୁର୍ଥ ସେଟ୍‌ରୁ ହଟିଯାଇଥିଲେ। ସେତେବେଳକୁ ସ୍କୋର୍ ୬-୩, ୬-୭, ୬-୩, ୪-୧ ଥିଲା।

# ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍: ଅଷ୍ଟମକୁ ଖସିଲା ପାକିସ୍ତାନ

**ଦୁବାଇ,୪।୯/ଏଜେନ୍ସି:** ପାକିସ୍ତାନ ଟିମ୍ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟମ ସ୍ଥାନକୁ ଖସିଆସିଛି। ବାଂଲାଦେଶ ହାତରୁ ସିରିଜ୍ ହାରିବା ପରେ ଟିମ୍‌କୁ ଦୁଇଟି ସ୍ଥାନର କ୍ଷତି ହୋଇଛି। ଏବେ ପାକିସ୍ତାନର ରେଟିଂ ପଏଣ୍ଟ ୭୬ ରହିଛି। ୧୯୬୫ ପରେ ଏହା ପାକିସ୍ତାନୀ ଟିମ୍‌ର ସବୁଠୁ କମ୍ ରେଟିଂ। ବୁଧବାର ଜାରୀ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଟିମ୍ ୧୨୦ ପଏଣ୍ଟ୍ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଅଷ୍ଟ୍ରେଲିଆ (୧୨୪ ପଏଣ୍ଟ) ଶୀର୍ଷରେ ରହିଛି। ପାକିସ୍ତାନ ଟିମ୍ ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ଥର ବାଂଲାଦେଶଠାରୁ ସିରିଜ୍ ହାରିଛି। ବାଂଲାଦେଶ ଦୁଇ ମ୍ୟାଚ୍‌ର ସିରିଜ୍‌ରେ ପାକିସ୍ତାନକୁ ୨-୦ରେ କ୍ଲିନ୍ ସ୍ୱିପ୍ କରିଛି। ଆୟୋଜକ ଟିମ୍ ପ୍ରଥମ ଟେଷ୍ଟ ୧୦ ୱିକେଟ୍ ଏବଂ ଦ୍ୱିତୀୟ ଟେଷ୍ଟ ୬ ୱିକେଟ୍‌ରେ ହାରିଛି। ଅନ୍ୟପକ୍ଷରେ ସିରିଜ୍ ବିଜୟ ସତ୍ତ୍ୱେ ବାଂଲାଦେଶକୁ ର୍‍ୟାଙ୍କିଙ୍ଗ୍‌ରେ ବିଶେଷ ଲାଭ ହୋଇନି। ଟିମ୍ ୬୬ ରେଟିଂ ପଏଣ୍ଟ୍ ସହ ନବମ ସ୍ଥାନରେ ରହିଛି। ପାକିସ୍ତାନର ଖରାପ ପ୍ରଦର୍ଶନର ଲାଗ ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ୍‌କୁ ମିଳିଛି। ଉଭୟ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ଶ୍ରୀଲଙ୍କା ୮୩ ରେଟିଂ ପଏଣ୍ଟ ସହ ୬ଷ୍ଠ ଏବଂ ୱେଷ୍ଟଇଣ୍ଡିଜ୍ ୭୭ ରେଟିଂ ପଏଣ୍ଟ୍ ସହ ସପ୍ତମ ସ୍ଥାନରେ ରହିଛନ୍ତି।

### ଆଜିଠାରୁ ଦିଲ୍ଲୀ ଟ୍ରଫି ଟୁର୍ଣ୍ଣାମେଣ୍ଟ୍

# ଭାଗନେବେ ବଡ଼ ବଡ଼ ତାରକା ଖେଳାଳି

**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ଗୁରୁବାରଠାରୁ ପ୍ରତିଷ୍ଠିତ ଦିଲୀପ୍ ଟ୍ରଫି ମାଧ୍ୟମରେ ବିସିସିଆଇର ୨୦୨୪-୨୫ ଘରୋଇ ସିଜନ୍‌ର ଆରମ୍ଭ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟ୍ ଭାରତର କେତେକ ଷ୍ଟାର୍ ଖେଳାଳିଙ୍କୁ ଦେଖିବାକୁ ମିଳିବ। ବିଭିନ୍ନ ଟିମ୍ ପକ୍ଷରୁ ଋତୁରାଜ ଗାଏକ୍‌ୱାଡ୍, ଶୁବମନ ଗିଲ୍, ଶ୍ରେୟସ ଆୟର୍, ଶିଭମ୍ ଦୁବେ ଏବଂ ମୟଙ୍କ ଅଗ୍ରୱାଲ୍‌ଙ୍କ ପରି ଖେଳାଳି ସାମିଲ ଅଛନ୍ତି। ଭାରତୀୟ ଟିମ୍ ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷରେ ଟେଷ୍ଟ ଖେଳିବାକୁ ଯାଉଛି। ଏହି କାରଣରୁ କେତେକ ତାରକା ଖେଳାଳି ଦିଲୀପ୍ ଟ୍ରଫିରେ ଉନ୍ନତ ପ୍ରଦର୍ଶନ କରି ଟିମ୍ ଇଣ୍ଡିଆରେ ପ୍ରବେଶ ପାଇବାକୁ ଚାହିଁବେ।

ଚଳିତ ଥର ଦିଲୀପ ଟ୍ରଫିରେ ଚାରିଟି ଟିମ୍ ଭାଗ ନେଉଛନ୍ତି। ଆସନ୍ତାକାଲି ଦୁଇଟି ମ୍ୟାଚ୍ ହେବ। ଗୋଟିଏ ମ୍ୟାଚ୍ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ଏ' ଏବଂ ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ଇଣ୍ଡିଆ-ବି' ମଧ୍ୟରେ ହେବ। ଅନ୍ୟ ମ୍ୟାଚ୍‌ଟି ଋତୁରାଜ ଗାଏକ୍‌ୱାଡ୍‌ଙ୍କ ଇଣ୍ଡିଆ-ସି' ଏବଂ ଶ୍ରେୟସ୍ ଆୟର୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ଡି' ମଧ୍ୟରେ ହେବ।



ବିସିସିଆଇ ସମ୍ପାଦକ ଜୟ ଶାହ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଚନ୍ତି। ୨୦୨୪-୨୫ ଘରୋଇ ସିଜନ୍ ପ୍ରତିଷ୍ଠିତ ଦିଲୀପ୍ ଟ୍ରଫି ସହ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ଏକ ରୋମାଞ୍ଚକର ଆରମ୍ଭ ହେବ। କାରଣ ଚାରିଟି ଯାକ ଟିମ୍‌ରେ ଦେଶର କେତେକ ଉନ୍ନତ ଲମ୍ବା ଫର୍ମାଟ୍ କ୍ରିକେଟର୍ ମୁହାଁମୁହିଁ ହେବେ। ଟିମ୍ ଇଣ୍ଡିଆର ବ୍ୟସ୍ତ କ୍ୟାଲେଣ୍ଡର୍ ସହିତ ଏହି ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ଏବଂ ସୁଯୋଗର ଲାଭ ଉଠାଇବା ନିମନ୍ତେ ଏକ ଆବଶ୍ୟକ ମଞ୍ଚ। ଲାଲ୍ ବଲ୍ ଫର୍ମାଟ୍ କ୍ରିକେଟ୍‌ର ସବୁଠୁ ଶୁଦ୍ଧ ଏବଂ ସିଜନ୍ ଏହି ମଜଭୁତ ନୋଟ୍‌ରୁ ଆରମ୍ଭ ହେବା ବହୁ ଭଲ ସୂଚନା। ଏହା ସହିତ ଜୟ ଶାହ ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra